RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

◆VOLUME- 43 ◆ISSUE-14 ◆TUESDAY ◆8 JULY 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪ ◆ମଙ୍ଗଳବାର ◆୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ରଥରେ ଲାଗିହେଲା ଅଧରପଣା

# ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ



## ତିନିରଥରେ ଭଙ୍ଗାହେଲା ୯ ଅଧର ପଣା ହାଣ୍ଡି

■ **ପୁରୀ, ୭।୭ (ସମିସ):** ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ମଙ୍ଗଳବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ସୋମବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ଧାର୍ଯ୍ୟ ସମୟ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ୧ଘଣ୍ଟା ୧୦ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୧୦ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭଙ୍ଗା ଯାଇଥିଲା।

ସୋମବାର ଆଷାଢ଼ଶୁକ୍ଳ ଦ୍ୱାଦଶୀ। ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏଁ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

### ବର୍ଷକରେ କଞ୍ଚା ତେଲ କମିଛି ୨୦ ଡଲାର: କମ୍ପାନି ପେଟ୍ରୋଲ-ଡିଜେଲ

# ୪୦ ଟଙ୍କାର ତେଲ ୧୦୧ରେ ବିକ୍ରି




**ତେଲ କମ୍ପାନୀ ଲାଭ ଲିଟର ପିଛା ୧୫ ଟଙ୍କା**

**୪୨ ଟଙ୍କା ଟିକସ ନେଉଛି କେନ୍ଦ୍ର ଓ ରାଜ୍ୟ**

**ପେଟ୍ରୋଲ ପମ୍ପ ମାଲିକଙ୍କ ଭାଗ ୩ରୁ ୪ ଟଙ୍କା**

■ **ନୂଆଦିଲ୍ଲୀ, ୭।୭ (ଏଜେନ୍ସି):** ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲ ଅର୍ଥାତ୍ କ୍ରୁଡ଼ ଅଏଲ ମୂଲ୍ୟ ତଳମୁହାଁ। କ୍ରୁଡ଼ ଅଏଲର ମୂଲ୍ୟ ବ୍ୟାରେଲ ପିଛା ୬୬ ଡ଼ଲାରରେ ପହଞ୍ଚିଛି। ଆଗକୁ କ୍ରୁଡ଼ ଅଏଲ୍ ମୂଲ୍ୟ ୬୦ ଡ଼ଲାର ତଳକୁ ଖସିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ମାତ୍ର ଆନ୍ତର୍ଜାତୀୟସ୍ତରରେ ତୈଳ ମୂଲ୍ୟ କମିଥିଲେ ମଧ୍ୟ ଭାରତୀୟ ଉପଭୋକ୍ତା ଏଥିରୁ କୌଣସି ଲାଭ ପାଉ ନାହାନ୍ତି।

ବର୍ତ୍ତମାନର ମହଙ୍ଗା ବଜାର ଦରରେ ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦରଠାରୁ ବଳିଯାଉଛି ଖାଉଟିଙ୍କ ତେଲ କଷ୍ଟ। ବିଡ଼ମ୍ବନା ହେଉଛି ପେଟ୍ରୋଲିୟମ ଉତ୍ପାଦ ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟର ଅଧାରୁ ଅଧିକ କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଏବଂ ପେଟ୍ରୋଲିୟମ କମ୍ପାନୀର ଲାଭ ନେଇଯାଉଛି। ପ୍ରକ୍ରିୟାକରଣ ପରେ ଅଶୋଧିତ ତୈଳର ମୂଲ୍ୟ ପାଖାପାଖି ୫୦ ଟଙ୍କା ଥିବାବେଳେ ଖାଉଟି ଏହାକୁ ୧୦୧ ଟଙ୍କା ଦରରେ କ୍ରୟ କରୁଛି। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ହାରାହାରି ଲିଟର ପିଛା ୧୫ ଟଙ୍କା ଲାଭ କରୁଛନ୍ତି। ଓଡ଼ିଶାରେ ଟିକସ ବାବଦରେ ୨୮% ଆଦାୟ କରାଯାଉଛି ଓ ଅନ୍ୟ ରାଜ୍ୟଗୁଡ଼ିକରେ ଭିନ୍ନଭିନ୍ନ ଟିକସ ହାର ଲାଗୁ ହୋଇଛି, ସେହିପରି କେନ୍ଦ୍ର ସରକାର ମଧ୍ୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବାବଦରେ ଟିକସ ଆଦାୟ କରୁଛନ୍ତି। ବିଡ଼ମ୍ବନା ହେଉଛି ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ▶ପୃଷ୍ଠା-୭

# ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ ନବୀନ



**ଡ଼ାକ୍ତରୀ ଦଳ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଲେ ନବୀନ**

**କୃତଜ୍ଞତା ସହ ଦ୍ରୁତ ଆରୋଗ୍ୟ କାମନା କଲେ ହସ୍ପିଟାଲ କର୍ତ୍ତୃପକ୍ଷ**

■ **ଭୁବନେଶ୍ୱର, ୭।୭ (ସମିସ):** ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେସନ୍ ପରେ ଆଜି କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ସମୟରେ ସେଠାରେ ଉପସ୍ଥିତ ଥିବା ଡ଼ାକ୍ତର, ପାରା ମେଡିକାଲ ଷ୍ଟାଫ୍ ଓ ଅନ୍ୟ ସହଯୋଗୀ କର୍ମଚାରୀଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ସମସ୍ତଙ୍କ ସହ ହାତ ମିଳାଇ ସେମାନଙ୍କ ଚିକିତ୍ସା ଓ ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି। କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ଡାକ୍ତରଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ମଧ୍ୟ ନବୀନଙ୍କ ସହ ଚାଲି ଚାଲି ଆସି ତାଙ୍କୁ ବାଟୋଇ ଦେଇଛନ୍ତି। ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ତେବେ ▶ପୃଷ୍ଠା-୭

### ବିଜେପି ରାଜ୍ୟ ସଭାପତି ପାଇଁ ଏକମାତ୍ର ନାମାଙ୍କନ ଦାଖଲ

# ମୁଖିଆ ହେବେ ମନମୋହନ



■ **ଭୁବନେଶ୍ୱର, ୭।୭ (ସମିସ):** ବିଗତ କିଛି ମାସ ଧରି ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାରେ ଯବନିକା ପଡ଼ିଛି। ମନମୋହନ ସାମଲ ପୁନର୍ବାର ରାଜ୍ୟ ବିଜେପିର ସଭାପତି ହେବା ପଥ ପରିଷ୍କାର ହୋଇଛି। ରାଜ୍ୟ ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ମନମୋହନ ସାମଲ ନାମାଙ୍କନ ଦାଖଲ କରିଛନ୍ତି। ତେଣୁ ଚତୁର୍ଥ ଥର ପାଇଁ ଶ୍ରୀ ସାମଲ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ଆପାତତଃ ଚୂଡ଼ାନ୍ତ ବୋଲି କୁହାଯାଉଛି। ତେବେ ଆସନ୍ତାକାଲି ବିଧିବଦ୍ଧ ଭାବରେ ଦଳର ସଭାପତି ଭାବରେ ତାଙ୍କ ନାମ ଘୋଷଣା ହେବ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କ ସୂଚନା ଅନୁସାରେ ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପ୍ରକ୍ରିୟା ଜାରି ରହିଥିଲା। ନିର୍ଦ୍ଧାରିତ ଅବଧି ▶ପୃଷ୍ଠା-୭

### ■ ଅସୁରକ୍ଷିତ ଗଞ୍ଜାମ

# ଘରୁ ଘୋଷାଡ଼ି ନେଇ ହତ୍ୟା



■ **ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୭।୭ (ସମିସ):** ଘରୁ ଘୋଷାଡ଼ି ନେଇ ହାଣିଦେଲେ। ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗାବାଡ଼ିରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ସେହି ଗ୍ରାମର ଦିଲ୍ଲୀପ କୁମାର ପାତ୍ର(୪୭)। ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ଘରେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଘରୁ ଟାଣି ନେଇ ହତ୍ୟା କରିଥିଲେ। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ୪ରୁ ୫ ଅଭିଯୁକ୍ତଙ୍କ ▶ପୃଷ୍ଠା-୭

# ୩ ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ

■ **ଫୁଲବାଣୀ, ୭।୭(ସମିସ):** ମାଓ ବିରୋଧୀ ଅଭିଯାନରେ କନ୍ଧମାଳ ପୁଲିସକୁ ବଡ଼ ସଫଳତା। ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ଦୁଇ ମହିଳା କ୍ୟାଡର ସମେତ ତିନିଜଣ ହାର୍ଡକୋର ମାଓବାଦୀ। ଏନେଇ ଆଜି କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର। ଆତ୍ମସମର୍ପଣ ▶ପୃଷ୍ଠା-୭

## କ୍ୟାଡର୍ କର୍ମୀଙ୍କୁ ଦେହସୁଖ ନ ଦେଲେ ଶାରୀରିକ ଦଣ୍ଡ



■ **ଭୁବନେଶ୍ୱର,୭।୭(ସମିସ):** ନବାଗତ ମହିଳା ମାଓବାଦୀଙ୍କଠାରୁ କ୍ୟାଡ଼ର ମାଓବାଦୀ ଲୋଡ଼ୁଥିଲେ ଦେହସୁଖ। ଯେଉଁମାନେ ସେମାନଙ୍କ କଥାରେ ରାଜି ହେଉ ନ ଥିଲେ ସେମାନଙ୍କୁ ଭୀଷଣ ଶାରୀରିକ ଦଣ୍ଡ ମିଳୁଥିଲା। କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ୨ ମହିଳା ମାଓବାଦୀ ବଖାଣିଛନ୍ତି ଜଙ୍ଗଲ ଯନ୍ତ୍ରଣାର କରୁଣ କାହାଣୀ। ▶ପୃଷ୍ଠା-୭

### ଗଞ୍ଜାମରେ ଝାଡ଼ାବାନ୍ତି

# ୨ ମୃତ, ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

■ **ବ୍ରହ୍ମପୁର/ଦିଗପହଣ୍ଡି, ୭।୭(ସମିସ):** ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଏବେ ଝାଡ଼ାବାନ୍ତି ଧୀରେଧୀରେ ବ୍ୟାପିବାରେ ଲାଗିଛି। ପ୍ରଥମେ ଦିଗହପଣ୍ଡି ବ୍ଲକରୁ ଏହା ଆରମ୍ଭ ହୋଇଥିବା ବେଳେ ସମ୍ପ୍ରତି ପାତ୍ରପୁର ବ୍ଲକରେ ମଧ୍ୟ ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ, ଜିଲ୍ଲାର ବିଭିନ୍ନ ମେଡ଼ିକାଲରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବିଭିନ୍ନ ସମୟରେ ଲୋକେ ଚିକିତ୍ସିତ ହେଉଥିବା ମଧ୍ୟ ଜଣାଯାଇଛି। ଏଭଳି ସ୍ଥଳେ ଦିଗପହଣ୍ଡି ବ୍ଲକ ଏସ୍.ଟିକରପଡା ପଞ୍ଚାୟତ ଅନ୍ତର୍ଗତ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତିର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତକାଲି ରାତିରେ ଝାଡ଼ାବାନ୍ତିରେ ଆଉ ଜଣଙ୍କର ଜୀବନ ଚାଲିଯାଇଛି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ତିନି ଜଣଙ୍କୁ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡ଼ ମେଡିକାଲ୍ ପଠାଇଥିବା ଜଣାଯାଇଛି। ପାଟପୁର ପୁଲିସ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ପ୍ରକାଶ ରଇତ(୩୩)। ଗୁରୁତରମାନେ ହେଲେ, କାଳିଆ ବିଷୋୟୀ(୬୦), ନନ୍ଦିନୀ ଶବର(୩) ଓ ସୁକାନ୍ତ ଶବର (୨୫) ବୋଲି ଜଣାପଡ଼ିଛି। ସେହଭଳି ଗତ ଚାରିଦିନ ତଳେ ଗ୍ରାମର ଦାସ ଶବର (୬୦) ଏହି ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଫଳରେ ମୃତକଙ୍କ ସଂଖ୍ୟା ସମ୍ପ୍ରତି ଦୁଇରେ ପହଞ୍ଚିଛି।

ସୂଚନାନୁସାରେ, ମୃତ ପ୍ରକାଶ ରଇତ ଗତକାଲି ମଧ୍ୟାହ୍ନରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଭୀଷ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଘରକୁ ନିଆଯାଇଥିଲା। ହେଲେ ବିଳମ୍ବିତ ରାତିରେ ସେ ଅସୁସ୍ଥ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଗ୍ରାମରେ ହଇଜା ବ୍ୟାପିଥିବାରୁ ଆଜି ବ୍ରହ୍ମପୁର ଉପଜିଲ୍ଲାପାଳ ଧିନ ଦସ୍ତାଗିର, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍(ଏଡିଏମ୍) ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ନାୟକ, ଗଞ୍ଜାମ ଜିଲ୍ଲା ଡିପିଏମ୍ ବୁଲୁନାଥ ସାହୋଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର, ସିଡିପିଓ ▶ପୃଷ୍ଠା-୭





## ବିହାରରେ ଡାହାଣୀ ସନ୍ଦେହରେ ପରିବାରର ୫ ଜଣଙ୍କୁ ହତ୍ୟା



ପୂର୍ଣ୍ଣିୟା, ୭ ।୭ (ଏଜେନ୍ସି): ବିହାରର ପୂର୍ଣ୍ଣିୟାରେ ଗୋଟିଏ ପରିବାରର ୫ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ରବିବାର ରାତିରୁ ସମସ୍ତେ ନିଖୋଜ ଥିଲେ । ସୋମବାର ସନ୍ଧ୍ୟାରେ ସମସ୍ତଙ୍କ ମୃତଦେହ ଠାବ କରାଯାଇଛି । ଘରଠାରୁ ଦେଢ଼ କିମି ଦୂରରେ ଥିବା ଏକ ଗଡ଼ିଆରେ ମୃତଦେହଗୁଡିକ ମିଳିଛି । ମୃତଦେହଗୁଡିକ ଜଳାଇବାକୁ ଚେଷ୍ଟା କରାଯାଇଥିଲା ଓ ୮୦ ପ୍ରତିଶତ ଜଳିଯାଇଛି । ଏହି ପରିବାର ସଦସ୍ୟ ଗୁଣିଗାରେଡି ତଥା ଝଡ଼ାଫୁଙ୍କା କରୁଥିଲେ ବୋଲି ପୁଲିସ ତରଫରୁ କୁହାଯାଇଛି । ୩ ଦିନ ତଳେ ଗାଁରେ ଜଣେ ଛୋଟ ଝିଅ ମୃତ୍ୟୁବରଣ କରିଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଗାଁ ଲୋକେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି । ରବିବାର ରାତି ୧୦ରେ ହଠାତ ୫୦ ଜଣ ଲୋକ ଆମ ଘରକୁ ଆସିଥିଲେ ଓ ମୋ ମାଙ୍କୁ ଡାହଣୀ କହି ବାଉଁଶରେ ପିଟିବାକୁ ଲାଗିଥିଲେ ବୋଲି ପରିବାରର ଛୋଟ ପୁଅ କହିଛି । ମାରପିଟ୍ କରିବା ପରେ ୫ ଜଣଙ୍କ ଉପରେ ଡିଜେଲ ପକାଇ ଜିଅନ୍ତା ଜଳାଇ ଦେଇଥିଲୁ ବୋଲି ଗିରଫ୍ ହୋଇଥିବା ନକୁଳ କହିଛନ୍ତି । ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ପୁଟିନଙ୍କ ଦ୍ୱାରା ବହିଷ୍କୃତ ହେବା ପରେ ପରିବହନ ମନ୍ତ୍ରୀଙ୍କ ଆତ୍ମହତ୍ୟା



ମସ୍କୋ, ୭ ।୭ (ଏଜେନ୍ସି): ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ଦ୍ୱାରା ପଦରୁ ବହିଷ୍କୃତ ହେବା ପରେ ରୁଷିଆ ପରିବହନ ମନ୍ତ୍ରୀ ରୋମାନ ଷ୍ଟାରୋଭୋଲେଟ୍ ନିଜ ବନ୍ଧୁକରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି । ପରିବହନ କ୍ଷେତ୍ରରେ ବୃଦ୍ଧିପାଉଥିବା ଦୁର୍ନୀତି ଓ ଏ ନେଇ ଚାପକୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ପୁଟିନ ତାଙ୍କୁ ପଦରୁ ବହିଷ୍କାର କରିଥିଲେ । ସୋମବାର ମ୍ୟାକିନିନୋ ଗାଁ ନିକଟରେ ରୋମାନଙ୍କ ମୃତଦେହ ତାଙ୍କ କାର୍‌ରେ ଦେଖିବାକୁ ମିଳିଥିଲା । ଏବେ ତାଙ୍କ ଡେପୁଟି ଆନ୍ଦ୍ରେଇ ନିକିତିନଙ୍କୁ ନୂଆ ପରିବହନ ମନ୍ତ୍ରୀ ଭାବେ ପୁଟିନ ନିଯୁକ୍ତି ଦେଇଛନ୍ତି । ରୋମାନଙ୍କୁ ୨୦୨୩ରେ ପୁରସ୍କାର ବାବଦରେ ଏହି ବନ୍ଧୁକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହି ବନ୍ଧୁକରେ ହିଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଇଛି । ଏ ନେଇ ତଦନ୍ତ ଶେଷ ହୋଇ ନଥିଲେ ମଧ୍ୟ ସେ ଆତ୍ମହତ୍ୟା କରିଛନ୍ତି ବୋଲି ତଦନ୍ତକାରୀ କମିଟି ତରଫରୁ କୁହାଯାଇଛି । ମସ୍କୋ ଓ ସେଣ୍ଟ ପିଟର୍ସବର୍ଗ ବିମାନବନ୍ଦରରେ ଶହଶହ ବିମାନ ଉଡାଣ ବାତିଲ ଓ ବିଳମ୍ବିତ ହେବା ଫଳରେ ରୋମାନଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା ଓ ସେ ସମାଲୋଚିତ ହୋଇଥିଲେ । ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ ବିମାନ ସେବା ଓ ପରିବହନ କ୍ଷେତ୍ରରେ ଅସନ୍ତୁଳନ ସୃଷ୍ଟି ହୋଇଥିଲା । ଗତ ଶନିବାର ଓ ରବିବାର ପାଖାପାଖି ୪୮୫ ବିମାନ ଉଡାଣକୁ ରଦ୍ଦ କରାଯାଇଥିଲା । ୧, ୯୦୦ ଉଡାଣରେ ଅସମ୍ଭବ ପ୍ରକାର ବିଳମ୍ବ ହୋଇଥିଲା ।

## ଟ୍ରମ୍ପଙ୍କ କଟାକ୍ଷ; ଟ୍ରାକ୍‌ଚ୍ୟୁତ ହୋଇଗଲେଣି ମସ୍କ

ୱାସିଂଟନ, ୭।୭ (ଏଜେନ୍ସି): ଶିଳ୍ପପତି ବନ୍ଧୁ ଏଲନ ମସ୍କ ନୂଆ 'ଆମେରିକା ପାର୍ଟି'କୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟାକ୍ଷ କରିଛନ୍ତି । କହିଛନ୍ତି ଯେ ଟେସ୍‌ଲା ମାଲିକ ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌ଚ୍ୟୁତ ହୋଇଯାଇଛନ୍ତି । ଗତ ୫ ସପ୍ତାହ ହେଲା ସେ ଏକ ଅନିୟନ୍ତ୍ରିତ ଟ୍ରେନ ଭଳି ହୋଇ ଯାଇଛନ୍ତି । ସେ ତୃତୀୟ ରାଜନୈତିକ ଦଳ ଆରମ୍ଭ କରିବାକୁ ଚାହୁଁଛନ୍ତି । କିନ୍ତୁ ଏହା କେବେ ସଫଳ ହୋଇନାହିଁ ବୋଲି ଇତିହାସ ସାକ୍ଷୀ ଅଛି । ଆମେରିକୀୟ ବ୍ୟବସ୍ଥା ଏଭଳି ଦଳ ପାଇଁ ହୋଇନାହିଁ । ତୃତୀୟ ଦଳ କେବଳ ଅବ୍ୟବସ୍ଥା ଏବଂ ଅରାଜକତା ସୃଷ୍ଟି କରିଥାଏ । ଚରମପନ୍ଥୀ ଡେମୋକ୍ରାଟ୍ସ ସୃଷ୍ଟି କରିଥିବା ଅନେକ ଅରାଜକତା ଦେଶରେ ଅଛି ।ସମ୍ବିଧାନ ଅନୁଯାୟୀ ଦେଶର ଜନ୍ମିତ ନାଗରିକ ହିଁ ନିର୍ବାଚନ ଲଢ଼ିପାରିବେ । ତେଣୁ ଦକ୍ଷିଣ ଆଫ୍ରିକାରେ ଜନ୍ମ ହୋଇଥିବାରୁ ମସ୍କ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ । ସେ ପ୍ରାର୍ଥୀ ଦେଇ କିଙ୍ଗମେକର ହେବାକୁ ଚାହୁଁଛନ୍ତି । ୨୦୨୬ ନଭେମ୍ବରରେ 'ହାଉସ୍ ଅଫ୍ ରିପ୍ରେଜନଟେଟିଭ୍'ର ସମସ୍ତ ୪୩୫ ଆସନ ଏବଂ ସିନେଟର ୧୦୦ରୁ ୩୪ ଆସନରେ ନିର୍ବାଚନ ହେବ । ଏଥିରୁ ଯଥାକ୍ରମେ ୮-୧୦ ଏବଂ ୩-୪ ଆସନ ଜିତି ଟ୍ରମ୍ପଙ୍କ ବିଲ୍‌କୁ ଅଟକାଇବାକୁ ମସ୍କ ଲକ୍ଷ୍ୟ ରଖିଛନ୍ତି ।

## ଭୋଟର ତାଲିକା ଯାଞ୍ଚକୁ ନେଇ ବିହାର ରାଜନୀତି ସରଗରମ

ପାଟନା, ୭।୭ (ଏଜେନ୍ସି): ବିହାର ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଯାଞ୍ଚକୁ ନେଇ ରାଜ୍ୟ ରାଜନୀତି ସରଗରମ । ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିରୋଧୀ ଦଳଗୁଡିକ ଗୁରୁବାର ବିହାର ବନ୍ଦ ଡାକରା ଦେଇଛନ୍ତି । ଏଥିରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ସାମିଲ ହେବେ । ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ 'ଭୋଟ ବନ୍ଦୀ' ନାମ ଦେଇଛନ୍ତି । ସେ ଏହାକୁ ନେଇ ସୋମବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । କହିଛନ୍ତି ଯେ ରବିବାର ଇସିଙ୍କୁ ଭେଟିଥିଲୁ, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଜବାବ ମିଳିନାହିଁ । ପାଟନାର ଇସି କୌଣସି କାମକୁ ନୁହଁନ୍ତି । ଏହା ପୋଷ୍ଟ ଅଫିସ ଭଳି । ସେ କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି । ଅନ୍ୟପକ୍ଷରେ ଆରଜେଡି ମୁଖ୍ୟ ଲାଲୁ ଯାଦବ କହିଛନ୍ତି ଯେ ୨ ଗୁଜରାଟୀ ମିଶି ୮ କୋଟି ବିହାରୀଙ୍କ ଭୋଟ ଅଧିକାର କ୍ଷୁର୍ଣ୍ଣ କରିବାକୁ ପ୍ରୟାସ କରୁଛନ୍ତି । ଉଭୟେ ବିହାର, ସମ୍ବିଧାନ ଏବଂ ଗଣତନ୍ତ୍ରକୁ ଘୃଣା କରୁଛନ୍ତି । ସତର୍କ ହୋଇ ସ୍ୱର ଉଠାଇବାକୁ ଏବଂ ଗଣତନ୍ତ୍ର ବଞ୍ଚାଇବାକୁ ଲାଲୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି ।

## ଶଯ୍ୟାଶାୟୀ ପତିଙ୍କୁ ହତ୍ୟା କଲେ ପତ୍ନୀ ଓ ପ୍ରେମିକ

ନାଗପୁର, ୭ ।୭ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ଜଣେ ଶଯ୍ୟାଶାୟୀ ପତିଙ୍କ ମୁହଁରେ ତକିଆ ମାଡ଼ି ତାଙ୍କ ପତ୍ନୀ ଓ ପ୍ରେମିକ ହତ୍ୟା କରିଛନ୍ତି । ଦୁହେଁ ପୁଲିସ ନିକଟରେ ଏହା ସ୍ୱୀକାର କରିଛନ୍ତି । ୧୩ ବର୍ଷ ତଳେ ଚନ୍ଦ୍ରସେନ ରାମଟେକ ଓ ଦିଶା ରାମଟେକ ବିବାହ କରିଥିଲେ । ଉଭୟଙ୍କ ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । ପାଖାପାଖି ଦୁଇବର୍ଷ ପୂର୍ବେ ଚନ୍ଦ୍ରସେନ୍ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ହୋଇଥିଲେ । ଦୁଇମାସ ତଳେ ଦୀଶା ଜଣେ ମେକାନିକ୍ ଆସିଫ୍ ଇସଲାମ ଅନସାରୀ ଉଫ୍‌ର୍ ରାଜାବାବୁ ତିରେୱାଲାଙ୍କ ସହ ପରିଚିତ ହୋଇଥିଲା ଓ ପରେ ପରସ୍ପର ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । କିନ୍ତୁ ପତି ଦୀଶା ଓ ଆସିଫ୍‌ଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ଜାଣି ପାରିଥିଲେ । ଏ ନେଇ ପତି ଓ ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଦିଶା ଏଭଳି ଚରମ ପଦକ୍ଷେପ ନେଇଥିଲେ ।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଏତଲା ରୁଜୁ ହେବା ଆବଶ୍ୟକ: ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୭ ।୭ (ଏଜେନ୍ସି): ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବାସଭବନରେ ମଳିଥିବା ଅଧାଜଳା ନଗଦ ଟଙ୍କା ମାମଲାରେ ତୁରନ୍ତ ଏତଲା ରୁଜୁ କରିବା ଜରୁରୀ ବୋଲି କହିଛନ୍ତି । ଏହି ମାମଲା ନିହାତି ଚିନ୍ତାଜନକ । ଏହା ଆମ ନ୍ୟାୟିକ ବ୍ୟବସ୍ଥାକୁ ଦୋହଲାଇ ଦେବା ଭଳି ସ୍ଥିତି ସୃଷ୍ଟି କରିଛି । ଏହି ମାମଲାର ମୂଳକୁ ଯିବା ଆବଶ୍ୟକ । ନଗଦ ଟଙ୍କା କେଉଁଠୁ ଆସିଲା ତାହା ଜାଣିବା ନିହାତି ଜରୁରୀ । କିନ୍ତୁ ଏହି ମାମଲାରେ କେନ୍ଦ୍ର ସରକାର ନାଚାର । ୯୦ ଦଶକରେ ସୁପ୍ରିମକୋର୍ଟଙ୍କ ଆଦେଶ କାରଣରୁ କୌଣସି ବିଚାରପତି ଉପରେ ଏତଲା ଦାଏର କରାଯାଇପାରିବ ନାହିଁ ବୋଲି ନ୍ୟାସନାଲ ଆଡଭାନ୍ସ ଲିଗାଲ ଷ୍ଟଡିଜ୍ (ଏନ୍‌ୟୁଏଲ୍‌ଏସ୍) ବିଶ୍ୱବିଦ୍ୟାଳୟର ସେମିନାରେ ଯୋଗ ଦେଇ ଧନଖଡ଼ ଏହା କହିଛନ୍ତି ।

# ବ୍ରିକ୍ସ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ଘୋଷଣା

## ଆମେରିକା-ବିରୋଧୀ ନୀତି ପାଇଁ ଅତିରିକ୍ତ ୧୦ % ଶୁଳ୍କ ଧାର୍ଯ୍ୟ ଧମକ

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ସଂପ୍ରତି ବିଶ୍ୱରେ ପ୍ରଚଳିତ ବାଣିଜ୍ୟ ବିଶୃଙ୍ଖଳାକୁ ନେଇ ବ୍ରିକ୍ସ ଚିନ୍ତା ପ୍ରକଟ କରିଥିବା ବେଳେ ଏହି ସଂଗଠନ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ ଧମକ ଦେଇଛନ୍ତି ଯେ ଯେଉଁ ଦେଶ ବ୍ରିକ୍ସର ଆମେରିକା-ବିରୋଧୀ ନୀତିକୁ ସମର୍ଥନ କରିବ ତା ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରାଯିବ । ଏଥିରେ ଚୀନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ବାଣିଜ୍ୟ କ୍ଷେତ୍ରରେ ଏଭଳି ଧମକ କାମ ଦେବନାହିଁ ।

ଭାରତ ସମେତ ୧୧ଟି ଦେଶକୁ ନେଇ ଗଠିତ ବ୍ରିକ୍ସ ସମ୍ମିଳନୀରେ ଟ୍ରମ୍ପଙ୍କ ବାଣିଜ୍ୟନୀତିର ତୀବ୍ର ସମାଲୋଚନା କରାଯାଇଛି । ବ୍ରିକ୍ସ ପକ୍ଷରୁ କୁହାଯାଇଛି ଯେ ଆମେରିକା ଯେଉଁଭଳି ଶୁଳ୍କ ନୀତି ଆପଣାଇଛି, ତାହା ବିଶ୍ୱ ବାଣିଜ୍ୟକୁ ଅସ୍ଥିର କରିପକାଇବ । କେବଳ ଏତିକି ନୁହେଁ ଆମେରିକାର ଆଖିବୁଜା ଶୁଳ୍କ ବୃଦ୍ଧି ବାଣିଜ୍ୟ ପ୍ରତି ବିପଦ ମଧ୍ୟ ସୃଷ୍ଟି କରିବ । ତେବେ ବ୍ରିକ୍ସ ଘୋଷଣାନାମାରେ ଆମେରିକା କିମ୍ବା ଟ୍ରମ୍ପଙ୍କ ନାମ ନିଆଯାଇନାହିଁ । ଆମେରିକା ଓ ଟ୍ରମ୍ପଙ୍କୁ ପରୋକ୍ଷ ସମାଲୋଚନା କରି ଘୋଷଣାନାମାରେ କୁହାଯାଇଛି ଯେ ଏଭଳି ଶୁଳ୍କ ନୀତି ଆନ୍ତର୍ଜାତିକ ଅର୍ଥନୈତିକ ଓ ବାଣିଜ୍ୟ କାରବାର କ୍ଷେତ୍ରରେ ଏବେ ଠାରୁ ଅନିଶ୍ଚିତତା ସୃଷ୍ଟି କରିବା ଆରମ୍ଭ କଲାଣି । ବିଶ୍ୱ ବାଣିଜ୍ୟ ସଂଗଠନ ତତ୍ତ୍ୱାବଧାନରେ ଆପୋସ ବୁଝାମଣା ଓ ସହମତି ଜରିଆରେ ଏକ ଖୋଲା ଓ ସ୍ୱଚ୍ଛ ବାଣିଜ୍ୟ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଘୋଷଣାନାମାରେ ଆହ୍ୱାନ କରାଯାଇଛି । ଏହି ଘୋଷଣାନାମା ପ୍ରକାଶ ପାଇବା ପରେ ଟ୍ରମ୍ପ ପ୍ରତିକ୍ରିୟାଶୀଳ ହୋଇ ବ୍ରିକ୍ସ ରାଷ୍ଟ୍ରଙ୍କୁ ଶୁଳ୍କ ଧମକ ଦେଇଛନ୍ତି । କହିଛନ୍ତି ଯେ ଏଥିରେ କାହାରିକୁ ରିହାତି ମିଳିବାର ପ୍ରଶ୍ନ ଉଠୁନାହିଁ ।

ସୂଚନାଯୋଗ୍ୟ ଯେ ୨୦୦୯ରେ ଭାରତ, ବ୍ରାଜିଲ, ରୁଷ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ହୋଇଥିବା ବ୍ରିକ୍ସରେ ଏବେ ୧୧ ଦେଶ ସଭ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଇଣ୍ଡୋନେସିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ଇଜିପ୍ଟ ଏବଂ ଯୁଥୋପିଆ ।


### ପହଲ୍‌ଗାମ୍ ଓ ଇରାନ ଆକ୍ରମଣକୁ ବ୍ରିକ୍ସ ଦେଶଙ୍କ ନିନ୍ଦା

ବ୍ରାଜିଲର ରିଓ ଡି ଜାନେରିଓରେ ଅନୁଷ୍ଠିତ ୧୭ତମ ବ୍ରିକ୍ସ ସମ୍ମିଳନୀର ଯେଉଁ ମିଳିତ ଘୋଷଣାନାମା ଜାରି କରାଯାଇଛି ସେଥିରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଇରାନ ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରାଯାଇଛି । ତେବେ ପାକିସ୍ତାନର ନାମ ନିଆଯାଇ ନାହିଁ । ଏହା ପୂର୍ବରୁ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ ସଦସ୍ୟ ଥିବା କ୍ୱାଡ ରାଷ୍ଟ୍ରଙ୍କ ବିଦେଶମନ୍ତ୍ରୀ ସମ୍ମିଳନୀରେ ପହଲଗାମ ଆକ୍ରମଣକୁ ନିନ୍ଦା କରାଯାଇଥିଲା । ବ୍ରିକ୍ସ ସମ୍ମିଳନୀରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ପହଲଗାମ ଆକ୍ରମଣ କେବଳ ଭାରତ ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ । ଆତଙ୍କବାଦକୁ ନିନ୍ଦା କରିବା ଆମର ସିଦ୍ଧାନ୍ତ ହେବା ଉଚିତ, କିନ୍ତୁ ଏହା ସୁବିଧା ହେବା ଅନୁଚିତ । ଏହା ସହିତ ମୋଦୀ ଏକ ନୂଆ ବିଶ୍ୱ ବ୍ୟବସ୍ଥା ପାଇଁ ଦାବି କରିଥିଲେ । ସମ୍ମିଳନୀରେ ଆତଙ୍କବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଶବ୍ଦରେ ନିନ୍ଦା କରାଯାଇ କୁହାଯାଉଛି ଯେ ଆତଙ୍କବାଦକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବା ଉଚିତ ନୁହେଁ ।




### ଏନ୍‌ଆଇଏ ଜେରାରେ ସତ ମାନିଲା ତହବୁର

## ୨୬/୧୧ ଆକ୍ରମଣ ସମୟରେ ମୁମ୍ବାଇରେ ଥିଲା




ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ୨୦୦୮ରୁ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ଆତଙ୍କବାଦୀ ତହବୁର ରାଣା ମୁମ୍ବାଇରେ ଥିଲା । ସେ ପାକିସ୍ତାନ ସେନାର ଏଜେଣ୍ଟ ଭାବେ ମଧ୍ୟ କାମ କରୁଥିଲା । ଆତଙ୍କବାଦୀ ଡେଭିଡ କୋଲମାନ ହେଡଲି ସହ ସେ ପାକିସ୍ତାନରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଶିବିରରେ ପ୍ରଶିକ୍ଷଣ ନେଇଥିଲା । ଏହି ଲସ୍କର ଏକ ଆତଙ୍କବାଦୀ ନେଟୱର୍କ ଭଳି କାମ କରୁଥିଲା । ଏନ୍‌ଆଇଏ ଜେରା ସମୟରେ ଆତଙ୍କବାଦୀ ତହବୁର ରାଣା ଏହା ସ୍ୱୀକାର କରିଛି । ଏହି ଜେରାରେ ସାମିଲ ମୁମ୍ବାଇ ପୁଲିସ କ୍ରାଇମବ୍ରାଞ୍ଚ ଏବେ ରାଣାକୁ ଗିରଫ କରି ରିମାଣ୍ଡରେ ନେବାକୁ ପ୍ରସ୍ତୁତି କରୁଛି । ଏବେ ସେ ନ୍ୟାୟିକ ହେପାଜତରେ ରହିଛି । ଦିଲ୍ଲୀର ଅଦାଲତ ଏହି ସମୟସୀମାକୁ ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛନ୍ତି । ୨୦୦୯ ଅକ୍ଟୋବରରେ ଆମେରିକା ଏଜେନ୍ସି ଏଫ୍‌ବିଆଇ ରାଣାକୁ ଚିକାଗୋରୁ ଗିରଫ କରିଥିଲା । ତାକୁ ଗତ ଏପ୍ରିଲ ୧୦ ତାରିଖରେ ପ୍ରତ୍ୟର୍ପଣ କରି ଆମେରିକାରୁ ଭାରତ ଅଣା ଯାଇଥିଲା ।

### ପାକିସ୍ତାନର ଏଜେଣ୍ଟ ଥିଲା; ହେଡଲି ସହ ନେଇଥିଲା ପ୍ରଶିକ୍ଷଣ

ଜେରା ସମୟରେ ରାଣା କହିଥିଲା ଯେ ସେ ଯୋଜନା କରି ମୁମ୍ବାଇରେ ନିଜ କମ୍ପାନୀ ନାମରେ ଇମିଗ୍ରେସନ୍ ସେଣ୍ଟର ଖୋଲିଥିଲେ । ଆକ୍ରମଣର ପ୍ରସ୍ତୁତି ପାଇଁ ସ୍ଥାନ ଏବଂ ସୁବିଧା ଉପଲବ୍ଧ କରିବାକୁ ସେ ଏପରି କରିଥିଲା । ସେଠାରେ ହୋଇଥିବା କାରବାରକୁ ବ୍ୟବସାୟିକ ଖର୍ଚ୍ଚରେ ଦର୍ଶା ଯାଇଥିଲା । ସେ ହେଡଲିକୁ ମୁମ୍ବାଇରେ ଫାଷ୍ଟ ୱାର୍ଲ୍ଡ ନାମରେ ଅଫିସ ଖୋଲିବା ପାଇଁ ମଧ୍ୟ ସହଯୋଗ କରିଥିଲା । ନିଜ ଆତଙ୍କବାଦୀ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ହେଡଲି ଏହାକୁ ବ୍ୟବହାର କରିଥିଲା । ରାଣା ନିଜେ ଛତ୍ରପତି ଶିବାଜୀ ଟର୍ମିନସ୍ ଭଳି ସ୍ଥାନଗୁଡ଼ିକର ରେକି କରିଥିଲେ ବୋଲି ସ୍ୱୀକାର କରିଛି ।ରିପୋର୍ଟ ଅନୁଯାୟୀ ରାଣା କହିଛି ଯେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହିତ ମିଶି ୨୬/୧୧ ଆକ୍ରମଣ କରିଥିଲା । ଉପସାଗରୀୟ ଦେଶରେ ଯୁଦ୍ଧ ସମୟରେ ତାକୁ ପାକ୍ ସେନା ସାଉଦି ଆରବ ପଠାଇ ଥିଲା ବୋଲି ସେ ସ୍ୱୀକାର କରିଛି ।

## ବିବାଦରେ ୟୁଟ୍ୟୁବର ଜ୍ୟୋତିଙ୍କ କେରଳ ଗସ୍ତ



ହିସାର, ୭।୭ (ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହିସାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପୁଣି ଜେଲ୍‌କୁ ପଠାଇ ଦିଆଯାଇଛି । ସୋମବାର ଷଷ୍ଠଥର ପାଇଁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । କିନ୍ତୁ କୋର୍ଟ ତାଙ୍କୁ ପୁଣିଥରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି । ଉଲ୍ଲେଖଥାଉ କି, ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହି ଅବସରରେ ଜ୍ୟୋତି ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରି ସେନା ସମ୍ପର୍କିତ ଗୁପ୍ତ ତଥ୍ୟ ପାକିସ୍ତାନକୁ ସେୟାର କରିବା ଅଭିଯୋଗରେ ଗିରଫ ହୋଇଥିଲେ ।

ସେପଟେ ଜ୍ୟୋତିଙ୍କୁ ନେଇ ନୂଆ ଖୁଲାସା ହୋଇଛି । ଆରଟିଆଇ ଦ୍ୱାରା ଦାଏର କରାଯାଇଥିବା ଏକ ଆବେଦନର ଜବାବ ଦେବା ଅବସରରେ ଜ୍ୟୋତି କେରଳ ଗସ୍ତ କରିଥିଲେ ବୋଲି କୁହାଯାଇଛି ଓ ଏ ନେଇ ବିବାଦ ସୃଷ୍ଟି ହୋଇଛି । କେରଳ ସରକାରଙ୍କ ନିମନ୍ତ୍ରଣ କ୍ରମେ ସେ ସେଠାକୁ ଯାଇଥିଲେ । ଜ୍ୟୋତିଙ୍କ ସମେତ ଏକାଧିକ ବ୍ଲଗର୍ସଙ୍କୁ କେରଳ ଡକାଯାଇଥିଲା ବୋଲି କେରଳ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ମହମ୍ମଦ ରିୟାଜ୍ କହିଛନ୍ତି । କେରଳ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି । ଏହି ଗସ୍ତରେ ଜ୍ୟୋତି କୋଚି, କୁନ୍ନୁର, କୋଝିକୋଡ, ଅଲପୁଝା, ମୁନ୍ନାର ଓ ତିରୁଅନନ୍ତପୁରମ ଯାତ୍ରା କରିଥିଲେ । ଏହି ଅବସରରେ ସେ ଭିଡିଓ ବନାଇ ୨୦୨୫ ଜାନୁୟାରୀ ୩୧ରେ ତାଙ୍କ ୟୁଟ୍ୟୁବ ଚ୍ୟାନେଲ୍‌ରେ ଅପଲୋଡ କରିଥିଲେ । ତାଙ୍କ ସବୁ ଖର୍ଚ୍ଚ କେରଳ ସରକାର ବହନ କରିଥିଲେ । ଏ ନେଇ ବିଜେପି କେରଳ ସରକାରଙ୍କୁ ସମାଲୋଚନା କରିଛନ୍ତି । ଜ୍ୟୋତି ମହଙ୍ଗା ହୋଟେଲ ଓ ହାଉସ୍ ବୋଟ୍‌ରେ ରହିଥିଲେ ବୋଲି ଅଭିଯୋଗ ହୋଇଛି ।

# ସହିପାରୁ ନାହାନ୍ତି ଚୀନ୍, ପାକିସ୍ତାନ

### ଜାଲିଆତି କରି ଭାରତ ବିରୋଧରେ ଅପପ୍ରଚାର ଚଳାଇଛନ୍ତି

ପ୍ୟାରିସ, ୭।୭ (ଏଜେନ୍ସି): କ୍ରମାଗତ ଭାବେ ପାକିସ୍ତାନ ଏବଂ ଚୀନ୍ ଭାରତ ବିରୋଧୀ ଚକ୍ରାନ୍ତ କରି ଚାଲିଛନ୍ତି । 'ଅପରେସନ ସିନ୍ଦୂର' ଅଧିନରେ ଘମାଘୋଟ ଆକ୍ରମଣକୁ ଦେଖି ଅସ୍ତ୍ରବିରତି ପାଇଁ ଆମେରିକାର ଶରଣ ପଶି ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ଚୀନ୍ ସହି ମିଶି ଭାରତ ବିରୋଧରେ ଅପପ୍ରଚାର ଚଳାଇଛି । ଚୀନ ଏବଂ ତୁର୍କୀର ସହାୟତା ନେଇ ବି ଭାରତ ସହ ୪ ଦିନିଆ ସଂଘର୍ଷରେ ହାର ମାନିଥିବା ଇସ୍‌ଲାମାବାଦ ଜମାରୁ ସୁଧୁରିବାର ନା ଧରୁନି । ଏହି ଯୁଦ୍ଧରେ ପାକିସ୍ତାନ, ଚୀନ୍ ଏବଂ ତୁର୍କୀକୁ ବଡ଼ ଝଟ୍‌କା ଲାଗିଥିଲା । ଯୁଦ୍ଧରେ ଚୀନ୍ ସମସ୍ତ ସହାୟତା ଦେଇଥିବା ସତ୍ତ୍ୱେ ପାକିସ୍ତାନ ମୁହଁ ମାଡ଼ି ପଡ଼ିଥିଲା । ଏହି ଝଟ୍‌କାକୁ ଚୀନ୍ ଏବଂ ପାକିସ୍ତାନ ସହି ପାରୁନାହାନ୍ତି । ତେଣୁ ଜାଲିଆତି କରି ରାଫେଲ ଲଢୁଆ ବିମାନକୁ ନେଇ ଭାରତ ଏବଂ ଫ୍ରାନ୍ସ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରୁଛନ୍ତି । ରାଫେଲର କ୍ଷମତା ଉପରେ ପ୍ରଶ୍ନ ଉଠାଉଛନ୍ତି । ପାକିସ୍ତାନ ସାମାଜିକ ଗଣମାଧ୍ୟମରେ ଏବଂ ବିଭିନ୍ନ ଦେଶରେ ଥିବା ନିଜ ଦୂତାବାସଙ୍କୁ ଚୀନ୍ ବ୍ୟବହାର କରି ଏପରି କରୁଛି । ଏହି ଷଡ଼ଯନ୍ତ୍ର ପାଇଁ ଅପରେସନ ସିନ୍ଦୂରର ଏଆଇ ଫଟୋକୁ ବ୍ୟବହାର କରାଯାଉଛି । ପାକିସ୍ତାନର ଗୁମରକୁ ଭାରତ ଏବଂ ଫ୍ରାନ୍ସର ମିଲିଟାରୀ ଓ ସିକ୍ରେଟ ଅଧିକାରୀମାନେ ଚୀନ୍‌ର ମୁଖା ଖୋଲି ଦେଇଛନ୍ତି ।

ଅନେକ ପାକିସ୍ତାନୀ ସାମାଜିକ ଗଣମାଧ୍ୟମ ସାଇଟରେ ଭାରତର ତିନୋଟି ରାଫେଲ ସହିତ ୫ଟି ଯୁଦ୍ଧ ବିମାନ ଉଡ଼ାଇଥିବା ଦାବି କରାଯାଇଥିଲା । ଏଥିରେ ଭାରତୀୟ ବାୟୁସେନାର ୪ ପାଇଲଟ ପ୍ରାଣ ହରାଇଥିବା କୁହାଯାଇଥିଲା । ଏମାନଙ୍କ ମଧ୍ୟରେ ରାଫେଲର ତିନି ପାଇଲଟ ଥିବା ଭାରତ ସରକାର ସ୍ୱୀକାର କରିଛନ୍ତି ବୋଲି କୁହାଯାଇଥିଲା । ତେବେ ଭାରତ ସରକାର ଏହାକୁ ଖଣ୍ଡନ କରିଦେଇଛନ୍ତି । ଏହି ଦାବିର କୌଣସି ସତ୍ୟତା ନାହିଁ ବୋଲି ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି)ର ଫ୍ୟାକ୍ଟ ଚେକ୍ ୟୁନିଟ ପକ୍ଷରୁ କୁହାଯାଇଛି । ପାକିସ୍ତାନ ସମ୍ପୂର୍ଣ୍ଣ ମିଥ୍ୟା ଦାବି କରୁଛି । ଏଭଳି ଖବରକୁ ବିଶ୍ୱାସ ନ କରିବା ପାଇଁ ଲୋକଙ୍କୁ କୁହାଯାଇଛି । ସରକାରଙ୍କ ପକ୍ଷରୁ ଏଭଳି କୌଣସି ବିବୃତ୍ତି ଜାରି କରାଯାଇ ନାହିଁ ।

## ପାକିସ୍ତାନରେ ସାମରିକ ବିଦ୍ରୋହକୁ ନେଇ ଚର୍ଚ୍ଚା

### ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କୁ ଗାଦିଚ୍ୟୁତ କରିବେ ଜେନେରାଲ ମୁନୀର!

ଇସଲାମାବାଦ, ୭।୭: ପାକିସ୍ତାନରେ ଯେକୌଣସି ମୁହୂର୍ତ୍ତରେ ହୋଇପାରେ ସାମରିକ ବିଦ୍ରୋହ । ରାଷ୍ଟ୍ରପତି ଆସିଫ ଅଲୀ ଜର୍ଦ୍ଦାରୀଙ୍କୁ ଗାଦିଚ୍ୟୁତ କରାଯିବ । ତାଙ୍କ ସ୍ଥାନରେ ରାଷ୍ଟ୍ରପତି ହେବେ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀର । ପାକିସ୍ତାନ ଗଣମାଧ୍ୟମରେ ଆଜି ଦିନ ତମାମ ଏଭଳି ଜୋରଦାର ଚର୍ଚ୍ଚା ଚାଲିଛି । ରାଜନୈତିକ ବାତାବରଣ ମଧ୍ୟ ବେଶ ସରଗରମ ରହିଛି । କିନ୍ତୁ ସେନା କିମ୍ବା ସରକାର ଏସଂପର୍କରେ ମୁହଁ ଖୋଲୁନଥିବାରୁ ସାମରିକ ବିଦ୍ରୋହ ପାଇଁ ପରଦା ପଛରେ ପ୍ରସ୍ତୁତି ଚାଲିଥିବା କୁହାଯାଉଛି ।

ପାକିସ୍ତାନ ।ାରେ ସେନା ଅଧ୍ୟକ୍ଷ ଜେନେରାଲ ମୁନୀରଙ୍କ ଦବ୍‌ଦବା ଗତ କିଛି ମାସ ହେଲା ବଢ଼ି ବଢ଼ି ଚାଲିଛି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ତରବରିଆ ଭାବେ ଯେଭଳି ମୁନୀରଙ୍କୁ ଫିଲ୍ଡ ମାର୍ଶଲ ଘୋଷଣା କଲେ, ସେଥିରୁ ସ୍ପଷ୍ଟ ସୂଚନା ମିଳୁଥିଲା ଯେ ସରିଫ ଆତଙ୍କିତ ଅବସ୍ଥାରେ ଅଛନ୍ତି । ନିଜର ପଦବୀ ବଞ୍ଚାଇବା ଲାଗି ମୁନୀରଙ୍କୁ ପଦୋନ୍ନତି ଦେଇଥିଲେ । ପାକିସ୍ତାନ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ସାମରିକ ବିଦ୍ରୋହ ହେଲେ ସରିଫ ବି ବଳିପଡ଼ିବେ ।

ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କ ସହିତ ଜେନେରାଲ ମୁନୀରଙ୍କ ସଂପର୍କ ଗତ କିଛି ଦିନ ଧରି ତିକ୍ତ ହେବାରେ ଲାଗିଛି । ଏହାର କାରଣ କଣ ତାହା ଜଣାପଡ଼ି ନଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ପୁଅ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ଏକ ବିବାଦୀୟ ବୟାନ ଏଭଳି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ ଦେଇ ଜେନେରାଲ ମୁନୀରଙ୍କର କଡ଼ା ସମାଲୋଚନା କରିଥିଲେ ଭୁଟ୍ଟୋ । କେବଳ ଏତିକି ନୁହେଁ ମୁନୀରଙ୍କ ଛତ୍ରଛାୟାରେ ରହିଥିବା ଦୁଇ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ହାଫିଜ ସୟୀଦ ଏବଂ ମସୁଦ ଆଝାରଙ୍କୁ ଭାରତକୁ ହସ୍ତାନର କରିବା ସପକ୍ଷରେ ସେ ଯୁକ୍ତି କରିଥିଲେ । ତାଙ୍କର ଏହି ବୟାନ ପାକିସ୍ତାନ ମୌଲବାଦୀଙ୍କ ଭିତରେ ନିଆଁ ଲଗାଇଦେଇଛି । ମୁନୀର ବି କ୍ଷୁବ୍ଧ । ଭୁଟ୍ଟୋ ମୁନୀରଙ୍କୁ ଯେଭଳି ପ୍ରହାର କରିଛନ୍ତି, ସେଥିରୁ ସାମରିକ ବିଦ୍ରୋହର ଆଭାସ ମିଳୁଥିବା କୁହାଯାଉଛି ।

## ମହାରାଷ୍ଟ୍ରରେ ଉଗ୍ର ହେଉଛି ଭାଷା ବିବାଦ

ମୁମ୍ବାଇ, ୭।୭ (ଏଜେନ୍ସି): ମୁମ୍ବାଇର ସ୍ଥାନୀୟ ପୌର ନିର୍ବାଚନ ପୂର୍ବରୁ ମରାଠୀକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବଡ଼ ରାଜନୈତିକ ପ୍ରସଙ୍ଗ ପାଲଟି ଗଲାଣି । ଏମଏନଏସ ନେତା ହିନ୍ଦୀ ଭାଷଭାଷୀ ଲୋକଙ୍କ ସହ ମାର୍‌ପିଟ୍ କରୁଛନ୍ତି । ଏହା ମଧ୍ୟରେ ଏମଏନଏସ ଉପାଧ୍ୟକ୍ଷ ଜାଭେଦ ଶେଖ୍‌ଙ୍କ ପୁଅ ରାହିଲ ଅର୍ଦ୍ଧନଗ୍ନ ଅବସ୍ଥାରେ ଗାଡ଼ି ଚଲାଇ ନେଲ୍ ଆର୍ଟିଷ୍ଟ ରାଜଶ୍ରୀ ମୋରଙ୍କ କାର୍‌କୁ ଧକ୍କା ଦେବା ସହିତ ଧମକ ଦେଇଛନ୍ତି । ଏପରି ସମୟରେ ମହାରାଷ୍ଟ୍ର ମନ୍ତ୍ରୀ ଆଶୀଷ ସେଲାର ମୁମ୍ବାଇରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ତୁଳନା କରିଛନ୍ତି । କିଛି ନେତା ହିନ୍ଦୁଙ୍କ ସହ ହେଉଥିବା ମାର୍‌ପିଟର ଆନନ୍ଦ ନେଉଛନ୍ତି । ମରାଠୀ ନ କହିବାରୁ ମିଠା ଦୋକାନ ମାଲିକଙ୍କୁ ଏମଏନଏସ କର୍ମୀ ମାଡ଼ ଏବଂ ନିବେଶକ ସୁଶୀଲ କେଡିଆଙ୍କ ଘର ଭଙ୍ଗାଯିବା ପରେ ମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି । ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ କିଛି ଦିନ ତଳେ ରାଜ୍ ଠାକରେ ଦେଇଥିବା ଟିପ୍ପଣୀକୁ ସମାଲୋଚନା କରି ଏହା ଦାଦାଗିରିକୁ ପ୍ରୋତ୍ସାହନ ଦେବ ବୋଲି କହିଛନ୍ତି । ଉତ୍ତର ପ୍ରଦେଶର ଜଣେ ପୂର୍ବତନ କମାଣ୍ଡୋ ପ୍ରବୀଣ କୁମାର ତେଓତିଆ କହିଛନ୍ତି ଯେ ୨୬/୧୧ ଆକ୍ରମଣ ବେଳେ ମୁଁ ଲୋକଙ୍କ ଜୀବନ ବଞ୍ଚାଇ ଥିଲି । ସେତେବେଳେ ଏମଏନଏସ କର୍ମୀ କୁଆଡେ ଚାଲି ଯାଇଥିଲେ?

### ଠାକରେଙ୍କୁ ନିଶିକାନ୍ତ ଦୁବେଙ୍କ ଧମକ

ଏବେ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାଜ ଠାକେରଙ୍କୁ ଧମକ ଦେଇ କହିଛନ୍ତି ଯେ ଯଦି ନିଜ ରାଜ୍ୟରେ ତୁମେ ନିଜକୁ ବହୁତ ବଡ଼ ବସ୍ ଭାବୁଚ ତେବେ ବିହାର, ଉତ୍ତର ପ୍ରଦେଶ, ତାମିଲନାଡୁ ଆସ । ସେଠାରେ ତୁମକୁ ବୁଲାଇ ବୁଲାଇ ମାଡ଼ ମାରିବୁ ।

# ଆଜି ଦାରୁଦିଅଁଙ୍କ ରତ୍ନବେଦୀ ବିଜେ



## ଅପରାହ୍ଣ ୪ଟାରୁ ପହଣ୍ଡି ଆରମ୍ଭ

ପୁରୀ,୭।୭(ସମିସ): ଚଳିତବର୍ଷ ପାଇଁ ଶ୍ରୀମନ୍ଦିର ବାହାରେ ସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ପବିତ୍ର ବାହୁଡ଼ା ଯାତ୍ରାରେ ଜନ୍ମବେଦୀରୁ ବାହୁଡ଼ି ଆସିଛନ୍ତି ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁର ସୁନାବେଶରେ ଲକ୍ଷଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ସେମାନଙ୍କୁ କୃତାର୍ଥ କରିଛନ୍ତି। ସୋମବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ମଙ୍ଗଳବାର ନୀଳାଦ୍ରିବିଜେ। ଏହି ପବିତ୍ର ତିଥିରେ ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଏହାସହ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବୁଧବାରଠୁ ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା। ପୁଣି ଶ୍ରୀମନ୍ଦିରରେ ଲାଗିବ ଗହଳିଚହଳି। ନୀଳାଦ୍ରିବିଜେ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ପ୍ରଶାସନ। ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଜର ପ୍ରସ୍ତୁତି ସାରିଛନ୍ତି। ଏହି ମହାନ୍ ପର୍ବର ଅନ୍ତିମ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ଅପେକ୍ଷାରତ। ନୀଳାଦ୍ରିବିଜେ ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ଣ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ।

## ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ

ପୁରୀ,୭।୭(ସମିସ): ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷ ପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି,

### ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ

ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥା'ନ୍ତି। ପରେ ଗୋଟିପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥା'ନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢ଼ାଇଥା'ନ୍ତି।

ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲି ଦିଆଯାଏ। ମହାପ୍ରଭୁ ଜୟବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପରପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାର ଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥା'ନ୍ତି। ପରେ ଘଷାବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ।

## ଡ୍ରାଇଭର୍‌ଙ୍କ ଷ୍ଟିୟରିଂ ଛାଡ଼ ଆଜି

### ସାରା ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇବେ ଗାଡ଼ି ଚାଳକ

ଭୁବନେଶ୍ୱର, ୭।୭ (ସମିସ): ୭ ଦଫା ଦାବି ନେଇ ମଙ୍ଗଳବାରଠାରୁ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ଓଡ଼ିଶା ଡ୍ରାଇଭର ମହାସଙ୍ଘ। ଦାବି ପୂରଣ ନହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ମାସେ

### ୭ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ ଡକରା

ତଳେ ମହାସଂଘ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରିଥିଲା। କିନ୍ତୁ ଉକ୍ତ ଦାବି ପୂରଣ ହୋଇନଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ଗାଡ଼ି ଚାଳକମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଆନ୍ଦୋଳନ ଡାକରାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଛି। ତେଣୁ ସାରା ରାଜ୍ୟରେ ଏହି ଆନ୍ଦୋଳନର ଜୋରଦାର୍ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ବିଗତ ଦିନରୁ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭର୍‌ମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ଡ୍ରାଇଭରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର୍ ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂଚନାଥାଉ କି ମହାସଂଘର ଦାବିଗୁଡ଼ିକ ହେଲା, ଡ୍ରାଇଭର୍ ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂସ୍ଥଳ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଇତ୍ୟାଦି।

## ଲଘୁଚାପ ବର୍ଷା ଜାରି

## ଆଜି ମୁଣ୍ଡଳୀରୁ ବନ୍ୟା ଜଳ

ଭୁବନେଶ୍ୱର,୭।୭(ସମିସ): ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ଲଘୁଚାପ କ୍ଷେତ୍ରଟି ଆଗାମୀ ୨ ଦିନ ମଧ୍ୟରେ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଦେଇ ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକ ସମେତ ମହାନଦୀର ଉପରମୁଣ୍ଡ ଅର୍ଥାତ ଛତିଶଗଡ଼ରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗିରହିଥିବା ବର୍ଷା ସ୍ଥିତି ଯୋଗୁଁ ବର୍ତ୍ତମାନ ଅଧିକାଂଶ ନଦୀର ଜଳସ୍ତର ଅଧିକ ରହିଛି। ବିଶେଷକରି ଉତ୍ତର ଓଡ଼ିଶା ମଧ୍ୟ ଦେଇ ଯାଇଥିବା ନଦୀଗୁଡ଼ିକର ଜଳସ୍ତର ଅଧିକ ରହିଥିବା ବେଳେ ମଙ୍ଗଳବାର ମହାନଦୀରେ ମୁଣ୍ଡଳୀଠାରେ ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେବାକୁ ଯାଉଛି।

ତେବେ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୌଣସି ନଦୀର ଜଳସ୍ତର ବର୍ତ୍ତମାନ ବିପଦ ସଙ୍କେତ ଉପରେ ନାହିଁ। ଅତ୍ୟଧିକ ବର୍ଷା ଯୋଗୁଁ ଭଦ୍ରକ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ କିଛି କ୍ଷୟକ୍ଷତି ହୋଇଛି। ରିପୋର୍ଟ ଆସିଲେ କ୍ଷତିପୂରଣ ପ୍ରଦାନ କରାଯିବ। ତଳି ଅଞ୍ଚଳରେ ବର୍ଷା ପାଣି ରହିଛି, କିନ୍ତୁ କେଉଁଠି ବି ବନ୍ୟା ପାଣି ପଶିନାହିଁ। ଏହାସତ୍ତ୍ୱେ ଜିଲ୍ଲାପାଳମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ ଏବଂ ବନ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରହିଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ଅଛନ୍ତି। ଯଦି ବନ୍ୟା ସ୍ଥିତି ଉପୁଜେ ତେବେ ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ହୀରାକୁଦରେ ଏବେ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମଙ୍ଗଳବାର ସକାଳ ୬ଟା ପରେ ମୁଣ୍ଡଳୀରେ ଏହି ବନ୍ୟାଜଳ ପହଁଚିବ। ମୁଣ୍ଡଳୀଠାରେ ୪.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ। ଆଗାମୀ ଦିନରେ ବର୍ଷା ଅଧିକ ହେଲେ ଅଧିକ ଗେଟ୍ ଖୋଲା ହେବାର ଆଶଙ୍କା ରହିଛି।

## ବଜ୍ରପାତରେ ଟଳିପଡ଼ିଲେ ୩ ଚାଷୀ

ଭଦ୍ରକ/ତିହିଡ଼ି/ଖଇରା/ସିମୁଳିଆ, ୭।୭ (ସମିସ): ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଆଜି ବଜ୍ରପାତରେ ୨ଭାଇଙ୍କ ସମେତ ୩ଚାଷୀଙ୍କ ଜୀବନ ଯାଇଛି। ମୃତକମାନେ ହେଲେ, ତିହିଡ଼ି ବ୍ଲକ୍ ଅନ୍ତର୍ଗତ ହରସିଂପୁର ପଞ୍ଚାୟତର ଚଣ୍ଡୀସାହି ଗାଁର ମଦନ ମହାରଣା (୬୦) ଓ ହୃଦାନନ୍ଦ ମହାରଣା (୫୫) ଏବଂ ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବ ଚାଷୀ ଚନ୍ଦ୍ରକାନ୍ତ ପଣ୍ଡା (୨୫)। ସେହିପରି ଅନ୍ୟ ଜଣେ ଚାଷୀ ଗିରିଧାରୀ ମହାଳିକ ଗୁରୁତର ଆହତ ହୋଇଛନ୍ତି।



ସୂଚନାନୁଯାୟୀ, ମଦନ ଓ ହୃଦାନନ୍ଦ ଦୁଇଭାଇ। ସେମାନେ ଆଜି ମଧ୍ୟାହ୍ନରେ ଗିରିଧାରୀଙ୍କ ସହ ବିଲକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ସେମାନେ ନିକଟରେ ଥିବା କୁଡ଼ିଆରେ ଆଶ୍ରୟ ନେଇଥିଲେ। ସେଠାରେ ବଜ୍ରପାତ ହେବାରୁ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ତେବେ ସୌଭାଗ୍ୟକୁ ସେଠାରେ ଉପସ୍ଥିତ ଥିବା ଅନ୍ୟ ୨ ଜଣ ବ୍ୟକ୍ତି ମେଘୁଆ ମହାଳିକ, ଜୟଦେବ ମହାରଣା ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁତରମାନଙ୍କୁ ତୁରନ୍ତ ତିହିଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମଦନ ଓ ହୃଦାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୀରହାଟ ପ୍ରଦେଶ ସେବା ସଙ୍ଗଠନର କର୍ମକର୍ତ୍ତା ମୃତାହତଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବଚାଷୀ ଚନ୍ଦ୍ରକାନ୍ତ ଆଜି ଅପରାହ୍ଣରେ ବିଲରେ ହଳ କରାଉଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ପରିବାରଲୋକ ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରକାନ୍ତଙ୍କ ଆକସ୍ମିକ ମୃତ୍ୟୁରେ ସମଗ୍ର କୁରୁଣ୍ଟା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର,୭।୭(ସମିସ): ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ଦଳ। ସୋମବାର ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିସନଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ଖଟୁଆ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଶ୍ରୀ ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କର ସମ୍ମାନ ଉପରେ ନୁହଁ; ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଏହା ପୂର୍ବରୁ ଡଃ ସାମନ୍ତସିଂହାର ମହିଳା ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜିକୃତ ହୋଇଛି।



- ବିଧାୟକଙ୍କ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ
- ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ, ରାଜ୍ୟ ସରକାର ଆଦୌ ତତ୍ପର ନୁହନ୍ତି
- ଏକ ବର୍ଷ ହେଲା ଖାଲି ପଡ଼ିଛି ରାଜ୍ୟ ମହିଳା କମିସନ ପଦବୀ

ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ମହିଳା କମିସନଙ୍କ ଅଫିସକୁ ଯାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମହିଳା କମିସନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏ ନେଇ ଗଣମାଧ୍ୟମକୁ ନିଜର ମନ୍ତବ୍ୟ ଦେଇ ଶ୍ରୀମତୀ ସାହୁ କହିଥିଲେ ଯେ ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି। ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ, ଅପରାଧିକ ମନସ୍ତତ୍ତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି। ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି। ବିଜେପି ସରକାର କ୍ଷମତାକୁ ଆସିବାର ଏକବର୍ଷ ପୂରଣ ହୋଇଥିବା ବେଳେ ସରକାର ବର୍ଷ ପୂର୍ତ୍ତି ପାଳନରେ ବ୍ୟସ୍ତ ଅଛନ୍ତି। କିନ୍ତୁ ମହିଳାଙ୍କ ସ୍ୱାର୍ଥକୁ ଅଣଦେଖା କରିଚାଲିଛନ୍ତି। ଗତ ଏକ ବର୍ଷ ହେଲାଣି ରାଜ୍ୟ ମହିଳା କମିସନ ପଦ ଖାଲି ପଡିଛି। ମହିଳା କମିସନ କାର୍ଯ୍ୟାଳୟରେ ସମ୍ପାଦକ ମଧ୍ୟ ନାହାନ୍ତି। ତେଣୁ ଆଜି ଭାରପ୍ରାପ୍ତ ସମ୍ପାଦକଙ୍କୁ ସ୍ମାରକପତ୍ର ଦିଆଯାଇଛି। ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ କମିଶନ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଶା ରହିଛି। ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ, ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଥିଲେ।

ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ, ଲୋରା ମହାପାତ୍ର, ମାନସୀ ସୁନ୍ଦରାୟ, ଅଂଶୁ ତ୍ରିପାଠୀ, ରକି ଦାସ, ମୋନାଲିସା ଗନ୍ତାୟତ, ଇଲା ସ୍ୱାଇଁ, ସଂଗ୍ରାମ ସାମଲ ପ୍ରମୁଖ ସାମିଲ ଥିଲେ।

## ଏଟିଏମ୍ କାଟି ଲୁଟିନେଲେ ୧୭ ଲକ୍ଷ

ସୋର, ୭।୭ (ସମିସ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତର ଯୋଡ଼ାମ୍ବ ଛକରେ ଥିବା ଏକ ଏସ୍‌ବିଆଇ ଏଟିଏମ୍‌ରୁ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏହି ଆପରାଧିକ ଘଟଣା ଘଟିଛି। ଖବର ପାଇ ଆଜି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତମାନେ କଳା ରଙ୍ଗ ସ୍ପ୍ରେ' କରିଦେଇଥିବାରୁ ଫୁଟେଜ୍‌ରୁ ଅଭିଯୁକ୍ତମାନଙ୍କୁ ଧରିବା ପୁଲିସ୍ ପାଇଁ ଆହ୍ୱାନ ହୋଇଛି।

ସୂଚନାନୁଯାୟୀ, ଏହି ଏସ୍‌ବିଆଇ ଏଟିଏମ୍‌ଟି ଏକ ଭଡ଼ା ଘରେ ଚାଲିଛି। ଗତ ବିଳମ୍ବିତ ରାତିରେ ୫ରୁ ୬ଜଣ ଦୁର୍ବୃତ୍ତ ଏଟିଏମ୍‌ରୁ ଟଙ୍କା ଲୁଟ୍ ପାଇଁ ଆସିଥିଲେ। ପ୍ରଥମେ ସେମାନେ ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ କଳାରଙ୍ଗ ସ୍ପ୍ରେ' କରି ଦେଇଥିଲେ। ପରେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ଟଙ୍କା ଲୁଟ୍ କରିଥିଲେ।

## ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ

ଭୁବନେଶ୍ୱର,୭।୭(ସମିସ): ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ପ୍ରଫେସର ଡା. ସୁଚିତ୍ର ଦାସଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା.ଦୁର୍ଗା ମାଧବ ଶତପଥୀଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଅଧୀକ୍ଷକ, ପ୍ରଫେସର ଡା. ହରେକ୍ରୀଷ୍ଣ ଦଳେଇଙ୍କୁ ଏସ୍‌ଏଲ୍‌ଏନ୍ ଏମ୍‌ସିଏଚ୍, କୋରାପୁଟ୍ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ଗୀତା ସାହୁଙ୍କୁ ଜିଏମ୍‌ସି ସୁନ୍ଦରଗଡ଼ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ବି. ଦାସଙ୍କୁ ବିବି ଏମ୍‌ସିଏଚ୍, ବଲାଙ୍ଗିରର ଅଧୀକ୍ଷକ ଏବଂ ପ୍ରଫେସର ଡା. ନିର୍ମଳ ଚନ୍ଦ୍ର ସାହାଣୀଙ୍କୁ ଜିଏମ୍‌ସିଏଚ୍, ସୁନ୍ଦରଗଡ଼ର ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା. ସୁଭ୍ରା ଘୋଷଙ୍କ ବଦଳିକୁ ରଦ୍ଦ କରାଯାଇ ଓଆଣ୍ଡଜି, ଏସ୍‌ସିବି ଏମ୍‌ସିଏଚ୍‌ର କଟକରେ ପ୍ରଫେସର ଭାବେ ନିଯୁକ୍ତ ଦିଆଯାଇଛି। ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ ମଧ୍ୟ ପ୍ରଫେସର ସାଇକ୍‌ଆଟ୍ରିକ୍ ଭାବେ ଅବସ୍ଥାପିତ ରହିବେ। ପ୍ରଫେସର ଡା. ବ୍ରଜ କିଶୋର ଦାସଙ୍କୁ ପିଆର୍‌ଏମ୍ ଏମ୍‌ସିଏଚ୍, ବାରିପଦାରେ ପ୍ରଫେସର ଏଫ୍‌ଏମ୍‌ଟି, ଭାବେ ନିଯୁକ୍ତି ଦିଆଯାଇଛି।

# ଆସୁଛନ୍ତି ରାହୁଲ ଗାନ୍ଧୀ

### ଗସ୍ତ ସଫଳ ପାଇଁ ପୁରୀ କଂଗ୍ରେସର ପ୍ରସ୍ତୁତି

ପୁରୀ,୭।୭(ସମିସ): ଆସନ୍ତା ୧୧ ତାରିଖରେ କେନ୍ଦ୍ର ବିରୋଧୀ ଦଳ ନେତା ସାଂସଦ ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଓ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୋମବାର ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ପରିସରରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶାର ମହିଳା, ଶିଶୁ ଚାଲାଣ ଏବଂ ୧୦ମ ଶ୍ରେଣୀ ସ୍କୁଲ ଛାତ୍ରୀ ସନ୍ତାନ ପ୍ରସବ କରିବା ଆଦି ଦୁଃଖଦ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ସେହିପରି ରଥଯାତ୍ରାରେ ଘଟିଥିବା ବିଭ୍ରାଟ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି ଓଡ଼ିଶା ବିଧାନସଭାରେ ତାଙ୍କ ପ୍ରତି ହୋଇଥିବା ଆକ୍ରୋଶମୂଳକ ବ୍ୟବହାର ସମ୍ପର୍କରେ କହିଥିଲେ। ଦଳର ସମସ୍ତ କର୍ମୀଙ୍କୁ କଂଗ୍ରେସ କରିଥିବା ଉନ୍ନତିକରଣ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ସହ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ଲାଗି ଆହ୍ୱାନ ଦେଇଥିଲେ।

ପିସିସି ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ, ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ପିସିସି ସଭ୍ୟ ସୁଜିତ ମହାପାତ୍ର, ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ବିଧାୟକ ପ୍ରାର୍ଥୀମାନେ ନିଜର ଆଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଉତ୍ତମ ଆଚାର୍ଯ୍ୟ, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ଗୋପ ବ୍ଲକ ସଭାପତି ନୀଳମଣି ପ୍ରଧାନ, ବିଶ୍ୱଭୂଷଣ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବିରୋଧୀ ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

# ସନ୍ତୋଷଙ୍କୁ ନେଇ ବିଜେପିରେ ଅସନ୍ତୋଷ

ଭୁବନେଶ୍ୱର,୭।୭(ସମିସ): ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ନାକେଦମ୍ ବିଜେପିକୁ ଏବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅଡ଼ୁଆରେ ପକାଇଛନ୍ତି। ଶାସକ ବିଜେପିର ଶ୍ରୀ ଖଟୁଆଙ୍କ ରୁଚିହୀନ ଓ ଅଶାଳୀନ ମନ୍ତବ୍ୟ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି । ରାଜ୍ୟରେ ମୋହନ ସରକାର ଏଥିପାଇଁ ଅପଦସ୍ତ ହୋଇଛନ୍ତି ଓ କେନ୍ଦ୍ରରେ ବିଜେପି ସରକାରକୁ ବିରୋଧୀ ଅଡ଼ୁଆରେ ପକାଇଛନ୍ତି । ଏପରିକି ଆଗାମୀ ମୌସୁମୀ ଅଧିବେଶନ ପ୍ରସଙ୍ଗରେ କଂଗ୍ରେସ ଓ ଇଣ୍ଡି ମେଣ୍ଟର ସହଯୋଗୀମାନେ ଏହାକୁ ପ୍ରସଙ୍ଗ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ବିଜେପିର ନିଦ ଭାଙ୍ଗୁ ନାହିଁ । କେବଳ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହିପରି ମନ୍ତବ୍ୟକୁ ଅତ୍ୟନ୍ତ କଠୋର ଶବ୍ଦରେ ନିନ୍ଦା କରିବା ଭିନ୍ନ ଦଳର ଅନ୍ୟ ଜଣେ ବି ନେତା ଏହାକୁ ନେଇ ତୁଣ୍ଡ ଖୋଲୁ ନାହାନ୍ତି । ଯଦିଓ ଦଳ ଭିତରେ ସନ୍ତୋଷକୁ ନେଇ ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲେ ହେଁ ଏ ସମ୍ପର୍କରେ ନେତାମାନେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି।

ସନ୍ତୋଷ ଖଟୁଆ ଏବେ ଦଳ ପାଇଁ ଗଳଗ୍ରହ ହୋଇଛନ୍ତି ବୋଲି କିଛି ବିଜେପି ନେତା କହୁଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ଶାସକ ବିଜେପିକୁ ଷଣ୍ଢୁଆସୀ ଆକ୍ରମଣ ଜାରି ରଖିଛନ୍ତି।

- ଦଳର ନିରବତାକୁ ନେଇ ସାଧାରଣରେ ସମାଲୋଚନା
- ମୌସୁମୀ ଅଧିବେଶନରେ ସଂସଦରେ ଉଠାଇବ କଂଗ୍ରେସ

ସାମାଜିକ ଅନୁଷ୍ଠାନଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ନୀଳଗିରି ବିଧାୟକଙ୍କ ଔଦ୍ଧତ୍ୟକୁ ସମାଲୋଚନା କରାଯାଉଛି ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ମାତ୍ର ବିଧାୟକ ଶ୍ରୀ ଖଟୁଆଙ୍କ ମୁହଁ ଟାଣ ଭାଙ୍ଗୁନି। ଘଟଣାକୁ ନେଇ ଦୁଃଖ କି ଅନୁଶୋଚନା କରିବା ପରିବର୍ତ୍ତେ ଗଣମାଧ୍ୟମ ନିଜକୁ ଠିକ୍ ବୋଲି ଯୁକ୍ତି ବାଢୁଛନ୍ତି। ଏବଂ ଏପରି ଘଟଣାକୁ ନେଇ ସେ ଅନୁଶୋଚିତ ନୁହନ୍ତି ବୋଲି ଗଣମାଧ୍ୟମ ଆଗରେ ବୟାନ ରଖିଛନ୍ତି। ଯାହାକୁ ନେଇ ଦଳ ଅଧିକ ଅଡୁଆରେ ପଡ଼ିଛି। ଶୃଙ୍ଖଳାର ଅଭାବ ଯୋଗୁଁ ଦଳର ନେତାମାନଙ୍କର ଔଧତ୍ୟ ବଢ଼ି ଚାଲିଛି ବୋଲି କର୍ମୀମାନେ କହୁଛନ୍ତି । ଯେତେ ଅନ୍ୟାୟ କଲେ ମଧ୍ୟ ସରକାରୀ କଳ ଏବଂ ପ୍ରଶାସନ ମଧ୍ୟ ବାଛ ବିଚାର କରି ଶାସକ ଦଳ ନେତାଙ୍କ ଦେହରେ ହାତ ମାରିବାକୁ ଭୟ କରୁଛନ୍ତି। ଏପରି ଦୁର୍ବଳତାର ସୁଯୋଗ ନେଇ ବିଧାୟକ ଖଟୁଆଙ୍କ ପରି ନେତା ଶାଳୀନତାର ସବୁ ସୀମା ଲଂଘନ କରିବାକୁ ସାହସ ପାଉଛନ୍ତି ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଶ୍ରୀ ଖଟୁଆଙ୍କ ମନ୍ତବ୍ୟକୁ ନେଇ ବୁଦ୍ଧିଜୀବୀ ଓ ରାଜନୈତି ସମୀକ୍ଷକମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି । ଏପରି ଲଜ୍ଜାଜନକ ଘଟଣାରେ ଉଭୟ ସରକାର ଏବଂ ସଂଗଠନ ନିରବତା ପ୍ରଦର୍ଶନ କରିବା ଯୋଗୁଁ ଖଟୁଆଙ୍କ ମନୋବଳ ବୃଦ୍ଧି କରିଛି। ଏପରି ତତ୍ତ୍ୱଙ୍କୁ ସରକାର ଘଣ୍ଟ ଘୋଡ଼ାଇ ନିଜର ହିଁ କ୍ଷତି କରୁଛନ୍ତି। ରାଜ୍ୟ ବିଜେପି ମହିଳା ବିରୋଧୀ ବୋଲି ଏକ ବାର୍ତ୍ତା ସାଧାରଣରେ ପ୍ରଚାର ହେଲାଣି। ତେଣୁ ତୁରନ୍ତ ସନ୍ତୋଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନେଲେ ତାହା ବିଜେପି ପାଇଁ ଘାତକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷେ ନୂଆ ସଭାପତି ଚୟନ ପରେ ଦଳର ଶୃଙ୍ଖଳା କମିଟି ବୈଠକ ବସିବା ନେଇ ମଧ୍ୟ ଦଳର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପରୋକ୍ଷରେ ସୂଚନା ପ୍ରଦାନ କରିଛନ୍ତି। ତେବେ ବିଜେପି ନେତାଙ୍କ ଆଭିମୁଖ୍ୟ ଓ ଗତିବିଧିକୁ ଦେଖିଲେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା କ୍ଷୀଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସକାଳ THE SAKALA




### ସମ୍ବଲପୁରରେ ୩ ଦିନ ଜଳଯୋଗାଣ ବନ୍ଦ

# ଘରେ ପାଣି ଟୋପାଏ ନାହିଁ; ଲୋକେ ହନ୍ତସନ୍ତ

**ସମ୍ବଲପୁର, ୭।୭ (ସମିସ)**

ସମ୍ବଲପୁର ସହରର ପ୍ରାୟ ୯୦ ଭାଗ ଅଞ୍ଚଳରେ ଗତ ଶୁକ୍ରବାରଠାରୁ ଜଳଯୋଗାଣ ବନ୍ଦ ରହିଛି। ବାହୁଡ଼ା ଯାତ୍ରାଠାରୁ ଆରମ୍ଭ କରି ସୋମବାର ପର୍ଯ୍ୟନ୍ତ ଲୋକେ ପାଣି ଟୋପାଏ ନପାଇ ହନ୍ତସନ୍ତ ହେଉଛନ୍ତି। ସାରା ସମ୍ବଲପୁରରେ ହାହାକାର ଖେଳିଯାଇଛି। ଲୋକେ ବର୍ଷା ପାଣି ସଂଗ୍ରହ କରି କିମ୍ବା ପାଣି ବୋତଲ କିଣି କାମ ଚଳାଉଛନ୍ତି। ପାଣି ଅଭାବରୁ ଘରେ ଘରେ ରନ୍ଧା ବନ୍ଦ ହୋଇଯାଇଛି। ସମସ୍ୟା ବିଷୟରେ ଜାଣିବାକୁ ଫୋନ କଲେ ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) ଅଧିକାରୀମାନେ ଫୋନ ଉଠାଉନାହାନ୍ତି। ବାରମ୍ବାର ବିଭିନ୍ନ ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଉଥିବାବେଳେ ଏଭଳି ସ୍ଥିତିରେ ଲୋକେ କିପରି ପାଣି ପାଇବେ ସେନେଇ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ଯାନ୍ତ୍ରିକ ତ୍ରୁଟିକୁ ନେଇ କାହାରିକୁ ଅବଗତ କରୁନାହାନ୍ତି। ରାଜ୍ୟର ଅନ୍ୟ ଚାରୋଟି ମହାନଗର ନିଗମରେ ଦିନକୁ ଦୁଇବେଳା ଜଳଯୋଗାଣ ହେଉଛି। ଏସବୁ ସତ୍ତ୍ୱେ ଚେତିନି ଜନସ୍ୱାସ୍ଥ୍ୟ ବିଭାଗ। ସୋମବାର ଖୋଦ୍ ଜିଲ୍ଲାପାଳଙ୍କୁ ସବୁମହଲରୁ ଅଭିଯୋଗ ପରେ ଅପରାହ୍ଣରେ ସମ୍ବଲପୁରର ବିଭିନ୍ନ ଅଞ୍ଚଳକୁ ପର୍ଯ୍ୟାୟକ୍ରମେ ଜଳଯୋଗାଣ ହୋଇଥିଲା।



ହୀରାକୁଦ ନଦୀବନ୍ଧ ତଳେ ରହିଛି ସମ୍ବଲପୁର ମହାନଗର ନିଗମ। ସମ୍ବଲପୁରରେ ୨୦୧୪ ମସିହାରେ କାମଳ ରୋଗ ମହାମାରୀ ରୂପ ଧାରଣ କରିବାପରେ ଜଳ ବିଶୋଧନ କେନ୍ଦ୍ର ଗୁଡ଼ିକ ନବୀକରଣ କରାଯାଇଥିଲା। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାସହ ବିଭିନ୍ନ ଯୋଜନାରେ ପ୍ରତିଟି ଘରକୁ ପାଇପ୍ ପାଣି ଯୋଗାଇବାକୁ ପାଇପ୍ ବିଛାଇବା ସହ ବିଭିନ୍ନ ଜଳଯୋଗାଣ କେନ୍ଦ୍ରର କ୍ଷମତା ବୃଦ୍ଧି କରାଯାଇଥିଲା। ସମ୍ବଲପୁର ମହାନଗର ନିଗମର ଜନସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଛି। ତଦନୁଯାୟୀ ଖସଡ଼ା କରି ପ୍ରସ୍ତୁତ ରହିବା କଥା। ପ୍ରତିଟି କେନ୍ଦ୍ରରେ କୌଣସି ଯାନ୍ତ୍ରିକ ତ୍ରୁଟି ହେଲେ କିଭଳି ଭାବେ ତାହାକୁ ମୁକାବିଲା କରାଯିବ ତାହାର ବ୍ୟବସ୍ଥା କରାଯିବା ଉଚିତ। ଆଜିକାଲି ଲୋକମାନଙ୍କ ଘରେ କୂଅ, ଗଭୀର ନଳକୂପ ଆଦି ନଥିବାବେଳେ ସେମାନେ କେବଳ ପିଏଚ୍‌ଡି ପାଇପ୍ ପାଣି ଉପରେ ନିର୍ଭର କରୁଛନ୍ତି। କିନ୍ତୁ ବହୁ ସମୟରେ ଜଳସଂକଟକୁ ନେଇ ଅଭିଯୋଗ ଲାଗି ରହିଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସତ୍ତ୍ୱେ ସମ୍ବଲପୁର ମହାନଗର ନିଗମର ସମଗ୍ର ଅଞ୍ଚଳରେ ପାଇପଯୋଗେ ପାନୀୟ ଜଳ ଉପଲବ୍ଧ ହୋଇପାରିନାହିଁ। ବିଦ୍ୟୁତ୍ ଯୋଗାଣ ଓ ଜଳଯୋଗାଣ ମୌଳିକ ଉପଯୋଗରେ ଆସୁଥିବାରୁ ସମ୍ବଲପୁର ସହରର ପ୍ରତିଟି ଅଧିବାସୀ ଏହି ଦୁଇଥିରୁ ଯେଭଳି ବଞ୍ଚିତ ନହେବ ସେଥିପାଇଁ ଜିଲ୍ଲା ପ୍ରଶାସନ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଯୁଦ୍ଧକାଳୀନଭିତ୍ତିରେ ତାହାର କାର୍ଯ୍ୟାନ୍ୱୟନ କରିବାକୁ ସମ୍ବଲପୁର ନାଗରିକ କମିଟି ସଭାପତି ମହେନ୍ଦ୍ର ମିଶ୍ର ମତବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବରେଇପାଲି ଜଳ ବିଶୋଧନାଗାରର ଟ୍ରାନ୍ସଫର୍ମର ବଜ୍ରପାତ ଯୋଗୁଁ ପୋଡ଼ି ଯାଇଥିଲା। ଗତକାଲି ତାହାର ଇନ୍‌ଷ୍ଟଲେସନ୍ ପ୍ରକ୍ରିୟା ପୁରା ହୋଇଛି। ଏଥିପାଇଁ ସମ୍ବଲପୁର ସହରରେ ଜଳଯୋଗାଣ ବ୍ୟାହତ ହୋଇଥିଲା। ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଜଳଯୋଗାଣ ସ୍ୱାଭାବିକ ହେବ। ବରେଇପାଲିଠାରେ ଏକ ଡିଜି ସକାଶେ ଟେଣ୍ଡର ପ୍ରକ୍ରିୟା କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ବର୍ଷାଦିନେ ପାନୀୟ ଜଳ ସମସ୍ୟା ୱାଟ୍‌କୋର ଅବହେଳାକୁ ଦର୍ଶାଉଛି : ରୋହିତ

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଏକ ପ୍ରେସ୍ ବିବୃତି ମାଧ୍ୟମରେ କହିଛନ୍ତି, ବର୍ଷା ଦିନରେ ପାନୀୟ ଜଳର ସମସ୍ୟା ୱାଟକୋର ଅବହେଳାକୁ ଦର୍ଶାଉଛି। ଗତ ଗୁରୁବାରଠାରୁ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ପାନୀୟ ଜଳଯୋଗାଣ ସମସ୍ୟା ଦେଖାଦେଇଛି। ଗୁରୁବାର ବରେଇପାଲିସ୍ଥିତ ଜଳ ବିଶୋଧନାଗାର ପ୍ରକଳ୍ପର ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ବଜ୍ରାଘାତ ହେବାରୁ ଟ୍ରାନ୍ସଫର୍ମରଟି ଜଳି ଯାଇଥିଲା। ଫଳରେ ବୁଢ଼ାରଜା, ଶାନ୍ତି ନଗର, ଜଗନ୍ନାଥ କଲୋନୀ, ପ୍ରଧାନ ପଡ଼ା, ଦେହେରିପାଲି, ଧନୁପାଲି, ସାକ୍ଷୀପଡ଼ା, ସାନସଡ଼କ, ବଡ଼ ସଡ଼କ ଆଦି ଅନେକ ଅଞ୍ଚଳରେ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ବରେଇପାଲି ଜଳବିଶୋଧନ ପ୍ରକଳ୍ପରେ ସହରର ଅଧିକାଂଶ ଅଞ୍ଚଳ ନିର୍ଭରଶୀଳ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଯେ ଆଜି ସୋମବାର ସୁଦ୍ଧା ମଧ୍ୟ ୱାଟକୋ ଉକ୍ତ ସମସ୍ୟାର ସମାଧାନ ନ କରିବା ଆହୁରି ଚିନ୍ତାର ବିଷୟ। କାରଣ ପାନୀୟ ଜଳର ଅଭାବ ଯୋଗୁଁ ଜନସାଧାରଣ ନାହିଁ ନ ଥିବା ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି, ବର୍ଷା ଦିନ ଯଦି ଲୋକେ ବିଶୁଦ୍ଧ ପାଣି ବ୍ୟବହାର ନ କଲେ ବିଭିନ୍ନ ପ୍ରକାର ରୋଗ ହେବାର ଆଶଙ୍କା ରହୁଛି। ଆଜି ପର୍ଯ୍ୟନ୍ତ ଉକ୍ତ ସମସ୍ୟାର ସମାଧାନ ନ ହେବା ୱାଟକୋର ଅବହେଳା ଏବଂ ପାନୀୟ ଜଳଯୋଗାଣରେ କେତେ ସମ୍ବେଦନ ତାହା ଜନସାଧାରଣ ଅବଗତ ହେଲେଣି। ଏହାସହ ମୁଦିପଡ଼ା ପାଣିଟାଙ୍କି ନିକଟରେ ଅବସ୍ଥିତ ମାଲିପଡ଼ାର ୪୦ ଘରକୁ ପାନୀୟ ଜଳ ନ ପହଞ୍ଚିବା ମଧ୍ୟ ଏକ ଚିନ୍ତାର ବିଷୟ। ଯଦି ଯଥାଶୀଘ୍ର ଉପରୋକ୍ତ ପାନୀୟଜଳ ସମସ୍ୟା ମାନଙ୍କର ସମାଧାନ ନ କରେ ୱାଟ୍‌କୋ ସମ୍ବଲପୁରର ଜନସାଧାରଣ ଆକ୍ରୋଶର ଶିକାର ହେବ ଏବଂ ଏଥିରେ ବିଜୁ ଜନତା ଦଳ ସମର୍ଥନ କରିବା ସହ ସାମିଲ ମଧ୍ୟ ହେବ ବୋଲି ଇଂ ପୂଜାରୀ ଚେତାବନୀ ଦେଇଛନ୍ତି। ପାନୀୟ ଜଳଯୋଗାଣ ହେଉଛି ଏକ ଜରୁରୀକାଳୀନ ସେବା, ଏଭଳି ସେବା ଆଗକୁ ଯେଭଳି ବାଧାପ୍ରାପ୍ତ ନ ହେବ ସେଥିପ୍ରତି ବିଶେଷ ଦୃଷ୍ଟି ଦେଇ ୱାଟ୍‌କୋ ପକ୍ଷରୁ ଅତିରିକ୍ତ ଟ୍ରାନ୍ସଫର୍ମର ବ୍ୟାକ୍‌ଅପ୍‌ରେ ରଖିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି।



ସୋମବାର ସକାଳେ ଲଗାଣ ବର୍ଷାରେ ବରେଇପାଲି-ଅଇଁଠାପାଲି ସର୍ଭିସ ରୋଡରେ ଜମିଛି ପାଣି

## ବର୍ଷାପରେ ଦୁର୍ଦ୍ଦଶା; ବିଦ୍ୟୁତ୍ ଓ ମୋବାଇଲ୍ ସେବା ଅଚଳ

**କୁଚିଣ୍ଡା, ୭।୭(ସମିସ):** କୁଚିଣ୍ଡା ଉପଖଣ୍ଡରେ ଲଗାଣ ବର୍ଷା ଯୋଗୁଁ ଶତାଧିକ ପରିବାରର ଘର ଉଜୁଡି ଯାଇଛି। ଗତ ତିନି ଦିନ ଧରି ଅଞ୍ଚଳରେ ବିଦ୍ୟୁତ ସେବା ଏବଂ ମୋବାଇଲ ସେବା ଅଚଳ ହୋଇ ପଡ଼ିଥିଲେ ମଧ୍ୟ ପ୍ରଶାସନ ବା ବିଭାଗୀୟ କର୍ମଚାରୀମାନେ ପ୍ରତିକାର କରିପାରି ନ ଥିବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ଗତ ଦୁଇ ଦିନ ଧରି ବର୍ଷା ଯୋଗୁଁ କୁଚିଣ୍ଡା ବ୍ଲକରେ ଘୋର କ୍ଷତି ଘଟିଛି। ଶତାଧିକ ପରିବାର ଘର ଭାଙ୍ଗିଯାଇଥିବା ବେଳେ ନଦୀ ପାର୍ଶ୍ୱରେ ଥିବା ଗାଁର ପକ୍କା ଘର ଗୁଡିକ ମଧ୍ୟ ଦବି ଯାଇଥିବା ଅଭିଯୋଗ ହୋଇଛି। ସଇଡା, ଠେଲକୋବୁଡ, ବାଉରୀଗୋଡା, ସମେତ କୁଚିଣ୍ଡା ସହର ଏବଂ ଗ୍ରାମାଞ୍ଚଳରେ ଏହି କ୍ଷତି ଗୁରୁତର ହେବା ଆଜି ପ୍ରଶାସନ ପକ୍ଷରୁ କ୍ଷତିର ଆକଳନ ଆରମ୍ଭ ହୋଇଥିଲେ ମଧ୍ୟ ସରକାର ସ୍ୱତନ୍ତ୍ର ସୁବିଧା ନଦେଲେ ବହୁ ଗରିବ ପରିବାର ନହିଁ ନଥିବା ଅସୁବିଧାରେ କାଳତିପାତ କରିବେ ବୋଲି ଦେଖାଯାଉଛି। ସଇଡା ବଡକିସାନ ପଡ଼ାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ଥଇଥାନ ସହ କ୍ଷତିପୂରଣ କରିବାକୁ ଦାବି ହୋଇଛି। ସେହିପରି ଦୁଇ ଦିନ ଧରି ଚାଲିଥିବା ରିଲୀଫ କ୍ୟାମ୍ପ ଆଜି ଠାରୁ ଉଠିଥିବା ଜଣାଯାଇଛି। ଲେକେ ନିଜ ନିଜ ଘରକୁ ଫେରିଛନ୍ତି।। ଲଗାଣ ବର୍ଷା ସମେତ ଉପଖଣ୍ଡରେ ବିଦ୍ୟୁତ ବିଭ୍ରାଟ ଏବଂ ତିନି ଦିନ ଧରି ବିଏସଏନଏଲ ସେବା ବନ୍ଦ ରହିବା ଯୋଗୁଁ ଲୋକେ ଘୋର ଅସୁବିଧା ପାଇଥିଲେ। ଏପର୍ଯ୍ୟନ୍ତ ତାର ସଠିକ ପ୍ରତିକାର ହୋଇ ନ ଥିବା ଯୋଗୁଁ ଉପଭୋକ୍ତ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।




## ହୀରାକୁଦ ବନ୍ଧତଳେ ଥାଇ ମିଳୁନି ପିଇବା ପାଣି



**ସମ୍ବଲପୁର, ୭।୭ (ସମିସ) :** ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ହୀରାକୁଦ ବନ୍ଧ ତଳେ ଥାଇ ମଧ୍ୟ ଗତ କେଇଦିନ ହେବ ସମ୍ବଲପୁରବାସୀ ପିଇବା ପାଣି ପାଇପାରୁନାହାନ୍ତି। ଯେଉଁ ଅଞ୍ଚଳରେ ପାଣି ଆସୁଛି ତାହା ମଧ୍ୟ ସ୍ୱଚ୍ଛ ନୁହେଁ ବୋଲି ବିଜେଡି କରିଛି। ସୋମବାର ବିଜେଡିର ପୂର୍ବତନ ରାଜ୍ୟ ସମ୍ପାଦକ ଧର୍ମରାଜ ମରେଇ, ଛାତ୍ରନେତା ସତ୍ୟମ ସାହୁ, ବୈଷ୍ଣବ ପୁରୋହିତ, ସୁଭାଶିଷ ପ୍ରଧାନ, ବିକି କୁମାର ସାହ, ଅଙ୍କିତ ଯାଦବ, ହରିଶ ସାହୁ, ଶୁଭମ ବସନ୍ତିଆ ପ୍ରମୁଖ ୱାଟ୍‌କୋ ଅଧୀକ୍ଷଣ ଯନ୍ତ୍ରୀ ବ୍ରହ୍ମେଶ୍ୱର ଦାସ ଓ ଅନ୍ୟମାନଙ୍କୁ ଭେଟି ଏନେଇ ଆଲୋଚନା କରିଛନ୍ତି। ଆଗାମୀ ଦିନରେ କିପରି ଭାବରେ ଲୋକେ ଦିନକୁ ଦୁଇଥର ଭଲ ପାଣି ମିଳିବ ସେଥିପ୍ରତି ଧ୍ୟାନ ଦେବାକୁ ଦାବି କରିଛନ୍ତି। ଏହା କାର୍ଯ୍ୟକାରୀ ନହେଲେ ବିଜୁ ଯୁବ ଛାତ୍ର ଜନତାଦଳ ସମ୍ବଲପୁରବାସୀଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ଫୋନ ଯୋଗେ ଏନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୭।୭ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସୁବଳକାନ୍ତ ନାଏକଙ୍କ ବିୟୋଗରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ସଂଘ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆଭାସି ମାଧ୍ୟମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ଅମାୟିକ ଓ ସ୍ନେହୀ ବ୍ୟକ୍ତି ଥିଲେ ବୋଲି ମତପ୍ରକାଶ ପାଇଥିଲା। ଶୋକ ସଭାରେ ପ୍ରଫେସର ନକୁଳ ଚୌଧୁରୀ, ପ୍ରଫେସର ଆଶୁତୋଷ ନାଏକ, ସମ୍ପାଦକ ନୀଳକଣ୍ଠ ମହାପାତ୍ର, ଭବାନୀ ପ୍ରସାଦ ସିଂହ, ମହେନ୍ଦ୍ର ମିଶ୍ର, ସନ୍ତୋଷ କାନୁନଗୋ, ଦିଲ୍ଲୀପ କୁମାର ପଣ୍ଡା, ଅଶ୍ୱିନୀ କୁମାର ମିଶ୍ର, ରବି ମିଶ୍ର, ଜନ୍ମେଜୟ ବେହେରା, ପ୍ରତାପ ପଣ୍ଡା, ବିମଳ ପ୍ରଧାନ, ରତ୍ନଭୂଷଣ ପୁରୁଷେଠ, କିଶୋର ନନ୍ଦ, ମୁନୁ ଷଡ଼ଙ୍ଗୀ, ନରେନ୍ଦ୍ର କୁମାର ମିଶ୍ର, ସତ୍ୟବ୍ରତ ସାମଲ, ମେଦିନୀ ନାଏକ ପ୍ରମୁଖ ଅନ୍‌ଲାଇନ୍‌ରେ ଯୋଡ଼ିହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ଭାରତୀୟ କବାଡ଼ି ଶିବିରରେ ସମ୍ବଲପୁରର ଝିଅ ପ୍ରିୟଙ୍କା

**ସମ୍ବଲପୁର, ୭।୭ (ସମିସ) :** ଅକ୍ଟୋବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ବାହାରିନ୍‌ଠାରେ ତୃତୀୟ ଏସିଆନ୍ ୟୁଥ୍ ଗେମସ୍ ଆୟୋଜିତ ହେବ। ଭାରତୀୟ ୧୮ ବର୍ଷରୁ କମ୍ ଏସିଆନ ଗେମ ପ୍ରଶିକ୍ଷଣ ଶିବିର ସକାଶେ ସମ୍ବଲପୁରର ଝିଅ ପ୍ରିୟଙ୍କା ପ୍ରଧାନ ମନୋନୀତ ହୋଇଛନ୍ତି। ସୋମବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ଜିଲ୍ଲାପାଳ ଚ୍ୟାମ୍ବରରେ ପ୍ରିୟଙ୍କା ଓ ତାଙ୍କ କୋଚ୍ ଶ୍ରୀକାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରିୟଙ୍କାଙ୍କୁ ସବୁପ୍ରକାର ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଜିଲ୍ଲା କ୍ରୀଡ଼ା ସଂଘର କ୍ରୀଡ଼ା ସମ୍ପାଦକ ରାଜେଶ ସେଠ ଏବଂ ସମ୍ବଲପୁର କବାଡି କ୍ଲବର ରାମଦାସ ପଣ୍ଡା ଉପସ୍ଥିତ ଥିଲେ।



ଗତମାସ ଉତ୍ତରାଖଣ୍ଡରେ ନ୍ୟାସନାଲ କବାଡି ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ଦଳରୁ ସମ୍ବଲପୁରର ୩ ଜଣ ଝିଅ ଏବଂ ୨ ଜଣ ପୁଅ ପ୍ରତିନିଧିତ୍ୱ କରିଥିଲେ। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ପାଇଁ ଓଡ଼ିଶାରୁ ଦୁଇଜଣ ଝିଅ ଏବଂ ଜଣେ ପୁଅ ମନୋନୀତ ହୋଇଛନ୍ତି। ତନ୍ମଧ୍ୟରେ ସମ୍ବଲପୁର ଜିଲ୍ଲାର ପ୍ରିୟଙ୍କା ପ୍ରଧାନ ରହିଛନ୍ତି। ସମ୍ବଲପୁରର ପ୍ରଥମ ଝିଅ ଯିଏ କି ଭାରତୀୟ କବାଡ଼ି ଦଳର ଭାରତୀୟ ପ୍ରଶିକ୍ଷଣ ଶିବିର ପାଇଁ ମନୋନୀତ ହେଇଛନ୍ତି। ପୂର୍ବରୁ ପ୍ରିୟଙ୍କା ୩ ଥର ଜାତୀୟ ଦଳରେ ପ୍ରତିନିଧିତ୍ୱ କରିସାରିଛନ୍ତି। ପ୍ରିୟଙ୍କା କୁଞ୍ଜେଲପଡ଼ାସ୍ଥିତ ୟଙ୍ଗ୍ ବୟଜ୍ ଆସୋସିଏସନ୍‌ରେ କବାଡ଼ି ପ୍ରଶିକ୍ଷକ ସମ୍ବଲପୁର ପୋଲିସର ଶ୍ରୀକାନ୍ତ ବାରିକଙ୍କ ଠାରୁ କବାଡ଼ି ଶିଖିଛନ୍ତି। ସେ ଖୁବଶୀଘ୍ର ଜୟପୁରଠାରେ ହେବାକୁଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିବେ। ପ୍ରିୟଙ୍କା ଏହି ସଫଳତା ପାଇଁ ନିଜ ମାତା ପିତା, ୱାଇବିଏ କ୍ଲବର ସମସ୍ତ ସଦସ୍ୟ ଏବଂ ବିଶେଷ ଭାବରେ କୋଚ ଶ୍ରୀକାନ୍ତ ବାରିକଙ୍କୁ ଶ୍ରେୟଃ ଦେଇଛନ୍ତି। ଜିଲ୍ଲା କ୍ରୀଡ଼ା ସଂଘର ଉପସଭାପତି ଦୁଲାଲ ପ୍ରଧାନ, ସମ୍ପାଦକ ସୁନୀଲ ସାହୁ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ ପ୍ରମୁଖ ପ୍ରିୟଙ୍କାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଜିଲ୍ଲା ବିଜେଡି ସଭାପତିଙ୍କ ଶୋକ

**ସମ୍ବଲପୁର, ୭।୭ (ସମିସ) :** ସମ୍ବଲପୁର ଜିଲ୍ଲା ବିଜେଡିର ବରିଷ୍ଠ ନେତା ଅଶୋକ ମହାକୁଡଙ୍କ ବଡ଼ଭାଇ ରବୀନ୍ଦ୍ର କୁମାର ମହାକୁଡଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ସେ ସ୍ୱର୍ଗତ ମହାକୁଡ଼ ବୁର୍ଲା ଅଞ୍ଚଳରେ ଜଣେ ସୁପରିଚିତ ବ୍ୟକ୍ତି ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ ନିମନ୍ତେ ସେ ମା' ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଧନକଉଡ଼ା ବ୍ଲକ୍‌ରେ ଅଭିଯୋଗ ଶୁଣାଣି

**ସମ୍ବଲପୁର, ୭।୭ (ସମିସ) :** ଜୁଲାଇ ମାସର ପ୍ରଥମ ସୋମବାର ଧନକଉଡା ବ୍ଲକ କାର୍ଯ୍ୟାଳୟରେ



ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୦ଟି ଆବେଦନ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରେ ୧୫ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ସମସ୍ୟା ଜଡ଼ିତ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ଜଣେ ହିତାଧିକାରୀଙ୍କୁ ହ୍ୱିଲଚେୟାର, ମଧୁବାବୁ ପେନସନ ଯୋଜନାରେ ୬ ଜଣ ହିତାଧିକାରୀଙ୍କୁ ବିଧବା ଭତ୍ତା, ଜଣେ ହିତାଧିକାରୀଙ୍କୁ ଅବିବାହିତ ଭତ୍ତା ଏବଂ ୨ ଜଣ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଭତ୍ତା ଦେବାସହ ଜଣେ ଲେଖାଏ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ଓ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଧନକଉଡ଼ା ବିଡିଓ ଅନୀଲ କୁଲ୍ଲୁ ତଥା ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁଷ୍କର୍ମକାରୀକୁ ୧୨ ବର୍ଷ ଜେଲ

**ସମ୍ବଲପୁର, ୭।୭ (ସମିସ) :** ୨୦୧୬ରେ ଏକ ଦୁଷ୍କର୍ମ ଅଭିଯୋଗର ବିଚାରକରି ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ଅଭିଯୁକ୍ତ ଜୟଧର ବାଗକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବ। ସୂଚନା ଅନୁଯାୟୀ, ଘଟଣାଟି ୨୦୧୬ ଅଗଷ୍ଟରେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଞ୍ଚଳରେ ଘଟିଥିଲା। ପୀଡ଼ିତାର ବୟସ ୧୬ ବର୍ଷ ଥିବା ବେଳଠାରୁ ଅଭିଯୁକ୍ତ ଜୟଧର ବାଗ ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲା। ପୀଡ଼ିତା ଗର୍ଭବତୀ ହୋଇ ଅଭିଯୁକ୍ତକୁ ବିବାହ ପାଇଁ କହିବାରୁ ଜୋରଜବରଦସ୍ତି ଗର୍ଭପାତ କରାଇଥିଲା। ବିବାହ ପାଇଁ ମନା କରିବାରୁ ପୀଡ଼ିତା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁକରି ଥାନାଧିକାରୀ ଘଟଣାର ତଦନ୍ତକରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ମୋଟ ୧୫ ଜଣଙ୍କ ସାକ୍ଷ୍ୟପ୍ରମାଣ ଏବଂ ତଥ୍ୟ ଅନୁଯାୟୀ ଅଭିଯୁକ୍ତ ଜୟଧର ବାଗକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୩୭୬(୨)(ଆଇ)(୩)ରେ ଅଭିଯୁକ୍ତକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଦଫା ୩୧୩ ଆଇପିସିରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଅଧିକ ୧ ବର୍ଷ ଦଣ୍ଡାଦେଶ କରିଛନ୍ତି। ଉଭୟ ଦଣ୍ଡାଦେଶ ଏକକାଳୀନ ଚାଲିବ। ପୀଡ଼ିତାକୁ ଅନୁକମ୍ପା ରାଶି ଭାବରେ ୧୫ ଲକ୍ଷ ଟଙ୍କା ଦେବାପାଇଁ ବିଚାରପତି ଜିଲ୍ଲା ଆଇନ ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ଏହି ମାମଲାଟି ପରିଚାଳନା କରୁଥିଲେ।

## ଘର ନିକଟରୁ ବୋଲେରୋ ଚୋରି

**ଜମନକିରା, ୭।୭ (ସମିସ) :** ସୋମବାର ଭୋର୍ ପ୍ରାୟ ୪ଟା ସମୟରେ ଘର ପାଖରେ ଥିବା ଏକ ବୋଲେରୋ ଗାଡ଼ିକୁ କେହି ଚୋରି କରି ନେଇଯାଇଥିବା ଜମନକିରା ଥାନାରେ ଅଭିଯୋଗ ହୋଇଛି। ଗାଡ଼ି ନମ୍ବର ଓଡ଼ି ୧୫ସି ୦୬୯୫ ହୋଇଥିବାବେଳେ ଗାଡ଼ଟି ବେଣୁଧର ନାଏକଙ୍କ ବୋଲି ଜଣାପଡ଼ିଛି। ଜମନକିରା ଥାନା ଠାରୁ ପ୍ରାୟ ୧କିଲୋମିଟର ଦୂର ଘର ନିକଟରୁ ଗାଡ଼ି ଚୋରି ହୋଇଛି। ପୁଲିସର ନାକ ତଳୁ ଗାଡ଼ି ନେବା ଭଳି ସ୍ଥିତି ହୋଇଛି। ଉକ୍ତ ଗାଡ଼ିକୁ ଆଗରୁ ଥରେ ମଧ୍ୟ ଚୋରି କରିବା ପାଇଁ ଚୋରମାନେ ଉଦ୍ୟମ କରିଥିବା କୁହାଯାଉଛି।

## ରେଳ ଧାରଣାରେ ରିଲ୍ସ ବିରୋଧରେ ସଚେତନତା

**ସମ୍ବଲପୁର, ୭।୭ (ସମିସ) :** ପୂର୍ବତଟ ରେଳପଥ ରେଳ ଟ୍ରାକରେ ସୋସିଆଲ ମିଡିଆ ରିଲ୍ କିମ୍ବା ଷ୍ଟଣ୍ଟ ଭିଡିଓ ତିଆରି କରିବାର ବିପଜ୍ଜନକ ଏବଂ ବେଆଇନ ଅଭ୍ୟାସ ବିରୁଦ୍ଧରେ ଏହାର ନିରନ୍ତର ସଚେତନତା ଅଭିଯାନ ଜାରି ରଖିଛି। ଯାହା ଜୀବନ ଏବଂ ସୁରକ୍ଷା ପାଇଁ ଗମ୍ଭୀର ବିପଦ ସୃଷ୍ଟି କରେ। ଏକ ସାମ୍ପ୍ରତିକ ଘଟଣାରେ ଗତ ୫ ତାରିଖ ଏକ ବିଶ୍ୱସ୍ତ ସୂତ୍ରରୁ ଏକ ଅଡିଓ-ଭିଡିଓ କ୍ଲିପ୍ ରେଳପଥର ହସ୍ତଗତ ହୋଇଛି। ଭିଡିଓରେ ଜଣେ ବାଳକ ରେଳ ଟ୍ରାକର କଂକ୍ରିଟ୍ ସ୍ଲିପର ମଧ୍ୟରେ ଶୋଇଥିବା ଦେଖାଯାଇଥିଲା, ଯେତେବେଳେ ଏକ ଟ୍ରେନ୍ ଟ୍ରାକ ଉପରେ ଯାତ୍ରା କରୁଥିଲା। ବଲାଙ୍ଗିରର ରେଳବାଇ ସୁରକ୍ଷା ବଳ ଇନ୍ସପେକ୍ଟରଙ୍କ ଅଧୀନରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଦଳ ଦ୍ୱାରା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଏବଂ ପୁରୁଣାପାଣି ଷ୍ଟେସନରେ ପହଞ୍ଚି ସ୍ଥାନୀୟ ବାଉଁଶୁଣୀ ପୁଲିସ ଷ୍ଟେସନକୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସହିତ ରେଳ ସୁରକ୍ଷା ବଳ ଏବଂ ସ୍ଥାନୀୟ ପୁଲିସର ମିଳିତ ତଦନ୍ତ ପରେ ପୁରୁଣାପାଣି ନିକଟସ୍ଥ ଏକ ଗ୍ରାମରୁ ସମ୍ପୃକ୍ତ ପିଲାମାନଙ୍କୁ ଚିହ୍ନଟ କରାଯାଇଥିଲା। ଜଣାପଡ଼ିଲା ଯେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅଧୀନ ଏକ ଗ୍ରାମର ଜଣେ ୧୨ ବର୍ଷୀୟ କିଶୋର ଜୁନ୍ ୨୯ ତାରିଖରେ ତାଙ୍କ ବନ୍ଧୁଙ୍କ ସହିତ ରେଳ ଟ୍ରାକକୁ ଯାଇଥିଲେ, ଯେଉଁଠାରେ ସେ ଟ୍ରାକରେ ପଡ଼ି ଜୀବନ ପ୍ରତି ବିପଦପୂର୍ଣ୍ଣ ଷ୍ଟଣ୍ଟ କରିଥିଲେ ଏବଂ ତାଙ୍କର ୧୫ ବର୍ଷ ବୟସର ବନ୍ଧୁ ଭିଡିଓ ରେକର୍ଡ କରିଥିଲେ। ଆରପିଏଫ ଦଳ, ଗ୍ରାମବାସୀ ଏବଂ ପିଲାମାନଙ୍କ ପିତାମାତା/ଅଭିଭାବକଙ୍କ ସହିତ ପୁରୁଣାପାଣି ଓ ଝାରମୁଣ୍ଡା ରେଳ ଷ୍ଟେସନ ମଧ୍ୟରେ ଅବସ୍ଥିତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଆବଶ୍ୟକୀୟ ଔପଚାରିକତା ପରେ, ପିଲାମାନଙ୍କୁ, ସେମାନଙ୍କ ପିତାମାତା/ଅଭିଭାବକଙ୍କ ସହିତ, ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବଲାଙ୍ଗିର ଆରପିଏଫ୍ ପୋଷ୍ଟକୁ ନିଆଯାଇଥିଲା। ଉଭୟ ନାବାଳକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। କିଶୋର ମାନଙ୍କର ପିତାମାତା/ଅଭିଭାବକଙ୍କ ତତ୍ତ୍ୱାବଧାନରେ କିଶୋର ନ୍ୟାୟ ଆଇନ (ଜେଜେ ଆକ୍ଟ) ଅନୁଯାୟୀ ଅଧିକ ଆଇନଗତ ପ୍ରକ୍ରିୟା ଚାଲିଛି। ରେଳପଥ ଷ୍ଟେସନ, ଶିକ୍ଷାନୁଷ୍ଠାନ, ରେଳ ଲାଇନର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଏବଂ ଡିଜିଟାଲ୍ ଏବଂ ପ୍ରିଣ୍ଟ ମିଡିଆ ମାଧ୍ୟମରେ ଏପରି କାର୍ଯ୍ୟକଳାପର ବିପଦ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିରନ୍ତର ସୁରକ୍ଷା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

### ହୀରାକୁଦ ନଦୀବନ୍ଧର ୨୦ ଗେଟ୍ ଖୋଲିଲା

# ରାତି ୯ଟା ସୁଦ୍ଧା ଜଳସ୍ତର ୬୦୮.୭୯ ଫୁଟ୍

**ସମ୍ବଲପୁର, ୭।୭ (ସମିସ)**

ହୀରାକୁଦ ଜଳଭଣ୍ଡାରରୁ ରବିବାରଠାରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ସୋମବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୭୯ ଫୁଟ ରହିଥିବାବେଳେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାବେଳେ ଆବଶ୍ୟକସ୍ଥଳେ ଅଧିକ ଗେଟ୍ ଖୋଲାଯିବ ବୋଲି ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।



ସୋମବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୭୯ ଫୁଟ୍ ରହିଛି। ନଦୀବନ୍ଧର ବାମ ପଟର ୧୩ଟି ଓ ଡାହାଣ ପଟର ୭ଟି ଏହିପରି ୨୦ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨, ୫୫, ୧୮୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩, ୩୩, ୪୪୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ୨, ୯୫, ୪୪୦ ଘନଫୁଟ, ପାୱାର ଚେନାଲ ଦେଇ ୩୪୭୬୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୦୦୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୭୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୩୪୧୭ କ୍ୟୁସେକ, ଖଇରମାଲଠାରେ ୪୪୮୦୦୦ କ୍ୟୁସେକ, ବାରମୁଲଠାରେ ୨୩୦୨୫୦ କ୍ୟୁସେକ ଏବଂ ମୁଣ୍ଡଲୀଠାରେ ୮୦୮୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୫୫.୩୭ ମିମି ଏବଂ ତଳମୁଣ୍ଡରେ ୨୨.୬୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ଜାରି ରହିଥିବାରୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଜଳ ନିଷ୍କାସନ ପୂର୍ବରୁ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି।

## ଲାୟନ୍ସ କ୍ଲବ୍ ପକ୍ଷରୁ ଛତା ବଣ୍ଟନ



ବରଗଡ଼,୭।୭(ସମିସ): ବରଗଡ଼ ଉପକଣ୍ଠ ବିଜେପୁର ନିକଟସ୍ଥ ସମଲେଇପଦର ଠାରେ ଥିବା ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଥିବା ଅସହାୟ ବୟସ୍କମାନଙ୍କ ପାଖରେ ଛତା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ସମାଧାନ ନିମିତ୍ତ ବରଗଡ଼ ଲାୟନ୍ସ କ୍ଲବ୍ ପକ୍ଷରୁ ବୃଦ୍ଧାଶ୍ରମରେ ୩୦ଟି ଛତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅମରଜିତ୍ ସିଂ, ଦୀପକ ବଲୋଦିଆ, ପ୍ରଦୀପ ତୟାଲ, ମନୋଜ ମହାପାତ୍ର ଯୋଗ ଦେଇଥିଲେ। ଝଡି ବର୍ଷାରେ ଅସହାୟ ବୟସ୍କ ଆଉ ଭିଜିବେ ନାହିଁ ଏବଂ ପ୍ରଚଣ୍ଡ ଖରାରୁ ମଧ ରକ୍ଷା ପାଇବେ ବୋଲି ସମ୍ପାଦକ ଅଭୟ ଭୋଗ ପ୍ରକାଶ କରିଛନ୍ତି।

# ନାବାଳିକାକୁ ଗର୍ଭବତୀ କରିବା ଅଭିଯୋଗରେ ୪ ଗିରଫ

ଦେବଗଡ଼,୭।୭(ସମିସ)

ଏକ ଅଭାବନୀୟ ଘଟଣା କ୍ରମରେ ସୋମବାର ବାରକୋଟ ଥାନା ପୁଲିସ ଜଣେ ନାବାଳିକାକୁ ଗର୍ଭବତୀ କରବା ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରିବା ପରେ କୋର୍ଟ ଚାଲାଣ କରିଛି। ତେବେ ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ନାବାଳକ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବାରକୋଟ ଥାନାଞ୍ଚଳର ଜଣେ ୧୪ ବର୍ଷିଆ ନାବାଳିକାକୁ ସେହି ଗାଁର ଜଣେ ଅଭିଯୁକ୍ତ ଯୁବକ ଚାରିମାସ ପୂର୍ବେ ଏକୁଟିଆ ଥିବା ସୁଯୋଗରେ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ ତାର ଅନ୍ୟ ସାଥୀ ଜାଣିବା ପରେ ପୀଡ଼ିତା ନାବାଳିକାକୁ ଘଟଣା ପ୍ରଘଟ କରିବାର ଭୟ ଦେଖାଇ ବିଭିନ୍ନ ସମୟରେ ଦୁଷ୍କର୍ମ କରିଥିଲେ। ଯାହାଫଳରେ ନାବାଳିକା ଜଣକ



### ଅଭିଯୁକ୍ତଙ୍କ ମଧ୍ୟରେ ୩ ନାବାଳକ

ଗର୍ଭବତୀ ହୋଇଥିଲେ। ପରିବାର ଲୋକ ଜାଣିବା ପରେ ନାବାଳିକାକୁ ପଚରାଉଚୁରା କରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ପରିବାର ଲୋକଙ୍କ ସହ ପୀଡ଼ିତା ଜଣକ ଗତକାଲି ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ମାନଙ୍କୁ ଥାନାରେ ଅଟକରଖି ପଚରାଉଚୁରା କରିଥିଲା।

ଆଜି ଅଭିଯୁକ୍ତ ମାନେ ଘଟଣାରେ ସମ୍ପୃକ୍ତ ଥିବା ନେଇ ପୁଲିସ ନିକଟରେ ସ୍ୱୀକାର କରିବା ପରେ ପୁଲିସ ନାବାଳକ ଅଭିଯୁକ୍ତଙ୍କୁ କିଶୋର ନ୍ୟାୟ ବୋର୍ଡ଼ ନିକଟରେ ହାଜର କରିଛି। ଏକମାତ୍ର ସାବାଳକ ଅଭିଯୁକ୍ତ ଗୁଞ୍ଜନ ଭୂୟାଁକୁ ଏସଡିଜେଏମ କୋର୍ଟରେ ହାଜର କରିଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଆଦାନୀ ସିମେଣ୍ଟ ପ୍ଲାଣ୍ଟ ପକ୍ଷରୁ ବନ ମହୋତ୍ସବ




ବରଗଡ଼,୭।୭(ସମିସ): ବରଗଡ଼ ଉପକଣ୍ଠ ଡାଙ୍ଗ ୟୁପି ସ୍କୁଲ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କ ସହ ମିଶି ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁକାନ୍ତ ସାମନ୍ତ (ଆଦାନି ସିମେଣ୍ଟ ପ୍ଲାଣ୍ଟ ହେଡ), ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଦାନୀ ଫାଉଣ୍ଡେସନ ତରଫରୁ ସ୍କୁଲରେ ୮୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଏହି ବର୍ଷ ଉନ୍ନତ ମାନର ବେଞ୍ଚ ଡେସ୍କର ବ୍ୟବସ୍ଥା କରା ଯାଇଛି। ଶ୍ରୀ ସାମନ୍ତ ସ୍କୁଲ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଆଲୋଚନା ପରେ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷୟିତ୍ରୀ ବ୍ରଜି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବର୍ଷ ଆଦାନୀ ଫାଉଣ୍ଡେସନ ତରଫରୁ ୪ଟି ସ୍କୁଲରେ ୩୦୦ ଛାତ୍ରଛାତ୍ରୀଙ୍କ ନିମନ୍ତେ ବେଞ୍ଚ ଡେସ୍କ ଦିଆ ହୋଇଛି। ଏହାସହ ୧୫ ଅଙ୍ଗନବାଡି ସେଣ୍ଟରରେ ୨୦୦ ପିଲାଙ୍କ ନିମନ୍ତେ ଚେୟାର ଟେବୁଲର ବ୍ୟବସ୍ଥା କରାଯାଉଛି।

## କେଶାଇପାଲି ହାଇସ୍କୁଲରେ ବନ ମହୋତ୍ସବ



ଭଟଲି,୭।୭(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅଧୀନ କେଶାଇପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ଅବସରରେ 'ମାଁ ପାଇଁ ଗଛଟିଏ ୨.୦' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଧାରାମ ଭୋଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣର ଆବଶ୍ୟକତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ଇକୋକ୍ଲବ୍ ଶିକ୍ଷୟିତ୍ରୀ ସୁଚିସ୍ମିତା ପଧାନ ଓ କ୍ରୀଡା ଶିକ୍ଷୟିତ୍ରୀ ଦେବଦତ୍ତା ପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ବଉଳ, କରଞ୍ଜ, ନିମ୍ବ, ଅଁଳା ଆଦି ଚାରାରୋପଣ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ବଡପଣ୍ଡା, ନିରୁପମା ଭୋଇ, ଲତା ସାହୁ, ବିନତି ପାଣିଗ୍ରାହୀ, ଉମାରାଣୀ ବେହେରା, ଭାଗ୍ୟଶ୍ରୀ ଦାଶ, ଆରତି ବିଶି, ସାଇସ୍ମିତା ନାଏକ, ଭୂମିସୂତା ଭୁଏ, ବିନୀତା ସାହୁ, ନୃସିଂହ ଇକୋକ୍ଲବ୍ ଓ ୟୁଥ୍ ଏଣ୍ଡ ଇକୋ କ୍ଲବ୍‌ର ସଦସ୍ୟ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଦେବଦତ୍ତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ଛାତ୍ରୀଙ୍କୁ 'ଫିଡ୍'ର ଶିକ୍ଷା ସହାୟତା

ବରଗଡ଼,୭।୭(ସମିସ): ବରଗଡ଼ର ଦାତବ୍ୟ ଅନୁଷ୍ଠାନ 'ଫିଡ୍ (ଫାଉଣ୍ଡେସନ୍ ଫର୍ ଏଜୁକେସନାଲ୍ ଏଣ୍ଡ ଇକୋନୋମିକ୍ ଡେଭେଲପମେଣ୍ଟ)' ତରଫରୁ ସୋହେଲା ବ୍ଲକ୍ ଅଧୀନ ସରକଣ୍ଡା ଗାଁର ଚନ୍ଦ୍ରକାନ୍ତି ହିଆଲ ଏବଂ ବରପାଲି ବ୍ଲକ୍ ଅଧନ ଜୁଲଟ ଗାଁର ଲକ୍ଷ୍ମୀରାଣୀ କୁମ୍ଭାରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା ରାଶି ସୋମବାର ଯୋଗାଇ ଦିଆଯାଇଛି।



ଚନ୍ଦ୍ରକାନ୍ତି ଝାରସୁଗୁଡ଼ାର ଲକ୍ଷ୍ମୀ ନାରାୟଣ ଡିଗ୍ରୀ କଲେଜରେ ପିଜି ପାଠ୍ୟକ୍ରମ ପାଇଁ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ନାମ ଲେଖାଇବା ପାଇଁ ୧୯,୨୯୫ ଟଙ୍କାର ଆବଶ୍ୟକତା ହେଉଥିଲା। ସେହିପରି ଲକ୍ଷ୍ମୀରାଣୀ ଆନ୍ଧ୍ରା କେଶରୀ କଲେଜରେ ବିଇଡି ପାଠ୍ୟକ୍ରମ ପାଇଁ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ଓ ୧୫ ହଜାର ଟଙ୍କାର ଆବଶ୍ୟକତା ହେଉଥିଲା। ମାତ୍ର ଉଭୟଙ୍କ ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥା ତାଙ୍କର ପାଠପଢ଼ାରେ ପ୍ରତିବନ୍ଧକ ସାଜିଥିଲା। ତେଣୁ ସେମାନେ ଫିଡ୍ ଟ୍ରଷ୍ଟର ଦ୍ୱାରସ୍ଥ ହୋଇଥିଲେ। ଫିଡ୍ ଟ୍ରଷ୍ଟର ଚେୟାରମ୍ୟାନ ଫଣୀନ୍ଦ୍ର ତାଣ୍ଡି ଚନ୍ଦ୍ରକାନ୍ତି ଓ ଲକ୍ଷ୍ମୀରାଣୀଙ୍କର ପାରିବାରିକ ସ୍ଥିତିର ଅନୁଧ୍ୟାନ କରିଥିଲେ। ଟ୍ରଷ୍ଟର ଅନ୍ୟ ସଦସ୍ୟ ସୁବାସ ତାଣ୍ଡି, କ୍ରୀଷ୍ଣା ସୁନା, ପ୍ରଦୀପ ନାଗ ଓ ଈଶ୍ୱର ନାଗଙ୍କ ସହିତ ସରକଣ୍ଡା ଓ ଜୁଲଟ ଗାଁକୁ ଯାଇ ଚନ୍ଦ୍ରକାନ୍ତି ଏବଂ ଲକ୍ଷ୍ମୀରାଣୀ ଉଭୟଙ୍କୁ ଦଶ ଦଶ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ।

## ବଜ୍ରପାତ ଓ ସାପ କାମୁଡ଼ା ସଚେତନତା



ପଦ୍ମପୁର,୭।୭(ସମିସ): ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗାଁର 'ସଚେତନ ହେମା' ଅନୁଷ୍ଠାନ ଦ୍ୱାରା ବ୍ଲକ୍ କଳା ସଂସ୍କୃତି ସଂଘ ଆନୁକୂଲ୍ୟରେ ବୀଣା କାଳିଆ ନୃତ୍ୟ ମାଧ୍ୟମରେ ବଜ୍ରାଘାତ ଓ ସାପ କାମୁଡା ସଚେତନା କାର୍ଯ୍ୟକ୍ରମ କରାଯାଉଛି। ପୁରାତନ ଲୋକନୃତ୍ୟ ଶୈଳୀ ଲୋକଙ୍କ ଦ୍ୱାରା ବେଶ ଆଦୃତ ହେଉଛି। ମୁଣ୍ଡୋମହୁଲ, ଲେଦ୍ରାପାଳି ଆଦି ଡ଼ଙ୍ଗର ତଳ ଗାଁରେ ଏହି କାର୍ଯ୍ୟକ୍ରମ ହୋଇ ଯାଇଛି। ନାଟ୍ୟକାର ରାଜ ସାହୁ ପାଣ୍ଡୁଲିପି ପ୍ରସ୍ତୁତ କରିଥିବା ବେଳେ କାର୍ତ୍ତିକ ମହାନନ୍ଦ ଓ ସାଥି ସଙ୍ଗୀତ ପରିଚାଳନା କରିଥିଲେ। ବୀଣାକାଳିଆ ରୂପକୁ ଲୋକେ ଖୁବ ପସନ୍ଦ କରିଥିଲେ।

## ବନଖଣ୍ଡସ୍ତରୀୟ ବନ ମହୋତ୍ସବ



ଦେବଗଡ଼,୭।୭(ସମିସ): ଦେବଗଡ଼ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସୋମବାର ୭୬ ତମ ବନଖଣ୍ଡ ସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ଫରେଷ୍ଟ ବାରାକ ପରିସରରେ ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରାଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ସ୍ୱାଧୀନତା ସାହାଣୀ, ସମ୍ମାନିତ ଅତିଥି ଭାବେ କେନ୍ଦୁପତ୍ର ବିଭାଗ ଅତିରିକ୍ତ ବନ ସଂରକ୍ଷକ ସଚ୍ଚିନ ପ୍ରଧାନ ଓ ଅବୈତନିକ ୱାଇଲ୍ଡ ଲାଇଫ ୱାର୍ଡେନ ଲଳିତ ମୋହନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଜିର ବିଷୟବସ୍ତୁ 'ମା, ମାଟି, ମନୁଷ୍ୟ ପାଇଁ ଏକ ଗଛ ଲଗାଇବା'ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପ୍ରତିଟି ଜନ ସାଧାରଣ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ପ୍ରତି ନିଜକୁ ସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ବାରକୋଟ ବନାଞ୍ଚଳ ଅଧୀନ ଭାଲୁପାଲି ବନ ସୁରକ୍ଷା ସମିତି ଓ ଖମାର ବନାଞ୍ଚଳ ଅଧୀନ ଖୋଲାମୁଣ୍ଡା ବନସୁରକ୍ଷା ସମିତିକୁ ବାନାଗ୍ନି, ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ସ୍ୱରୂପ ମାନପତ୍ର ଓ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ସଭା ପରେ ଅତିଥି, ବିଭାଗୀୟ କର୍ମଚାରୀ ଓ ଉପସ୍ଥିତ ଜନ ସାଧାରଣଙ୍କ ଦ୍ୱାରା ଶତାଧିକ ଚାରାରୋପଣ ହୋଇଥିଲା।

## ବ୍ରାହ୍ମଣୀ ନଦୀରୁ ଅଚିହ୍ନା ମୃତଦେହ ଉଦ୍ଧାର

ଦେବଗଡ଼,୭।୭(ସମିସ): ବାରକୋଟ ଥାନା ଅଧୀନ ବାଲିରୋଇ ଓ ପଢ଼ିଆନାଲି ଗାଁ ନିକଟସ୍ଥ ରାଜକଟା ଠାରେ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖାଦେଇଛି। ଏ ନେଇ ଗ୍ରାମବାସୀ ଗ୍ରାମରକ୍ଷୀଙ୍କୁ ସୂଚନା ଦେଇଥିଲେ। ଗ୍ରାମରକ୍ଷୀଙ୍କ ସୂଚନା ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଆଗାମୀ ୭୨ ଘଣ୍ଟା ପର୍ଯ୍ୟନ୍ତ ପୁଲିସ ମୃତଦେହକୁ ନିଜ ହେପାଜତରେ ସଂରକ୍ଷିତ ରଖିବ। ଏହି ସମୟ ମଧ୍ୟରେ ମୃତଦେହର ଦାବିଦାର ନ ଆସିଲେ ପୁଲିସ ପକ୍ଷରୁ ଶେଷକୃତ୍ୟ କରାଯିବ।

## ପୋଖରୀରେ ବୁଡ଼ି ଯୁବକ ମୃତ

ଦେବଗଡ଼/ରିଆମାଳ,୭।୭(ସମିସ): ରିଆମାଳ ଥାନା ଅଧୀନ କତ୍ରାପାଲି କିଷାନ ସାହିର ଜଣେ ଯୁବକ ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। କତ୍ରାପାଲିର କୃଷ୍ଣ ମାଝୀ (୪୫) ମଧ୍ୟାହ୍ନରେ ଗାଧୋଇବାକୁ ଗାଁ ପୋଖରୀକୁ ଯାଇଥବା ବେଳେ ଅସାବଧାନତା ବଶତଃ ପୋଖରୀରେ ବୁଡ଼ି ଯାଇଥିଲେ। ଘଟଣା ପରେ ପରିବାର ସଦସ୍ୟ ମାନେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଛତାବର୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର କୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତକଙ୍କ ସ୍ତ୍ରୀ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ରିଆମାଳ ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯିବ।

## ସାର୍ବଜନୀନ ଗଣେଶ ମେଳା କମିଟିର ବୈଠକ

### କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସ୍ଥଗିତ

ଦେବଗଡ଼,୭।୭(ସମିସ): ଦେବଗଡ଼ ସାର୍ବଜନୀନ ଗଣେଷ ମେଳା କମିଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସଭାପତି ଉମାଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବବର୍ଷ ଆୟବ୍ୟୟ ହିସାବ ଉପସ୍ଥାପନ କରାଯିବା ପରେ ଏହାକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ସେହିପରି ଗଣେଷ ମଣ୍ଡପରେ ସ୍ଥାୟୀ ମୂର୍ତ୍ତି ସ୍ଥାପନକୁ ବୈଠକରେ ସ୍ୱାଗତ କରାଯାଇଥିଲା। ତେବେ ଚଳିତ ବର୍ଷର କର୍ମକର୍ତ୍ତା ମନୋନୟ ପରବର୍ତ୍ତୀ ବୈଠକରେ କରାଯିବାକୁ ଆଲୋଚନା ପରେ କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିବା କମିଟି ସମ୍ପାଦକ ସୁରଞ୍ଜିତ ମହାପାତ୍ର ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି।



## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ଦେବଗଡ଼,୭।୭(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୧୭ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୨ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ପୁନର୍ବାର ବିଦ୍ୟାଳୟ ଖୋଲିବା, ଜମିବାଡ଼ି ବିବାଦ, ପାନୀୟ ଜଳ, ମୋ ବସ ଯିବା ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନିର୍ବାଚନ ପ୍ରକ୍ରିୟାକୁ ଶୁଦ୍ଧ କରିବାକୁ ଦିନିକିଆ ପ୍ରଶିକ୍ଷଣ



ଦେବଗଡ଼,୭।୭(ସମିସ): ନିର୍ବାଚନ ପ୍ରକ୍ରିୟାରେ ବୁଥ୍‌ସ୍ତରର ଶକ୍ତିଶାଳୀ ସଂଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଭାରତ ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ବରକୋଟ ବ୍ଲକ୍‌ରେ ବିଏଲଓ ମାନଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପରକ୍ଷିତ ସାହୁ ଉପସ୍ଥିତ ରହିଥିଲେ। ସେ ବିଏଲଓ ମାନଙ୍କ ଭୂମିକା, ସତର୍କତା ଓ ତାଲିକା ଶୁଦ୍ଧିକରଣ ପ୍ରକ୍ରିୟାରେ ତାଙ୍କର ଦକ୍ଷତା ବୃଦ୍ଧି ପ୍ରତି ଗୁରୁତ୍ୱ ଦେଇଥିଲେ। ପରେ ବାରକୋଟ ବିଡିଓ ସିଦ୍ଧେଶ୍ୱର ନାୟକ, ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବାରିହା, ସୌମିତ୍ରି ପ୍ରଶାଦ ଦେହୁରୀ ସିଆରସିସି ଫଗୁ ପାତ୍ର, ଅଜୟ ବେହେରା ଓ ଡମ୍ବରୁଧର ସାହୁ ବିଏଲଓ ମାନଙ୍କୁ ତାଙ୍କ ଦୈନିକ କାର୍ଯ୍ୟ, ଫର୍ମ ୬, ୬ ଇ, ୭, ୮ର ସଠିକ ବ୍ୟବହାର, ମାନ୍ୟତା ନିୟମ, ତ୍ରୁଟି ସଂଶୋଧନ ଓ ମାନବ ଅଧିକାର ସମ୍ବନ୍ଧିତ ମାମଲାରେ ସଚେତନ କରିଥିଲେ। ସେହିପରି ନିଜ କାର୍ଯ୍ୟକୁ ଆଧୁନିକ ଟେକ୍ନୋଲୋଜି ସହିତ ସମନ୍ୱୟ କରିବା ପାଇଁ ବିଏଲଓ ଆପ୍ ଓ ଭିଏଚଏ ଆପ୍ ବ୍ୟବହାର ପ୍ରକ୍ରିୟା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିଲା। ମୋଟ ୩୯ ଜଣ ବିଏଲଓ ଏହି ପ୍ରଶିକ୍ଷଣରେ ଉପସ୍ଥିତ ଥିଲେ।

# ରିଆମାଳ ଉଚ୍ଚ ବିଦ୍ୟାଳୟ ଛାତରୁ ଝରୁଛି ପାଣି

ଦେବଗଡ଼/ରିଆମାଳ,୭।୭(ସମିସ): ରିଆମାଳ ଉଚ୍ଚ ବିଦ୍ୟାଳୟ ଛାତରୁ ଝରୁଛି ପାଣି। ବିଦ୍ୟାଳୟର ଦରକାରୀ କାଗଜ ପତ୍ର, ବହିପତ୍ର, ଟେବୁଲ ଚେୟାର, କମ୍ପ୍ୟୁଟର ଆଦି ନଷ୍ଟ ହେବାରେ ଲାଗିଛି। ସୋମବାର ବାଧ ହୋଇ ଛାତ ମରାମତି ପାଇଁ ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇ ମୋ ସ୍କୁଲ ଅଭିଯାନ କମିଟି ଓ ଅଭିଭାବକ ମାନେ ଲିଖିତ ଅଭିଯୋଗ କରିଛନ୍ତି। କିଛି ଦିନ ହେଲା ରିଆମାଳ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ଫଳରେ ଚାରିଆଡ଼େ ପାଣି ଜମି ରହିଛି। ମାତ୍ର ପରିତାପର ବିଷୟ ବିଦ୍ୟାଳୟର ଛାତରୁ ପାଣି ଝରୁଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର



ସମ୍ମୁଖିନ ହେଉଛନ୍ତି। ବିଦ୍ୟାଳୟର ବରଣ୍ଡା, ଷ୍ଟ୍ରଙ୍ଗ୍‌ରୁମ୍, ଇ-ପାଠାଗାର, ଶିକ୍ଷକ କମନ୍‌ରୁମ୍, ପ୍ରଧାନଶିକ୍ଷୟତ୍ରୀଙ୍କ କାର୍ଯ୍ୟାଳୟ, ବିଜ୍ଞାନ ଗାରରୁମ୍, ଟିଏଚ୍ ଲେବର, ଚାଉଳ ରଖାଯାଉ ଥିବା ଗୃହରେ ବର୍ଷା ଜଳ ଝରୁଛି ଓ ପାଣି ଜମି ରହୁଛି। ସେହି ରୁମ୍ ଗୁଡ଼ିକରେ ଥିବା ଦରକାରୀ ଜିନିଷ ନଷ୍ଟ ହେବାରେ ଲାଗିଛି। ବିଦ୍ୟାଳୟଟି ୧୯୬୪ ମସିହାରେ ସ୍ଥାପିତ ହୋଇ ୬୧ ବର୍ଷ ହୋଇଗଲାଣି। ୯ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ରହି ପାଠପଢ଼ାଉ ଥିବା ବେଳେ ୧୭୭ ଜଣ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ବିଦ୍ୟାଳୟଟି ସର୍ବ ପୁରାତନ ଅଟେ। ଏହାର କୋଠାଘର ଗୁଡ଼ିକ ଦୁର୍ବଳ ହୋଇ ଗଲାଣି। ପୂର୍ବରୁ ମରାମତି ପାଇଁ ପ୍ରଶାସନ ନିକଟରେ ଦାବି କରି ଆସିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନାହାଁନ୍ତି।

ତୁରନ୍ତ ଏହାର ମରାମତି କରିବାକୁ ମୋ ସ୍କୁଲ ଅଭିଯାନର ସଭାପତି ଯୋଗେଶ୍ୱର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ସମେତ ଅଭିଭାବକ ମାନେ ଅଭିଯୋଗ କରିଥିଲେ। ବିଡିଓ ଆଦିତ୍ୟ ପଣ୍ଡା ଅଭିଯୋଗ ପତ୍ର ଗ୍ରହଣ କରି ଏହାର ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବର୍ଷା ଯୋଗୁଁ ଝାରସୁଗୁଡ଼ା କ୍ଷୟକ୍ଷତିର ସମୀକ୍ଷା

ଝାରସୁଗୁଡ଼ା,୭।୭(ସମିସ): ଝାରସୁଗୁଡ଼ାରେ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା ଅନୁଷ୍ଠିତ ହୋଇଛି। ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ଅବୋଲି ସୁନୀଲ ନରୱେଣେ, ଏସପି ସ୍ମିଥ, ପି ପରମାର, ଜାତୀୟ ରାଜପଥ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରର ଲଇକେରା ବ୍ଲକ୍‌ରେ ୬ଟି ବନ୍ଧ ଭାଙ୍ଗିବା ସହ ପ୍ରାୟ ୪ଟି ରାସ୍ତା ଓ ବ୍ରିଜ ଭାଙ୍ଗିଛି। ସେହିପରି କିର୍ମିରା ବ୍ଲକ୍‌ର ୧୯ ଟି ବନ୍ଧ ଭାଙ୍ଗିବା ସହ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି।



ଝାରସୁଗୁଡ଼ା ପୌରପରିଷଦର ପୁରୁଣାବସ୍ତିରେ ଥିବା ସବୁଠୁ ପୁରୁଣା ବନ୍ଧ ମଧ ଭାଙ୍ଗି ଯାଇ ଚାଷ ନଷ୍ଟ ହୋଇଥିବା ବିଧାୟକ ପ୍ରକାଶ କରିଛନ୍ତି। ଯେଉଁ ସ୍ଥାନରେ ବନ୍ଧ ଭାଙ୍ଗିଛି ସେଇ ସ୍ଥାନରେ ବାଲି ବସ୍ତା ଓ ମାଟି ପକାଯାଇ ସେଗୁଡ଼ିକୁ ପୁନଃ ନିର୍ମାଣ କରାଯିବ। ଏହାସହ ଧୋଇ ହୋଇଥିବା ରାସ୍ତାକୁ ମଙ୍ଗଳବାର ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ। ପୁନଃ ନିର୍ମାଣର ଆବଶ୍ୟକତା ଥିବାରାସ୍ତାର ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବ। ଝାରସୁଗୁଡ଼ାରେ ବର୍ଷା ଯୋଗୁଁ ହୋଇଥିବା। କ୍ଷୟକ୍ଷତି ବିଷୟରେ ରାଜସ୍ୱମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବିଧାୟକ ଶ୍ରୀ ତ୍ରିପାଠୀ କହିଛନ୍ତି। ସେହିପରି ଜାତୀୟ ରାଜପଥ-୪୯ ରାସ୍ତା କାମ ଚାଲିଥିବା ୨ଟି ସ୍ଥାନରେ ବାଡ଼ ଭାଙ୍ଗି ପାଉଁଶ ମାଡ଼ି ଯାଇଛି। ସେ ସ୍ଥାନରେ ମାଟି ଭର୍ତ୍ତି କରିବା ପାଇଁ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଚାଷୀଙ୍କ ଜମିରେ ପାଉଁଶ କିମ୍ବା ବାଲି ମାଡ଼ିଛି ତାକୁ ଉଠାଯିବା ସହ ଚାଷୀଙ୍କୁ କ୍ଷତିପୁରଣ ପ୍ରଦାନ କରାଯିବ ବୋଲି ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯେଉଁ ମାନଙ୍କ ଘର ଭାଙ୍ଗିଛି ସେମାନଙ୍କୁ ମଧ ଉଚିତ କ୍ଷତିପୁରଣ ଦିଆଯିବ ବୋଲି ବିଧାୟକ ସୂଚନା ଦେଇଥିଲେ।

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା ।

-ସୁନ ଜୁ

ସକାଳ THE SAKALA

## ତୁର୍କୀ ବିରୋଧୀ କୂଟନୀତି

ଛୋଟ ସଫଳତା ହେଲେ ମଧ୍ୟ ଅନୁଭବ ବଡ଼ । 'ଅପରେସନ ସିନ୍ଦୂର' ପ୍ରେକ୍ଷାପଟରେ ତୁର୍କୀ ଓ ଆଜରବାଇଜାନ୍ ଖୋଲାଖୋଲି ଭାବେ ପାକିସ୍ତାନକୁ ସମର୍ଥନ ଦେବା, ବିଶେଷକରି ତୁର୍କୀର ସାମରିକ ସାହାଯ୍ୟ ପ୍ରଦାନ ଭାରତର କୂଟନୈତିକ ବିଫଳତାକୁ ଇଙ୍ଗିତ କରୁଥିଲା । ଯୁଦ୍ଧ ବିରାମ ପରେ ଭାରତ ଏହି ଦୁଇ ରାଷ୍ଟ୍ର ବିରୋଧରେ ବାଣିଜ୍ୟିକ ଓ କୂଟନୈତିକ ସ୍ତରରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଏଥିମଧ୍ୟରେ ଭାରତ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପରେ ନିଜର ସ୍ଥିତି ଜାହିର କରିଛି । ଗ୍ରୀସ, ସାଇପ୍ରସ୍ ଓ ଆର୍ମେନିଆ ସହ ଭାରତର ନିବିଡ଼ ସଂପର୍କକୁ 'ମିନିକ୍ୱାଡ୍' ର ରୂପରେଖ ଦେଇଛନ୍ତି ପର୍ଯ୍ୟବେକ୍ଷକ ମହଲ । କେବଳ ରଣନୀତିକ ସହାୟତା ନୁହେଁ, ସାମରିକ ଅସ୍ତ୍ରଶସ୍ତ୍ର ଯୋଗାଇବାର ପ୍ରତିଶ୍ରୁତି ମଧ୍ୟ ଦେଇଛି ଭାରତ । ତୁର୍କୀର ବଡ଼ଭାଇପଣିଆ ବିରୋଧରେ ରୋକ୍ ଲଗାଇବାରେ ଏହି ସଂପର୍କ ସହାୟକ ହେବ ।

ତୁର୍କୀ ଓ ଆଜରବାଇଜନ୍ ସହ ଏକାଧିକ ବିବାଦରେ ଜଡ଼ିତ ଥିବା ଆର୍ମେନିଆ, ସାଇପ୍ରସ୍ ଓ ଗ୍ରୀସ୍ ପରସ୍ପର ମଧ୍ୟରେ ସହଯୋଗ ଓ ସାମରିକ ବୁଝାମଣା ମାଧ୍ୟମରେ ପ୍ରତିକୂଳ ପରିସ୍ଥିତିର ମିଳିତ ମୁକାବିଲା ସକାଶେ ନିର୍ଣ୍ଣାୟକ ନିଷ୍ପତ୍ତି ନେଇଥିବା ବେଳେ ଭାରତର କୂଟନୈତିକ ସଂପର୍କ ସ୍ଥିତିକୁ ଅଧିକ ସୁଦୃଢ଼ କରିଛି । 'ଅପରେସନ ସିନ୍ଦୂର'ରେ ଭାରତ ତାହାର ସାମରିକ ପାରଦର୍ଶିତା ପ୍ରଦର୍ଶନ କରିଥିବାରୁ ତୁର୍କୀ ସହ ମୁକାବିଲା ପାଇଁ ଏହି ସଂପର୍କର ଭିତ୍ତିଭୂମି ଅଧିକ ସଫଳ ହୋଇଛି । ବ୍ରହ୍ମୋସ କ୍ଷେପଣାସ୍ତ୍ର ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବେପାରର ସୁଯୋଗ ସଂପ୍ରସାରିତ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ କି ଇରାନ ଉପରେ ଇସ୍ରାଏଲର ଆକ୍ରମଣ ବେଳେ ତେହେରାନରେ ଅବସ୍ଥାନ କରୁଥିବା ଭାରତୀୟ ଛାତ୍ରଙ୍କୁ ନିରାପଦରେ ଫେରାଇ ଆଣିବା ଏତେ ସହଜ ନଥିଲା । ଏ କ୍ଷେତ୍ରରେ ଆର୍ମେନିଆ ସହଯୋଗରୁ ଦ୍ୱିପାକ୍ଷିକ ସଂପର୍କର ପ୍ରତିଶ୍ରୁତିବଦ୍ଧତା ସ୍ପଷ୍ଟ ହୋଇଛି । ଇରାନ୍‌ର ନୁରଦୁଜ୍ ଆଗାରାକ୍ ସୀମା ନିକଟରୁ ୧୧୦ ଜଣ ଭାରତୀୟ ଛାତ୍ରଙ୍କୁ ଉଦ୍ଧାର କରି ଆର୍ମେନିଆ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ପଠାଇ ପାରିସ୍ପରିକ ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରିଛି ।

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପ ଗସ୍ତରେ ଯାଇଥିଲେ । ତୁର୍କୀ ବିରୋଧୀ ରାଷ୍ଟ୍ରଙ୍କ ସହ ସୁସଂପର୍କ ପ୍ରତିଷ୍ଠା କରି ଆଞ୍ଚଳିକ ସ୍ତରରେ ସେମାନଙ୍କୁ ସାମରିକ ଦୃଷ୍ଟିରୁ ସମୃଦ୍ଧ ଓ ସମର୍ଥ କରିବା ସକାଶେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ଉତ୍ତର ସାଇପ୍ରସ୍‌ର ଯେଉଁ ଅଞ୍ଚଳ ତୁର୍କୀର ନିୟନ୍ତ୍ରଣରେ ଅଛି ତାହା ପରିଦର୍ଶନ କରି ମୋଦୀ ପରିସ୍ଥିତିର ଗମ୍ଭୀରତାକୁ ଅନୁଶୀଳନ କରିଛନ୍ତି । ସାଇପ୍ରସ୍‌ର ଆଞ୍ଚଳିକ ସଂହତି ଓ ସାର୍ବଭୌମିତା ପ୍ରତି ଭାରତର ଅତୁଟ ସମର୍ଥନକୁ ସେ ଆଲୋଚନା ପ୍ରସଙ୍ଗରେ ଦୋହରାଇଥିଲେ । ଦ୍ୱିପାକ୍ଷିକ ସାମରିକ ସହଯୋଗର ସୂଚନା ଦେଇ ପ୍ରଧାନମନ୍ତ୍ରୀ ତୁର୍କୀକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ସାଇପ୍ରସ୍ ସହ ଭାରତର ପ୍ରତିରକ୍ଷା ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର ବେପାର ଆଗକୁ ବଢ଼ିବାର ସୂଚନା ମିଳିଛି । ଏମିତିରେ ଗ୍ରୀସ ସହ ଭାରତର ସଂପର୍କ ଆଜିର ନୁହେଁ ବହୁଦିନର । ୨୦୨୩ ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ସେହି ସଂପର୍କ ଅଧିକ ସୁଦୃଢ଼ ହୋଇଛି । ଏଥେନ୍ସରେ ସେ ଘୋଷଣା କରିଥିଲେ ଯେ ଭାରତ ପାଇଁ ଗ୍ରୀସ ୟୁରୋପର ପ୍ରବେଶ ଦ୍ୱାର । ପ୍ରତିରକ୍ଷା କ୍ଷେତ୍ରରେ ଗ୍ରୀସ ସହ ଭାରତର ସଂପର୍କ ଓ ସହଯୋଗ ପୂର୍ବ ଭଳି ଏବେ ବଳବତ୍ତର ରହିଛି । ପାକିସ୍ତାନ ଓ ତୁର୍କୀ ସଂପର୍କ ନେଇ ଭାରତ ଓ ଗ୍ରୀସ ଉଦ୍‌ବେଗ ପ୍ରକାଶ କରିବା ସହ ପାରସ୍ପରିକ ବୁଝାମଣା ଓ ସହଯୋଗ ସକାଶେ ସହମତି ପ୍ରକାଶ କରିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ସହଭାଗିତା ସୁଦୃଢ଼ ହୋଇଛି । ଏପରକି ଭାରତୀୟ ନୌବାହିନୀର ଯୁଦ୍ଧଜାହାଜ ଭୂମଧ୍ୟ ସାଗରରେ ବିଚରଣ କରୁଥିବା ବେଳେ ଗ୍ରୀସ ଉପକୂଳରେ ସାମୟିକ ଅବସ୍ଥାନ କରିଥାଏ । ଏହାକୁ ଦ୍ୱିପାକ୍ଷିକ ସଂପର୍କର ନିଦର୍ଶନ କୁହାଯାଇପାରେ ।

ଆର୍ମେନିଆ, ଗ୍ରୀସ ଓ ସାଇପ୍ରସ ମଧ୍ୟରେ ୨୦୨୧ ଅଗଷ୍ଟ ୩୧ ରେ ସାମରିକ ସହଯୋଗ ସକାଶେ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏମାନେ ମିଳିତ ପ୍ରତିରକ୍ଷା ରଣକୌଶଳ ପ୍ରଦର୍ଶନ କରିବା ସହ ନିଜ ନିଜ ମଧ୍ୟରେ ସାମରିକ ଜ୍ଞାନକୌଶଳ ବିନିମୟ କରିଥା'ନ୍ତି । ତୁର୍କୀ ଓ ଆଜରବାଇଜାନ ବିରୋଧରେ ଏହି ସାମରିକ ମେଣ୍ଟକୁ ଭାରତ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି । ତେଣୁ ଏହାକୁ ଚୁତଃରାଷ୍ଟ୍ରୀୟ ମିନିକ୍ୱାଡ୍ ମାନ୍ୟତା ଦିଆଯାଇଛି । ଡ୍ରୋନ ଜ୍ଞାନକୌଶଳରେ ନିପୁଣତାର ସୁଯୋଗ ଦୃଷ୍ଟିରୁ ପାକିସ୍ତାନ ତୁର୍କୀଠାରୁ ସଂଗ୍ରହ କରିଥିବା ଡ୍ରୋନ ଭାରତ ବିରୋଧରେ ଉପଯୋଗ କରିଥିଲା । ତେବେ ଆମର ବାୟୁ ପ୍ରତିରକ୍ଷା ପ୍ରଣାଳୀ ମାଧ୍ୟମରେ ଡ୍ରୋନ ଆକ୍ରମଣକୁ କେବଳ ପ୍ରତିହତ କରାଯାଇନି ପାକିସ୍ତାନକୁ ମଧ୍ୟ ଉଚିତ ଜବାବ ଦିଆଯାଇଛି । ଏକ୍ଷେତ୍ରରେ ଚୀନର ସାମରିକ ଜ୍ଞାନକୌଶଳ ମଧ୍ୟ ପଛରେ ପଡ଼ିଯାଇଛି ।

ଚୀନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅତ୍ୟାଧୁନିକ ଜେଟ ଓ କ୍ଷେପଣାସ୍ତ୍ର ପାକିସ୍ତାନ ଭାରତ ବିରୋଧରେ ପ୍ରୟୋଗ କରିଥିଲେ ମଧ୍ୟ ଆକାଂକ୍ଷିତ ସଫଳତା ହାସଲ କରିପାରିନାହିଁ । ଏହା କେବଳ ଭାରତୀୟ ବିଶେଷଜ୍ଞଙ୍କ ଦାବି ନୁହେଁ ପାକିସ୍ତାନ ମନ୍ତ୍ରୀ ମୋହସିନ୍ ନକ୍‌ଭି ମଧ୍ୟ ଆଲୋଚନା ପ୍ରସଙ୍ଗରେ ସ୍ୱୀକାର କରିଛନ୍ତି । ସେ ଦୃଷ୍ଟିରୁ ଆମେରିକାର ସମର୍ଥନ ଲୋଡ଼ିଛି ପାକିସ୍ତାନ । ସାମରିକ ମୁଖ୍ୟ ମୁନୀରଙ୍କ ଆମେରିକା ଗସ୍ତ ପରେ ବାୟୁସେନାର ମୁଖ୍ୟ ଏୟାର ମାର୍ଶାଲ୍ ବାବର ଆମେରିକାରୁ କେଉଁ ଯୁଦ୍ଧ ବିମାନ ସଂଗ୍ରହ କରାଯିବ ସେ ନେଇ କଥାବାର୍ତ୍ତା ସକାଶେ ପେଣ୍ଟାଗନ ଗସ୍ତରେ ଅଛନ୍ତି । ଯୁଦ୍ଧ ବିରାମକୁ ନେଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭୂମିକା ବିବାଦୀୟ ହୋଇଥିଲେ ମଧ୍ୟ ପାକିସ୍ତାନ ସହ ଅସ୍ତ୍ରଶସ୍ତ୍ର ବେପାର ପାଇଁ ଏହା ତାଙ୍କର ସୁଚିନ୍ତିତ କୂଟନୈତିକ ଚାଲବାଜି କୁହାଯାଇପାରେ । କୂଟନୀତିରେ ଯଦି ବୈପାରିକ ସଂପର୍କ ଯୋଡ଼ି ହୋଇଯାଏ ତାହା ଯେଉଁ ବିଭ୍ରାନ୍ତି ଓ ବିଭ୍ରାଟ ସୃଷ୍ଟି କରେ ଏହି ଯୁଦ୍ଧ ବିରାମ ତାହାର ଏକ ନିଦର୍ଶନ ।

## ଆନ୍ତରିକତା ରହିତ ଆମ ଶିକ୍ଷା ବ୍ୟବସ୍ଥା

ଅର୍ଜ୍ଜୁନ ଘଡ଼େଇ

ସା 'ବିଦ୍ୟା ସା ବିମୁକ୍ତୟେ' ପରି ମହତ୍ତ୍ୱପୂର୍ଣ୍ଣ ବାଣୀ ମଣିଷର ଶିକ୍ଷା ଲାଭ ପାଇଁ ମାନସିକତା ସୃଷ୍ଟି କରିଥାଏ । ପୁରାଣ ଯୁଗର ଗୁରୁକୁଳ ଆଶ୍ରମଠାରୁ ଅଦ୍ୟାବଧି ଶିକ୍ଷାର୍ଥୀମାନଙ୍କୁ ଉଚିତ ଶିକ୍ଷାଦାନ କରି ତାଙ୍କର ସୁସ୍ଥ, ସୁନ୍ଦର ଓ ନିରାମୟ ଜୀବନ ଗଠନରେ ବିଭିନ୍ନ ସମୟର ଆବଶ୍ୟକତା ନେଇ ବିବିଧ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଇଛି । ସମୟାନୁସାରେ ଏହି ବ୍ୟବସ୍ଥା ମଧ୍ୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ପରିବର୍ତ୍ତନ ବି ଘଟିଛି । ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ଏହା ସହାୟକ ହୋଇପାରିଛି କି ନାହିଁ ତାହା ଏକ ବିତର୍କିତ ପ୍ରଶ୍ନ । ସମୟର ଆହ୍ୱାନ, ବିସ୍ତୃତ ଜ୍ଞାନର ଅନୁପ୍ରବେଶ, ବୈଷୟିକ ଜ୍ଞାନ, ବିଜ୍ଞାନର ଅଭିବୃଦ୍ଧି, ସର୍ବୋପରି ଛାତ୍ରାଛାତ୍ରୀଙ୍କ ମାନସିକ ଚିନ୍ତାଧାରାକୁ ସୀମିତ ପରିଧିରେ ନରଖି ବିଶ୍ୱଚିନ୍ତାଭିମୁଖୀ କରିବା ପାଇଁ ବିଭିନ୍ନ ସମୟରେ ଯେଉଁ ଚିନ୍ତାଧାରାରେ ସରକାର ଶିକ୍ଷାବ୍ୟବସ୍ଥାକୁ ଯେପରି ନିୟନ୍ତ୍ରଣ କରିବାକୁ ଚାହିଁଛନ୍ତି ତାକୁ କାର୍ଯ୍ୟକାରୀ କରିବାକୁ ପ୍ରଚେଷ୍ଟା କରିଛନ୍ତି । ସାଧାରଣ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଏହାକୁ ସାଦରେ ଗ୍ରହଣ କରିନେବାକୁ ବାଧ୍ୟ ହୋଇଛନ୍ତି ।

ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ, ବିଶେଷକରି ପ୍ରାଥମିକଠାରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ, ଆମ ଉପରେ ଯେଉଁ ଶିକ୍ଷା ବ୍ୟବସ୍ଥା ଲଦି ଦିଆଯାଇଛି, ସେଥିରୁ ମନେହୁଏ ଏବେ ବି ଶିକ୍ଷାକୁ 'ସାର୍ବଜନୀନ' କରାଯାଇପାରିନାହିଁ । ସବୁ ପିଲାଙ୍କୁ ଶିକ୍ଷାୟତନକୁ ଅଣାଯାଇପାରିନି । ପ୍ରାଥମିକଠାରୁ ମାଧ୍ୟମିକ ଶିକ୍ଷାରେ 'ଡ୍ରପ୍ ଆଉଟ୍' ସଂଖ୍ୟା କମିନି । ଉଚ୍ଚଶିକ୍ଷାରେ ନାମଲେଖା ସିଟ୍ ଖାଲି ପଡୁଛି । ବୈଷୟିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ କମୁଛି । ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା, ତର୍କ, ବ୍ୟବସ୍ଥା ଚାଲୁଛି । ତଥାପି ସମସ୍ୟାର ସମାଧାନ ହେଉନାହିଁ । ଏଭଳି ପରିସ୍ଥିତିରେ ଶିକ୍ଷକର ଶିକ୍ଷାଦାନ ପ୍ରତି ଆନ୍ତରିକତାର ଅଭାବ ସହିତ ଶିକ୍ଷାର୍ଥୀଙ୍କର ବିଦ୍ୟାଳୟକୁ ଆସି ଶିକ୍ଷାଗ୍ରହଣ କରିବାର ମାନସିକତା ଓ ଆଗ୍ରହ ହ୍ରାସ ପାଉଛି । ବିଶେଷ କରି ସରକାରୀ ବିଦ୍ୟାଳୟରେ ଏହାର ପ୍ରଭାବ ବେଶୀ ଅନୁଭୂତ ହେଉଛି । ଉପଯୁକ୍ତ ଶିକ୍ଷା ମିଳୁଥିଲେ କୋଚିଙ୍ଗ୍ ସେଣ୍ଟର ମୁହାଁ ପିଲାମାନେ ହୁଅନ୍ତି କାହିଁକି?

ନିଜର ସଂଚିତ ଜ୍ଞାନକୁ କଳା, କୌଶଳ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଆନ୍ତରିକ ଓ ସମର୍ପିତ ଭାବେ ଉପସ୍ଥାପନ କଲେ ଶିକ୍ଷାଦାନ ସଫଳ ହୁଏ । ଶିକ୍ଷାର୍ଥୀଟିଏ ଶିକ୍ଷକର ଶିକ୍ଷାଦାନକୁ ସହଜରେ, ସନ୍ଦେହମୁକ୍ତ ଭାବେ ବୁଝିପାରିଲେ ଶିକ୍ଷା ଗ୍ରହଣ ସାର୍ଥକ ହୁଏ । ଏକଥା ଅତୀତର ଶିକ୍ଷକମାନେ ଭଲ ଭାବରେ ଜାଣିଥିଲେ । ସେମାନଙ୍କର ଅତ୍ୟଧିକ ଶିକ୍ଷାଗତ ଯୋଗ୍ୟତା ନଥିଲା । ସ୍ୱଳ୍ପ ବେତନପ୍ରାପ୍ତ ସେହି ଶିକ୍ଷକମାନେ ଆର୍ଥିକ ଅଭାବ, ଅନଟନ, ସମସ୍ୟା ଭିତରେ ବି ନିଜ ଛାତ୍ରଛାତ୍ରୀମାନଙ୍କୁ କିପରି ଉଚିତ ଶିକ୍ଷା ଦିଆଯାଇପାରିବ, ସେମାନେ ଚରିତ୍ରବାନ୍, ଶୃଙ୍ଖଳିତ ହେବା ସହ ଭଲ ମଣିଷ ହୋଇ ସମାଜରେ ମୁଣ୍ଡଟେକି ଛିଡ଼ା ହେବେ, ସେଥିପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ । ଫଳରେ ସେ ସମୟର ଛାତ୍ରସମାଜ ଏତେ ବିଶୃଙ୍ଖଳିତ ନଥିଲେ । ଆଜିର ଶିକ୍ଷକମାନେ ଅତି ଉଚ୍ଚଶିକ୍ଷିତ । କିନ୍ତୁ ସେମାନଙ୍କ ଭିତରେ ଶିକ୍ଷାଦାନ ପାଇଁ ବୋଧହୁଏ ସମର୍ପିତ ଭାବନା ନାହିଁ କିମ୍ବା ବିବିଧ ସମସ୍ୟାରେ ଜର୍ଜରିତ ହୋଇ ନିଜର କର୍ତ୍ତବ୍ୟବୋଧ ହରାଇଛନ୍ତି । ଅତୀତର ଶିକ୍ଷକମାନେ ଶିକ୍ଷା ନୀତି, ଶିକ୍ଷାବ୍ୟବସ୍ଥା, ସରକାରୀ ନିର୍ଦ୍ଦେଶନାମା ଇତ୍ୟାଦି ସଂପର୍କରେ ଅଧିକ ଆଲୋଚନା, ତର୍ଜମା ନକରି ଶ୍ରେଣୀକକ୍ଷରେ ଉତ୍ତମ ଶିକ୍ଷାଦାନ ପାଇଁ ଚିନ୍ତା କରୁଥିଲେ । ଏବେ ଏତେ ସରକାରୀ ନିର୍ଦ୍ଦେଶନାମା ଯେ ତା'ର ଅଧ୍ୟୟନ କରିବା ଓ ଉତ୍ତର ଦେବାରେ ଶିକ୍ଷକମାନଙ୍କର ଓ ବିଦ୍ୟାଳୟ ମୁଖ୍ୟଙ୍କର ଅନେକ ସମୟ ବିନିଯୋଗ ହେଉଛି । ବୋଧହୁଏ ଏଇ ସରକାରୀ କାର୍ଯ୍ୟ କରିବାର ବାଧ୍ୟବାଧକତାରୁ ଶିକ୍ଷକମାନେ ସଂପୂର୍ଣ୍ଣ ସମୟ ଶିକ୍ଷାଦାନ କରିବାରେ ସମର୍ଥ ହେଉ ନାହାନ୍ତି । ଏହା ଆମେ ସମସ୍ତେ ଜାଣୁଛେ, ଅନୁଭବ କରୁଛେ, କିନ୍ତୁ ଏଥିରେ କିଏ ଅଙ୍କୁଶ ଲଗେଇବାକୁ ସମର୍ଥ ହେବ ଏହାହିଁ ପ୍ରଶ୍ନବାଚୀ ।

ସମସ୍ୟା କେବଳ ଶିକ୍ଷାଦାନରେ ନୁହେଁ । ଆମ ଆଗରେ ବିଭିନ୍ନ ଶ୍ରେଣୀର ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି ଓ ହେଉଛି ମଧ୍ୟ । ସରକାରୀ, ବେସରକାରୀ, ଅନୁଦାନ ପ୍ରାପ୍ତ, ଅଣଅନୁଦାନ ପ୍ରାପ୍ତ, ସ୍ୱୀକୃତି ପ୍ରାପ୍ତ, ଅଣସ୍ୱୀକୃତି ପ୍ରାପ୍ତ, ଟ୍ରଷ୍ଟ ବା ସଂଗଠନ ପରିଚାଳିତ ଅନେକ ବିଦ୍ୟାଳୟ ଖୋଲିଛି । ଏଥିରେ ଶିକ୍ଷକ ନିଯୁକ୍ତି, ଦରଦାମରେ ତାରତମ୍ୟ, କ୍ୟାଡର, ଏକ୍ସ କ୍ୟାଡର, ବିଭିନ୍ନ ଶ୍ରେଣୀର ଶିକ୍ଷକ ନିଯୁକ୍ତି ସମସ୍ୟା ଏତେ ଅଧିକ ଯେ ସମସ୍ୟାର ସମାଧାନ ପାଇଁ ଅନେକ ଶିକ୍ଷକ ବିଦ୍ୟାଳୟ ଛାଡ଼ି ରାଜରାସ୍ତାରେ ଦିନ ଦିନ, ମାସ ମାସ ଧରି ଆନ୍ଦୋଳନ କରନ୍ତି କିମ୍ବା କୋର୍ଟ କଚେରିର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରନ୍ତି । ସେମାନଙ୍କର ବିଦ୍ୟାଳୟରେ କ୍ରମାଗତ ଅନୁପସ୍ଥିତି କାରଣରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ସୁବିଧା ସତ୍ତ୍ୱେ ସାଧାରଣ ଲୋକଟି ଗାଁର ସରକାରୀ ବିଦ୍ୟାଳୟରେ ନିଜ ପିଲାଟିକୁ ନାମ ଲେଖାଇବା ପରେ ଦେଖୁଛି ଅଧିକାଂଶ ସମୟରେ ତା'ପିଲା ସ୍କୁଲ ବାହାରେ ଖେଳୁଛି କିମ୍ବା ବୁଲୁଛି କିମ୍ବା ଘରେ ରହୁଛି । ତେଣୁ ଏପରି ବିଦ୍ୟାଳୟଟି ପ୍ରତି ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଆଶା, ଭରସା କେମିତି ରହିବ? ସେଥିପାଇଁ ଯେତେ ଅସୁବିଧା ପଛେ ହେଉ ଘରୋଇ ବିଦ୍ୟାଳୟରେ ହିଁ ନାମ ଲେଖାଇବା ପାଇଁ ସେ ଆଗ୍ରହୀ ହେଉଛି । ଏସବୁ ପ୍ରତି କ'ଣ ନୀତି ନିୟମ ପ୍ରଣୟନ କରୁଥିବା ସରକାରୀ ଅଧିକାରୀ କିମ୍ବା ସରକାର ଅବଗତ ନାହାନ୍ତି? ଅବଗତ ଥିଲେ ବି ଶିକ୍ଷାବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଆନ୍ତରିକ ଉଦ୍ୟମ ନାହିଁ ଏହା ସୁନିଶ୍ଚିତ ।

ସେ ଯେଉଁପ୍ରକାର ସ୍କୁଲ ହେଉନା କାହିଁକି, ଏପରି ଏକ ଶିକ୍ଷାନୁଷ୍ଠାନ ନାହିଁ, ଯେଉଁଠାରେ କି ରାଜନୈତିକ ହସ୍ତକ୍ଷେପ ହେଉନାହିଁ । ଶିକ୍ଷକ ନିଯୁକ୍ତିଠାରୁ ବଦଳି ପର୍ଯ୍ୟନ୍ତ ସବୁ ସେମାନଙ୍କ ପ୍ରଭାବରେ ଓ ନିର୍ଦ୍ଦେଶରେ ହୋଇଥାଏ । ଶିକ୍ଷାଧିକାରୀମାନେ ନିରବଦ୍ରଷ୍ଟା ଭାବେ କାର୍ଯ୍ୟ କରନ୍ତି । ଅଯଥାରେ ଶିକ୍ଷକମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରି ସେମାନଙ୍କୁ ମାନସିକ ନିର୍ଯାତନା ଦେଲେ ଶିକ୍ଷକମାନେ ସୁସ୍ଥ ମନରେ ଶିକ୍ଷା ଦେବାକୁ ସମର୍ଥ ହେବେ କିପରି? ଅବଶ୍ୟ ଏମିତି ରାଜନେତା ବି ଥିବେ ବା ଏପରି ଶିକ୍ଷାନୁଷ୍ଠାନ ବି ଥାଇପାରେ, ଯେଉଁଠି ରାଜନୈତିକ ହସ୍ତକ୍ଷେପ ହେଉ ନଥିବ । ଏପରି ବିଦ୍ୟାଳୟ ଆଜିର ସମାଜରେ ବିରଳ ନିଶ୍ଚୟ । ଗାଁର ୱାର୍ଡ ମେମ୍ବର, କାଉନସିଲର୍‌ଙ୍କଠାରୁ ଆରମ୍ଭ କରି ଉଚ୍ଚସ୍ତରର ରାଜନେତାମାନେ ସେମାନଙ୍କ ବିଦ୍ୟାଳୟରେ ସୁସ୍ଥ ପରିବେଶ ସୃଷ୍ଟି କଲେ ତାଙ୍କ ପିଲାମାନେ ସରକାରୀ ସୁବିଧା ସୁଯୋଗ ପାଇଁ ଭଲ ପଢ଼ନ୍ତେ - ଏକଥା କ'ଣ ଆମେ ଭାବିବା ଉଚିତ ନୁହେଁ? ସରକାରୀ ସ୍କୁଲରେ ଭଲ ପାଠ ପଢ଼ା ହେଉନି ଅର୍ଥ ଶିକ୍ଷକମାନେ ପାଠ ପଢ଼ାଉ ନାହାନ୍ତି କେବଳ ଦରମା ପାଇଁ ଆସୁଛନ୍ତି, ଏପରି ଭାବନା ଆମ ଶିକ୍ଷାବ୍ୟବସ୍ଥା ସହିତ ଜଡ଼ିତ ସମସ୍ତଙ୍କୁ ଆଘାତ ଦେଉଥିବ ନିଶ୍ଚୟ । କିନ୍ତୁ ଏ ସମସ୍ୟାର ସମାଧାନ କିଏ କରିବ? ସବୁସ୍ତରରେ ଆନ୍ତରିକତାର ଅଭାବ ପରିଦୃଷ୍ଟ ।

ଅନୁରୂପ ଭାବେ ଶିକ୍ଷାଧିକାରୀମାନେ ମଧ୍ୟ ଶାସନ ବ୍ୟବସ୍ଥା ଭିତରେ ଶିକ୍ଷାର ମହାନ ଆଦର୍ଶକୁ କାର୍ଯ୍ୟକାରୀ କରିବାରେ ନିଷ୍ଠାପର ମନୋଭାବ ନରଖି କେବଳ ସରକାରୀ ନିର୍ଦ୍ଦେଶନାମାଗୁଡ଼ିକୁ ଶକ୍ତିମତେ ପାଳନ କରୁଛନ୍ତି । ନିଜେ ଅନ୍ୟମାନଙ୍କ ଦ୍ୱାରା ଶୋଷିତ ହୋଇ ଶୋଷଣ କରୁଛନ୍ତି ଅଧସ୍ତନ କର୍ମଚାରୀମାନଙ୍କୁ । କୌଣସି ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସ୍ୱଅଧୀନସ୍ଥ ସ୍କୁଲ ସମୂହକୁ ପରିଦର୍ଶନ କରି, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା କରିବାରେ ସଫଳ ହେଉଛନ୍ତି କି? ନିଜେ ଅନେକ ଦୁର୍ନୀତିରେ ଲିପ୍ତ ହୋଇ ଶିକ୍ଷା ବିଭାଗର କର୍ମଚାରୀଙ୍କୁ ଦୁର୍ନୀତିମୁକ୍ତ କରିବାକୁ ଆହ୍ୱାନ ଦେବା, ନିଜର ଚରିତ୍ର ସ୍ଖଳନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ଉପଦେଶ ଦେବା, ଲଜ୍ଜାପୂର୍ଣ୍ଣ କାର୍ଯ୍ୟ ନୁହେଁ କି? ନିଜେ ଗଢ଼ି ହେବା ସହ ଅନ୍ୟକୁ ଗଢ଼ିବା ପାଇଁ ପରାମର୍ଶ ଦେବା ଉଚିତ । ଶିକ୍ଷା ବିଭାଗରେ ଏହି ତତ୍ତ୍ୱର ଯଥେଷ୍ଟ ଗୁରୁତ୍ୱ ଓ ଆନ୍ତରିକତା ରହିବା ଆବଶ୍ୟକ ।

ତଳସ୍ତରରୁ ଉପର ସ୍ତର ଯାଏଁ ଶିକ୍ଷାବ୍ୟବସ୍ଥା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ଯଥା ଶିକ୍ଷକସମାଜ, ସରକାର ଓ ଶିକ୍ଷା ବିଭାଗର ଅଧିକାରୀମାନେ ସମର୍ପିତ ଭାବନାରେ କାର୍ଯ୍ୟ ନିର୍ବାହ କଲେ ଆମ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଆପଣେଇ ନେବାର ପଥ ସୁଗମ ହେବ । ଆମ ପିଲାମାନେ ସରକାରୀ ବିଦ୍ୟାଳୟ ଓ ଶିକ୍ଷାବ୍ୟବସ୍ଥାକୁ ଆପଣେଇ ନେବେ । ଆନ୍ତରିକ ଉଦ୍ୟମ ସଫଳତାର ଚାବିକାଠି । ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ପ୍ରୋତ୍ସାହନ ଓ ସମ୍ମାନ ଦେବାରେ ଆମେ ଯେତେ ଅନାଗ୍ରହୀ ବେସରକାରୀ ବିଦ୍ୟାଳୟ କ୍ଷେତ୍ରରେ ଆମ ମାନସିକ ଯଥେଷ୍ଟ ଆଗରେ । ଯେଉଁଥିପାଇଁ ଆମ ସରକାରୀ ବିଦ୍ୟାଳୟ ପ୍ରତି ବିମୁଖତା ଯେତିକି ବଢୁଛି ବେସରକାରୀ ବିଦ୍ୟାଳୟ ପ୍ରତି ଆନ୍ତରିକତା ସେତିକି ସୃଷ୍ଟି ହେଉଛି । ସମସ୍ତ ଅସୁବିଧାର ନିରାକରଣ ପାଇଁ ଅଭିଭାବକ, ଶିକ୍ଷକ, ସରକାର ଓ ସରକାରୀ ବ୍ୟବସ୍ଥା ସୁନିୟନ୍ତ୍ରଣ ପାଇଁ ଆନ୍ତରିକତାର ଅଭାବ ରହିଲେ ଯେତେ ଶିକ୍ଷାନୀତି ପ୍ରଣୟନ ହେଉ ଏହା ଆମକୁ ଆକର୍ଷିତ ନକରି ମନରେ ସନ୍ଦେହ, ଆଶଙ୍କା ସୃଷ୍ଟି କରିବ ଏହା ସୁନିଶ୍ଚିତ ।

(ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮ ୦୪୮ ୬୧୫

## ଭାରତୀୟ ସଂସ୍କୃତିରେ ଉଦ୍ଭିଦ

ସୁରେନ୍ଦ୍ର ମେହେର

ହଜାର ହଜାର ବର୍ଷ ଧରି ଭାରତୀୟ ସଂସ୍କୃତି ବୃକ୍ଷାଦିଙ୍କୁ ବହୁତ ସମ୍ମାନ ଦେଇଆସିଛି ଏବଂ ଆଧ୍ୟାତ୍ମିକ, ଔଷଧୀୟ ଓ ପରିବେଶ ଦୃଷ୍ଟିରୁ ଏଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛି । ବେଦ, ପୁରାଣ ଓ ଉପନିଷଦ ଭଳି ପୁରାତନ ଶାସ୍ତ୍ରଗୁଡ଼ିକ ମଣିଷ ଓ ଉଦ୍ଭିଦ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଦର୍ଶାଇଥାଏ ଏବଂ ପ୍ରକୃତିକୁ ଜୀବନ, ଶକ୍ତି ଓ ଆଧ୍ୟାତ୍ମିକ ସମନ୍ୱୟର ଉତ୍ସ ବୋଲି ବର୍ଣ୍ଣନା କରିଥାଏ ।

ଆମର ପୂର୍ବପୁରୁଷମାନେ ସ୍ୱାସ୍ଥ୍ୟ, ଧନ ଓ ସମୃଦ୍ଧି ପାଇଁ ବୃକ୍ଷର ଗୁରୁତ୍ୱକୁ ବୁଝିଥିଲେ ଏବଂ ଏହାକୁ ପୂଜା କରୁଥିଲେ । ଆଜି ମଧ୍ୟ ଆମର ଅନେକ ଧାର୍ମିକ ପର୍ବରେ ବୃକ୍ଷ ପୂଜା ଏକ ଅଂଶ ହୋଇ ରହିଛି । ଭାରତୀୟ ପରମ୍ପରାରେ ବୃକ୍ଷକୁ ବିଶେଷ ମାନ୍ୟତା ଦିଆଯାଇଛି, ବିଶେଷକରି ଜ୍ୟୋତିଷ ଓ ଆୟୁର୍ବେଦ ଭଳି ପଦ୍ଧତିରେ । ଆୟୁର୍ବେଦ ଔଷଧଗୁଡ଼ିକ ଗଛର ଫଳ, ଫୁଲ, ଛାଲ, ପତ୍ର ଓ ମୂଳରୁ ତିଆରି ହୁଏ ବୋଲି ସମସ୍ତେ ଜାଣନ୍ତି । କେତେକ ବୃକ୍ଷ ମାନବ ଜୀବନରେ ମନ୍ଦ ପ୍ରଭାବକୁ ଦୂର କରି ଭଲ ପ୍ରଭାବ ଆଣିଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୃକ୍ଷ ଓ ନବଗ୍ରହ ମଧ୍ୟରେ ଏକ ଗଭୀର ସମ୍ପର୍କ ରହିଛି । ଏହି ଗ୍ରହଗୁଡ଼ିକ ଶରୀରର ବିଭିନ୍ନ



ଅଙ୍ଗକୁ ଭଲ କିମ୍ବା ଖରାପ ଭାବେ ପ୍ରଭାବିତ କରିପାରନ୍ତି ଏବଂ ଖରାପ ପ୍ରଭାବ ଦ୍ୱାରା ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ଏହି ରୋଗକୁ ଦୂର କରିବା ପାଇଁ ବିଶେଷପ୍ରକାରର ବୃକ୍ଷାଦି ରହିଛି, ଯାହାର ବ୍ୟବହାର କରାଯାଇ ରୋଗମୁକ୍ତ କରାଯାଏ । ତେଣୁ ପୂଜାର୍ଚ୍ଚନା ଓ ହୋମ ପାଇଁ ନବଗ୍ରହକୁ ଦର୍ଶାଉଥିବା ନଅ ପ୍ରକାରର ବୃକ୍ଷ ଯଥା- ବର, ପିପଳ, ପଳାଶ, ଅର୍କ, ଶମି, ଅପାମାର୍ଗ, କୁଶ, ଦୁବ ଭଳି ବୃକ୍ଷର କାଠ ବ୍ୟବହାର କରାଯାଏ । ଏହି କାଠଗୁଡ଼ିକୁ ସେମାନଙ୍କର ପବିତ୍ରତା, ଅଗ୍ନିକୁ ବଜାୟ ରଖିବାର କ୍ଷମତା ଏବଂ ଦିବ୍ୟଶକ୍ତି ସହିତ ସମ୍ପର୍କ ପାଇଁ ବ୍ୟବହାର କରାଯାଏ ।

ପ୍ରତ୍ୟେକ ଉଦ୍ଭିଦର ପୌରାଣିକ ମହତ୍ତ୍ୱ ରହିଛି, ଯାହା ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ପ୍ରକାରରେ ଲାଭଦାୟକ । ବରଗଛର ବିଶାଳ ଛାତ ପରି ଆକାର, ଧୈର୍ଯ୍ୟ ଓ ସୁରକ୍ଷାର ପ୍ରତୀକ ଏବଂ ପ୍ରାଣୀମାନଙ୍କ ଆଶ୍ରୟ ଓ ଛାୟାର ଆବଶ୍ୟକତାକୁ ପୂରଣ କରେ । ପିପଳ ପ୍ରଚୁର ଅମ୍ଳଜାନ ଦେଉଥିବାରୁ ଜୀବନ ଓ ଶୁଦ୍ଧତାର ଉତ୍ସ ବୋଲି ଗଣାଯାଏ । ବେଲ ଭଗବାନ ଶିବଙ୍କ ସହିତ ଜଡ଼ିତ ଏବଂ ପୂଜାରେ ବ୍ୟବହୃତ ହୁଏ, ଯାହା ଭକ୍ତି ଓ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରେ । ଅର୍କକୁ ଶୁଦ୍ଧିକରଣ ଏବଂ ନକାରାତ୍ମକ ଶକ୍ତିର ବିଲୋପ ସହିତ ଜଡ଼ିତ କରାଯାଇଛି । ଶମି ବୃକ୍ଷକୁ ବିଜୟ, ସୁରକ୍ଷା ଏବଂ ଅଗ୍ନିଦେବଙ୍କ ସହିତ ଜଡ଼ିତ କରାଯାଇଛି । ଏହା ନକାରାତ୍ମକ ଶକ୍ତିକୁ ଶୋଷଣ ଏବଂ ବିନାଶ କରିଥାଏ ବୋଲି ବିଶ୍ୱାସ କରାଯାଏ । ଅପାମାର୍ଗକୁ ଏକ ଶକ୍ତିଶାଳୀ ଶୁଦ୍ଧକାରୀ ବୃକ୍ଷ ଭାବରେ ବିବେଚନା କରାଯାଏ, ଯାହା ମନ୍ଦ ଆତ୍ମା, କଳା ଯାଦୁ ଓ ନକାରାତ୍ମକ ପ୍ରଭାବକୁ ଦୂର କରିବାରେ ସକ୍ଷମ । ଏହି ଗଛଗୁଡ଼ିକୁ ବହୁ ପୁରାତନ କାଳରୁ ଓଡ଼ିଶା ଏବଂ ସାରା ଭାରତରେ ବିଭିନ୍ନ ରୋଗର ପ୍ରାକୃତିକ ଚିକିତ୍ସା ତଥା ସେମାନଙ୍କର ସକ୍ରିୟ ଜୈବିକ ଉପାଦାନର ସଦୁପଯୋଗ ପାଇଁ ବ୍ୟବହାର କରାଯାଉଛି । ସେହିପରି ଅଁଳା ଔଷଧୀୟ ଗୁଣ ପାଇଁ ଜଣାଶୁଣା ଏବଂ ଏହା ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ । ଅଶୋକ, ଯାହାର ନାମର ଅର୍ଥ 'ଦୁଃଖଦୂରକାରୀ', ସକାରାତ୍ମକତା ଓ ଭାବନାତ୍ମକ ସୁସ୍ଥତା ଆଣେ ବୋଲି ବିଶ୍ୱାସ କରାଯାଏ ।

ଆଧୁନିକ ବିଜ୍ଞାନ ଏହି ଉଦ୍ଭିଦଗୁଡ଼ିକର ଆଧ୍ୟାତ୍ମିକ ପ୍ରଭାବକୁ ବିଶ୍ୱାସ ନ କରିପାରେ, କିନ୍ତୁ ଏଗୁଡ଼ିକର ବହୁମୁଖୀ ଉପଯୋଗକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଏହି ବୃକ୍ଷଗୁଡ଼ିକର ରୋପଣ କେବଳ ପରିବେଶକୁ ସୁଧାରେ ନାହିଁ, ବରଂ ଭାରତର ପୁରୁଣା ପରମ୍ପରା ଓ ରୀତିକୁ ମଧ୍ୟ ସମ୍ମାନ ଦେଇଥାଏ । ଏହିପରି ବୃକ୍ଷଗୁଡ଼ିକୁ 'ସାଂସ୍କୃତିକ ବୃକ୍ଷ' କହିପାରିବା, ଯେହେତୁ ସେଗୁଡ଼ିକ ପରମ୍ପରା ଅନୁସାରେ ପରିଚିତ । ଆଜିର ଦୁନିଆରେ, ଯେଉଁଠି ପରିବେଶ ସମସ୍ୟା ଓ ମାନସିକ ସ୍ୱାସ୍ଥ୍ୟର ଚିନ୍ତା ବଢୁଛି, 'ପଞ୍ଚବଟୀ'ର ଅବଧାରଣା ବହୁତ ଗୁରୁତ୍ୱପୂର୍ଣ୍ଣ । ସହରୀକରଣ ବଢୁଥିବା ବେଳେ ଏହିପରି ପବିତ୍ର ବୃକ୍ଷଗୁଡ଼ିକର ସଂରକ୍ଷଣ ପରମ୍ପରା ଓ ପରିବେଶଗତ ସ୍ଥାୟିତ୍ୱ ମଧ୍ୟରେ ଏକ ସେତୁ ହୋଇପାରେ । ଏହି ବୃକ୍ଷଗୁଡ଼ିକ ବାୟୁକୁ ଶୁଦ୍ଧ କରେ, ଜୈବ ବିବିଧତା ବଢ଼ାଇଥାଏ ଏବଂ ପ୍ରାକୃତିକ ଚିକିତ୍ସା ପାଇଁ କାମରେ ଲାଗିଥାଏ । ଉଦ୍ୟାନ, ପରିବେଶ କିମ୍ବା ବ୍ୟକ୍ତିଗତ ବୃକ୍ଷରୋପଣ ନାମରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଆମେ ପରିବେଶ ସଚେତନତା, ସ୍ୱାସ୍ଥ୍ୟ ଓ ଭାବନାତ୍ମକ ସମନ୍ୱୟକୁ ପ୍ରୋତ୍ସାହିତ କରିପାରିବା ।

ତେଣୁ 'ପଞ୍ଚବଟୀ' କେବଳ ଏକ ପୌରାଣିକ ଆଦର୍ଶ ନୁହେଁ, ଏହା ସ୍ଥାୟୀ ଜୀବନ ଓ ଆଧ୍ୟାତ୍ମିକ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତୀକ । ଆଧୁନିକ ସମୟରେ ଏହି ପରମ୍ପରାକୁ ଗ୍ରହଣ କରି ଆମେ ପ୍ରକୃତି ସହିତ ଗଭୀର ସମ୍ପର୍କ ଗଢ଼ିପାରିବା ଏବଂ ପୃଥିବୀରେ ଜୀବନ ସୁରକ୍ଷା ଦେବାରେ ଆମ ପୂର୍ବପୁରୁଷଙ୍କ ଜ୍ଞାନକୁ ବଜାୟ ରଖିପାରିବା ।

ଭୁବନେଶ୍ୱର, ମୋ: ୯୪୩୭୫୮ ୯୦୨୬

## ଚୀନ୍‌ରେ ହଜିଯିବ କି ଭାରତ!

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଦୀର୍ଘଦିନ ଧରି ଚୀନ ସହିତ ଭାରତର ଲାଗି ରହିଛି ସୀମାବିବାଦ । ତେବେ ଭୂ-ବିଜ୍ଞାନୀମାନେ ଏବେ କହିଲେଣି ଯେ ଏପରି ସମୟ ଆସିପାରେ ଯେତେବେଳେ ଭାରତ ଭୂଖଣ୍ଡ କିମ୍ବା ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ ହୁଏତ ଚୀନ୍‌ରେ ହଜିଯିବ । ଟେକ୍ଟୋନିକ୍ ପ୍ଲେଟ୍‌ର ଚଳନ ଏହାର କରଣ ହେବ ।

'ଟେକ୍ଟୋନିକ୍ ପ୍ଲେଟ୍'କୁ 'ଲିଥୋସ୍ପେରିକ୍ ପ୍ଲେଟ୍(ଭୂସ୍ତରୀୟ ଥାଳିଆ)' ବୋଲି ମଧ୍ୟ କୁହାଯାଏ । ଏହା ମାତ୍ରାଧିକ ବସ୍ତୁତ୍ୱସମ୍ପନ୍ନ କଠିନ ଶିଳାର ଅସମାନ ଆକୃତିର ପ୍ରଶସ୍ତ ଫଳକ, ଯାହାକି ମହାଦେଶୀୟ ଓ ମହାସାଗରୀୟ ଭୂସ୍ତରରେ(ଲିଥୋସ୍ପିୟର) ଗଢ଼ା । ଏଗୁଡ଼ିକର ଆକାର କେତେଶହରୁ କେତେ ହଜାର କିମି ଚଉଡ଼ା ବିଶିଷ୍ଟ । ଭୂଗର୍ଭସ୍ଥ ତରଳ ମେଣ୍ଟଲ୍ ଉପରେ ଭାସି ବୁଲୁଥିବା ଏହି ପ୍ଲେଟମାନଙ୍କ ମଧ୍ୟରୁ ମହାଦେଶୀୟଗୁଡ଼ିକ ଅଧିକ ମୋଟା, କମ୍ ସାନ୍ଦ୍ର ହୋଇଥିବା ବେଳେ ମହାସାଗରୀୟଗୁଡ଼ିକ କମ୍ ମୋଟା. ଅଧିକ ସାନ୍ଦ୍ର । ଏମାନଙ୍କର ସଂଖ୍ୟା ଅନେକ । ତହିଁରୁ ୭ଟି ବଡ଼, ଯାହା ଆଫ୍ରିକୀୟ, ଆଣ୍ଟାରଟିକୀୟ, ୟୁରୋସୀୟ, ଇଣ୍ଡୋ-ଅଷ୍ଟ୍ରେଲୀୟ, ଉତ୍ତର ଆମେରିକୀୟ, ପ୍ରଶାନ୍ତ ମହାସାଗରୀୟ ଓ ଦକ୍ଷିଣ ଆମେରିକୀୟ ଭଳି ଭୂଖଣ୍ଡକୁ ଧାରଣ କରିଛନ୍ତି ।

ଏକଦା ଏଗୁଡ଼ିକ ମିଳିତ ଭାବେ ଏକ ବିଶାଳ ଭୂଖଣ୍ଡ ସୃଷ୍ଟି କରିଥିଲେ । ଭୂବିଜ୍ଞାନୀଙ୍କ ମତରେ ତାହା ଥିଲା 'ପାଙ୍ଗାଇଆ' । ଆଜକୁ ପ୍ରାୟ ୩୦୦ରୁ ୪୦୦ କୋଟି ବର୍ଷ ପୂର୍ବେ ତାହା ବିଖଣ୍ଡିତ ହୋଇ ପରସ୍ପରଠାରୁ ଅଲଗା ହୋଇଗଲେ । ଫଳରେ ସୃଷ୍ଟି ହେଲା ଏକାଧିକ ମହାଦେଶୀୟ ଭୂଖଣ୍ଡ । ପୃଥିବୀର ଅନ୍ତର୍ଦେଶରେ ଥିବା ତରଳ ପଦାର୍ଥ 'ମାଗ୍‌ମା'ରୁ ବୁଦ୍‌ବୁଦ୍‌ମାନ ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକରେ ଥିବା ଫାଟ ଦେଇ ବାହାରୁଥିବାରୁ ପ୍ଲେଟ୍‌ଗୁଡ଼ିକ ବର୍ଷକୁ କିଛି କିଛି ସେଣ୍ଟିମିଟର ଗତି କରି ପରସ୍ପରଠାରୁ ଦୂରେଇ ଯାଆନ୍ତି କିମ୍ବା ଗୋଟିଏ ଅନ୍ୟ ଗୋଟିକ ସହିତ ଧକ୍କା ଖାଇ ତା' ତଳେ ପଶିଯା'ନ୍ତି । ତା' ଉପରେ ଥିବା ମହାଦେଶୀୟ ଭୂଭାଗଗୁଡ଼ିକ ମଧ୍ୟ ସେଥିସହିତ ଗତି କରନ୍ତି । ଏହା ଏକ ପ୍ରାକୃତିକ ପ୍ରକ୍ରିୟା । ଆଜିକୁ ପ୍ରାୟ ୫୦ ନିୟୁତ ବର୍ଷ ତଳେ ଇଣ୍ଡୋ-ଅଷ୍ଟ୍ରେଲୀୟ ପ୍ଲେଟ୍‌ଟି ବିଭାଜିତ ହୋଇ ଭାରତକୁ ଧାରଣ କରିଥିବା ଅଂଶଟି ଆସି ଚୀନ୍ ଅବସ୍ଥିତ ଥିବା ୟୁରୋସୀୟ ପ୍ଲେଟ୍ ସହିତ ଧକ୍କା ଖାଇ ମିଶିଗଲା । ଏହାର ବେଗ ଏତେ ଥିଲା ଯେ ତାହା ବର୍ଷକୁ ପ୍ରାୟ ୩୦ ସେମି ହାରରେ ଆଗକୁ ମାଡ଼ି ଚାଲିଲା । ଏହା ଧକ୍କା ଖାଇବା ସ୍ଥାନରେ ସୃଷ୍ଟି ହେଲା ସୁଉଚ୍ଚ ହିମାଳୟ ପର୍ବତ ଶ୍ରେଣୀ, ଯାହା ଏବେ ବି ବର୍ଷକୁ ୫ ମିମି ହାରରେ ବଢ଼ିବାକୁ ଲାଗିଛି ।

ଏ କଥା ଜଣାପଡ଼ିଛି ଐତିହାସିକ ଘଟଣା ଉପରେ ଗବେଷଣାରତ 'ଜର୍ମାନ୍ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇସେନ୍ସ', ଭାରତର 'ନ୍ୟାଶ୍‌ନାଲ୍ ଜିଓଫିଜିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍' ଏବଂ ବର୍ଲିନସ୍ଥିତ 'ଫ୍ରେଇ ବିଶ୍ୱବିଦ୍ୟାଳୟ'ର ବୈଜ୍ଞାନିକମାନେ ୨୦୦୭ ମସିହାରୁ ଚଳାଇ ଆସିଥିବା ଅଧ୍ୟୟନରୁ । ଭାରତୀୟ ମହାଦେଶୀୟ ଭୂଖଣ୍ଡର ଚଳନକୁ ସେମାନେ ବିଶ୍ୱର ଦ୍ରୁତତମ ବୋଲି ଅଭିହିତ କରିଛନ୍ତି । ଏହାଫଳରେ ଭାରତ ନିୟମିତ ଭାବେ ହରାଇଚାଲିଛି କିଛିକିଛି ଅଞ୍ଚଳ, ତାହା ଯେତେ କମ୍ ହେଉନା କହିଁକି । ଏକ ଗଣନା ଅନୁସାରେ ବିଗତ କେତେ ନିୟୁତ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆଠାରୁ ବିଚ୍ଛିନ୍ନ ହେଲା ପରେ ଏହା ଉତ୍ତର-ଏସିଆ ଦିଗରେ ପ୍ରାୟ ୨୦୦୦ କିମି ଗତି କରିଛି । ଅନ୍ୟପକ୍ଷରେ ଏବେ ଭାରତୀୟ ପ୍ଲେଟ୍‌ଟି ବର୍ଷକୁ ୫ ସେମି ହାରରେ ୟୁରେସୀୟ ପ୍ଲେଟ୍ ଦିଗରେ ଏବଂ ଚୀନ୍ ଭୂଖଣ୍ଡର ତଳ ଆଡ଼କୁ ଗତି କରିବାରେ ଲାଗିଛି ।

ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତା'ହେଲେ ଦିନେ ଆମ ଦେଶ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯିବ ବୋଲି ମନେ କରାଯାଇପାରେ । ତେବେ ଉପରୋକ୍ତ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନ୍ୟତମ ସାବ୍ରିନା ମେଟ୍‌ଜଗରଙ୍କ ମତରେ ଏ ପ୍ରକ୍ରିୟାର ବେଗ କ୍ରମଶଃ ହ୍ରାସ ପାଉଛି । ହୁଏତ ଏହି ଚଳନର ଗତି ଦିନେ ସମ୍ପୂର୍ଣ୍ଣ ବନ୍ଦ ମଧ୍ୟ ହୋଇଯାଇପାରେ । ତେଣୁ ଚୀନ୍‌ରେ ଭାରତ ହଜିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେ । ଅନ୍ୟପକ୍ଷରେ ଏହାର ବିପରୀତ ମଧ୍ୟ ଘଟିପାରେ । ଅର୍ଥାତ୍ କୌଣସି ଏକ ପରିସ୍ଥିତିରେ ଏ ଗତି ମଧ୍ୟ ବଢ଼ିପାରେ । ତେବେ ଏହି ଅନୁମାନ ସତସାବ୍ୟସ୍ତ ହେବାକୁ ଲାଗିଯିବ ନିୟୁତ ନିୟୁତ ବର୍ଷ । ସେତେବେଳକୁ ଧରାପୃଷ୍ଠରୁ ସମ୍ଭବତଃ ଜୀବଜଗତ ହିଁ ବିଲୁପ୍ତ ହୋଇସାରିଥିବ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## କାନ୍ଥ ଭୁଶୁଡ଼ି ଚାଷୀ ମୃତ

ବଣାଇଁ, ୭।୭ (ସମିସ): ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ସରସରା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଘର କାନ୍ଥ ଭୁଶୁଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଦେବେନ୍ଦ୍ର ଭର୍ଜୋଇ(୫୪)। ସୂଚନାନୁଯାୟୀ, ଦୀର୍ଘ ୧୫ଦିନ ହେବ ବଣାଇଁ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଭଳି ସ୍ଥିତିରେ ସରସରା ଗ୍ରାମରେ ରବିବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ଦେବେନ୍ଦ୍ର ନିଜର ପୋଟଳ ବଗିଚାରେ ଥିବା ଘରେ ଶୋଇଥିବା ବେଳେ ହଠାତ୍ ମାଟି କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସକାଳେ ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ଟିକାୟତପାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ପୋଖରୀରେ ବୁଡ଼ି ମା'-ଝିଅ ମୃତ



ମାଥିଲି, ୭।୭ (ସମିସ): ପୋଖରୀରେ ବୁଡ଼ି ମା'-ଝିଅ ମୃତ। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଧଉଡ଼ାଗୁଡ଼ା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗୁରୁନାଥ ବାଗରିୟାଙ୍କ ସ୍ତ୍ରୀ ପ୍ରିୟା ବାଗରିୟା ଓ ୫ ମାସର ଶିଶୁକନ୍ୟା ପିଙ୍କି। ସୂଚନା ଅନୁଯାୟୀ, ଆଜି ସକାଳୁ ପିଙ୍କିକୁ ନେଇ ପ୍ରିୟା ଗାଁ ପୋଖରୀରେ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ବହୁ ଖୋଜାଖୋଜି କରି ମଧ୍ୟ ଦୁହିଁଙ୍କୁ ପାଇନଥିଲେ। ତେବେ ସନ୍ଧ୍ୟାରେ ଉଭୟଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗାଁଲୋକେ ମାଥିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁହିଁଙ୍କ ଶବ ଉଦ୍ଧାର କରିଥିଲେ। ମାଥିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସରିଲା ରତ୍ନଭଣ୍ଡାର ମରାମତି

ପୁରୀ, ୭।୭(ସମିସ): ଶେଷ ହୋଇଛି ବହୁପ୍ରତୀକ୍ଷିତ ରତ୍ନଭଣ୍ଡାର ମରାମତି। ମୋଟ ୯୫ ଦିନରେ ୩୩୨ଘଣ୍ଟା ୪୭ମିନିଟ୍ କାମ କରାଯାଇଛି। ଏବେ ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ। ମହାପ୍ରଭୁଙ୍କ ଅପାର କରୁଣା, ଆଶୀର୍ବାଦ ଯୋଗୁଁ ଧାର୍ଯ୍ୟ ନୀଳାଦ୍ରିବିଜେ ପୂର୍ବରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ସୋମବାର ସନ୍ଧ୍ୟାରେ ଗଣମାଧ୍ୟମକୁ ରତ୍ନଭଣ୍ଡାର ମରାମତି ପୂର୍ଣ୍ଣାଙ୍ଗର ସୂଚନା ଦେଇ ଡ. ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ନୀଳାଦ୍ରିବିଜେ ପୂର୍ବରୁ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଏଏସ୍‌ଆଇ ଦ୍ୱାରା ଶେଷ ହୋଇଛି। ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ରତ୍ନଭଣ୍ଡାର ସୁରକ୍ଷିତ ବୋଲି କୁହାଯାଇପାରିବ।

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଯାଞ୍ଚ ଏବଂ ଟେକ୍ନିକାଲ ସର୍ଭେ କାମ ଆରମ୍ଭ ହୋଇଥିଲା। ରତ୍ନଭଣ୍ଡାରର ଲେଜର ସ୍କାନିଂ, ରାଡାର ପେନିଟ୍ରେଟିଂ ସର୍ଭେ ଆଦି ବୈଷୟିକ ଯାଞ୍ଚ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୧୮ରେ ଏଏସ୍‌ଆଇର ଆଡିସ୍‌ନାଲ ଡିଜି(ସଂରକ୍ଷଣ) ଆସି ସଂରକ୍ଷଣର ତଦାରଖ କରିଥିଲେ। ସେପ୍ଟେମ୍ବର ୨୪ରେ ଏଏସ୍‌ଆଇ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିଥିଲା। ପରେ ଯାଞ୍ଚ ରିପୋର୍ଟ ଆଧାରରେ ଡିସେମ୍ବର ୧୭ରେ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାମ ଆରମ୍ଭ ହୋଇଥିଲା। ପ୍ରାୟ ୬ ମାସ ଧରି କାମ କରାଯାଇଥିଲା। ଲେଜର ସ୍କାନିଂ ଓ ଜିପିଆର୍‌ଏସ୍ ସର୍ଭେରୁ ମିଳିଥିବା ତଥ୍ୟ ଅନୁଯାୟୀ ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଏଏସ୍‌ଆଇ ପକ୍ଷରୁ ସଂରକ୍ଷଣ ଓ ମରାମତି କାର୍ଯ୍ୟ କରାଯାଇଛି। ଏହା ମଧ୍ୟରେ ଜଏଣ୍ଟ ସିଲିଂ, ଗ୍ରାଉଟିଂ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ବକ୍ସ ବିମ୍,

**■ ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ କାମ ହୋଇଛି**
**■ ରୁପା ଛାଉଣୀ ହେବ ବାହାର ଭଣ୍ଡାର ଘର ଦ୍ୱାର**

କେମିକାଲ ୱାସିଂ କରାଯାଇଛି। ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ ମରାମତି ଓ ସଂରକ୍ଷଣ କାମ ହୋଇଛି। ମୋଟ ୮୦ ଜଣ ଶ୍ରମିକ ମରାମତି କାମରେ ନିୟୋଜିତ ଥିଲେ। ନୂଆ ଗ୍ରାନାଇଟ୍ ଚଟାଣ ସାଙ୍ଗକୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱରେ କେମିକାଲ ପ୍ଲାଷ୍ଟରିଂ ହୋଇଛି। ଭିତର ଭଣ୍ଡାରରେ ୯ଟି ଏବଂ ବାହାର ଭଣ୍ଡାରରେ ୬ଟି ଏହିପରି ମୋଟ ୧୫ଟି ନୂଆ ଷ୍ଟେନଲେସ୍ ଷ୍ଟିଲ ବକ୍ସ ବିମ୍ ବିଭିନ୍ନ ସାଇଜର ଲଗାଯାଇଛି।

ସେହିପରି ଭିତର ରତ୍ନଭଣ୍ଡାରର କବାଟ ମରାମତି ହୋଇଛି। ବାହାର ଭଣ୍ଡାରର ଆଇରନ ଗେଟ୍ ବଦଳାଯାଇ ଷ୍ଟେନ୍‌ଲେସ୍ ଷ୍ଟିଲ ଗେଟ୍ କରାଯାଇଛି। ଏହାର ବାହାରେ ବର୍ମାଟିକ୍ କାଠର କବାଟ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ବାହାର କାଠ ଦ୍ୱାରକୁ ରୁପା ଛାଉଣୀ କରାଯିବ। ଏହାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଭଣ୍ଡାର ମେକାପ ସେବକ, ଗଜପତିଙ୍କ ପ୍ରତିନିଧି ଏବଂ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କ ସମ୍ମୁଖରେ ଏହି ଗେଟ୍ ସିଲ୍ କରାଗଲା। ଭିତର ରତ୍ନଭଣ୍ଡାର ଗେଟ୍ ତାଲାର ଚାବି ଏବେ ମନ୍ଦିର ପ୍ରଶାସନ ପାଖରେ ଅଛି। ଭିତର ଭଣ୍ଡାର ଦ୍ୱାରକୁ ସୁନା ଛାଉଣୀ କରାଯିବା ଲାଗି ଯୋଜନା ରହିଛି।

ଏସ୍‌ଓପି ଅନୁଯାୟୀ, ପ୍ରଥମେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ଭିତର ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର କରାଯିବ। ଜଉମୁଦ ଦିଆଯାଇ ଏହାର ଚାବି ଟ୍ରେଜେରୀରେ ରହିବ। ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ଅଳଙ୍କାର ବାହାର ଭଣ୍ଡାରକୁ ସ୍ଥାନାନ୍ତର ପରେ ଏହାର ଚାବି ସିଲ୍ କରାଯାଇ ରଖାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଗଣତି ମଣତି ହେବ। ୧୯୭୮ ମସିହା ତାଲିକା ସହ ମେଳ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# ଜଳପ୍ରପାତରେ ବୁଡ଼ିଗଲେ ଇଞ୍ଜିନିୟରିଂ ଛାତ୍ର



ରାଉରକେଲା,୭।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା, ଗୁରୁଣ୍ଡିଆ ବ୍ଲକ୍‌ସ୍ଥିତ ପ୍ରସିଦ୍ଧ ବାଦଲଗିରି ଜଳପ୍ରପାତରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ରାଜଗାଙ୍ଗପୁରର ଲିପଲୋଇ ଅନ୍ତର୍ଗତ ପାନପଡ଼ା ଅଞ୍ଚଳର ଗୌରବ ବିପ୍ଳବ (୨୨)। ୧୨ଜଣ ବନ୍ଧୁଙ୍କ ସହ ଗୌରବ ବାଦଲଗିରି ଜଳପ୍ରପାତକୁ ପିକନିକ୍ କରିବାକୁ ଯାଇଥିଲେ। ରବିବାର ଅପରାହ୍ଣ ପ୍ରାୟ ୩ଟାରେ ଗୌରବ ଏବଂ ତାଙ୍କ ୪ଜଣ ସାଥୀ ଜଳପ୍ରପାତକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୌରବଙ୍କ ପାଦ ପଥର ଉପରୁ ଖସିଯିବାରୁ ସେ ଜଳପ୍ରପାତର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସମସ୍ତ ୪ଜଣ ସାଥୀ କୌଣସିପ୍ରକାରେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକ ଏବଂ ଗୁରୁଣ୍ଡିଆ ପୁଲିସ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଘଞ୍ଚ ଜଙ୍ଗଲ ସାଙ୍ଗକୁ ଅନ୍ଧାର ହୋଇଯିବାରୁ ଉଦ୍ଧାରକାରୀ ଦଳଙ୍କୁ ସଫଳତା ମିଳିପାରି ନଥିଲା। ସୋମବାର ସକାଳେ ଓଡ୍ରାଫ୍ ଟିମ୍ ବହୁ ଖୋଜାଖୋଜି କରିଥିଲେ ହେଁ ଯୁବକଙ୍କ ସନ୍ଧାନ ପାଇପାରିନାହିଁ। ପୂର୍ବରୁ ମଧ୍ୟ ଏଠାରେ ରାଉରକେଲାର ଦୁଇଜଣ ଇଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା।

## ନେଇଗଲେ ଅଧରପଣା

ପୁରୀ,୭।୭(ସମିସ): ପ୍ରତିବର୍ଷ ରଥ ଉପରେ ଅଧରପଣା ହାଣ୍ଡି ଭାଙ୍ଗିବା ବେଳେ କିଛି ସେବାୟତ ପଣା ନେଇଥାନ୍ତି। କେହି କେହି ରଥ ଉପରେ ଟିଫିନ, ଗଡ୍ଡୁ, ଭଙ୍ଗା କୁଡୁଆ, ହାଣ୍ଡି ଆଦିରେ ପୁରାଇ ପଣା ସଂଗ୍ରହ କରନ୍ତି। ପୁଣି କେତେଜଣ ତଳେ ଠିଆ ହୋଇ ବାଲତି, ଜରି ଆଦି ଦେଖାଇ ପଣା ନେଇଥାନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅଧରପଣା କେହି ସଂଗ୍ରହ କିମ୍ବା ନେଇପାରିବେ ନାହିଁ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଯଦିଓ ଭଙ୍ଗା ପୂର୍ବରୁ କେହି ପଣା ନେଇ ନଥିଲେ, ଭାଙ୍ଗିବା ପରେ ତଳକୁ ଗଡୁଥିବା ପଣାକୁ କେତେଜଣ ନେଉଥିବା ଦେଖିବାକୁ ମିଳିଥିଲା। ସେମାନେ ଗଡ୍ଡୁ, ଭଙ୍ଗା କୁଡଆ, ଜରିରେ ପଣା ସଂଗ୍ରହ କରିଥିଲେ। କିନ୍ତୁ ସେମିତି କୌଣସି ବିଶୃଙ୍ଖଳା କରି ନ ଥିଲେ।


**AFFIDAVIT**

I **BIKRAM AGARWAL,** S/o Naresh Kumar Agarawal, resident of Kusumaguda, Main ROAD, Po / PS - Umerkote, Dt- Nabarangapur, odisha -764073, Odisha declare by this Affidavit No.3000, Dated - 07/07/2025, that now onwards I shall be known as **VIKRAMDEV AGARWAL** for all future purpose.

**AFFIDAVIT**

**I UTTAM PRASAD AGARWAL,** S/o Naresh Kumar Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha -764 073, Odisha declare by this Affidavit No.2999, Dated - 07/07/2025, that now onwards I shall be known as **UTTAM PRASAD AGRAWAL** for all future purpose.

**ହଜିଯାଇଥିବା ଦସ୍ତାବେଜ**

ମୁଁ ମୋର ଅରିଜିନାଲ ପଟ୍ଟା (R O R) ଖା ନ :- 1309/3820 ମୌଜା ପଦ୍ମପୁର ପୁରୁଷୋତ୍ତମ ନଗର ଥାନା ପଦ୍ମପୁର ଜିଲ୍ଲା ବରଗଡ ପ୍ଲଟ ନ – 476/8320, ବିକ୍ରୟ କବଲା i d no - 171700150 ଓ doc no - 10171700187 କୁଗତ 03/07/2025 ତାରିଖ ରେ ପଦ୍ମପୁର ଠାରେ ହଜାଇ ଦେଇଛି | ଏହି ଘଟଣା କୁ ପଦ୍ମପୁର ଥାନା ଅଧିକାରୀ ତଥା ପଦ୍ମପୁର ଥାନା ରେ ଦରଖାସ୍ତ କରିଛି | ଏହାର sde no-12 ତା :- 05/07/2025] ଏହି ଡକୁମେଣ୍ଟ କୌଣସି ବ୍ୟକ୍ତି ପାଇଲେ ନିମ୍ନ ଲିଖିତ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବେ ।
ନାମ- ସବିତା ଅଗ୍ରୱାଲ
ସ୍ୱାମୀ- ରାମଚନ୍ଦ୍ର ଅଗ୍ରୱାଲ
Mob no: 8260994868

**AFFIDAVIT**

**I SEEMA AGARWAL,** W/o Vikramdev Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha - 764073, Odisha declare by this Affidavit No.3001, Dated - 07/07/2025, that now onwards I shall be known as **SEEMABAI AGRAWAL** for all future purpose.

**AFFIDAVIT**

I **MANMOHAN KUMAR AGRAWAL,** S/o- Madanlal Agrawal, resident of Raju Street, Po / PS- Jeypore, Dt- Koraput, odisha- 764001, Odisha declare by this Affidavit No.2856, Dated - 24/06/2025, that now onwards I shall be known as **MANMOHAN AGRAWAL** for all future purpose.

**AFFIDAVIT**

By virtue of affidavit SL NO. 1798, dated -07/07/2025 in the court of the Executive Magistrate, Phulbani, dist- Kandhamal, I, Keshaba Digal, have changed my name from **Krupasindhu Digal** to **Keshaba Digal**, Henseforth I shell be known as **Keshaba Digal** for all purpose.
**Sd/- Keshaba Digal**

**ଘୋଷଣାନାମା**

ଆମେ ଅମାନତ ରସୁଲ ଖାଁ, ପିତା-ଦାଉଦ ଖାଁ, ସା: ପାଟଣାସାହି, ପୋ/ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ ସର୍ବସାଧାରଣରେ ଘୋଷଣା କରୁଅଛୁ ଯେ, ଆମ୍ଭେ ଆମ୍ଭର ସ୍ତ୍ରୀ ସମିନା ବେଗମ, ପିତା-ସ୍ୱର୍ଗତ ସେକ ଅବଦୁଲ ହାକିମ ଙ୍କୁ ମୁସଲମାନ ଆଇନ ଅନୁଯାୟୀ ତଲାକ-ଏ-ହସନ ଗତ ତା.୧୩.୪.୨୦୨୫ରିଖରେ ତିନି ତଥା ଶେଷ ତଲାକ ଦେଇଅଛୁ ଏବଂ ସେ ଉକ୍ତ ତାରିଖରୁ ଆମ୍ଭ ସ୍ତ୍ରୀ ରହିଲେ ନାହିଁ କିମ୍ବା ସେ ଆମ୍ଭର ସମସ୍ତ ଅଧିକାରରୁ ବଂଚିତ ହୋଇ ଅଛନ୍ତି । ଏବଂ ଏହା ମଧ୍ୟ ଆମ୍ଭେ ଗତ ତା. ୪.୭.୨୫ ରିଖରେ ସତ୍ୟପାଠ ନମ୍ବର ୧୧୨୦ ରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଭଦ୍ରକଙ୍କ ସମ୍ମୁଖରେ ଘୋଷଣା କରିଅଛୁ ।
ଅମାନତ ରସୁଲ ଖାଁ

**AFFIDAVIT**

I, AMAR GAIKWAD, S/o Bharat Gaikwad, resident of At: Flat No- A602, NBCC Imperia, New Government Colony, Mancheswar, Bhubaneswar- 751005, Dist: Khordha, Odisha declare by this affidavit CFNo: 37, Dated 05.07.2025 that now onwards I shall be known as **AMAR BHARAT GAIKWAD** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 07/07/2025. I, **Kshirabati Behera,** formerly called as Khira Behera, D/o Ainthapatar Behera (father), Debaki Behera (mother), permanent resident of At- Silpara, Digsira, PO- Kushkela, PS- Sindhekela, Dist- Bolangir, (Odisha), PIN- 767066 now residing at the same place affirm that I have changed my name from **Khira Behera** (old name) To **Kshirabati Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kshirabati Behera** (new name).
**Kshirabati Behera**

**AFFIDAVIT**

I, Paresh Chndra Mohanty, aged about 28 years, S/o- Khokan Mohanty, resident of At- Gunsartha, Po- Chandakusumi, Ps- Kamarda, Dist- Balasore, Odisha, Pin- 756035 declare by this affidavit No.1311, dtd- 07/07/2025 that now onwards I shall be known as **PARESH CHANDRA MOHANTY** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪୦ ଟଙ୍କାର ତେଲ...

ଖାଉଟି ପେଟ୍ରୋଲିୟମ ଟିକସ ଦେଉଥିଲେ ମଧ୍ୟ ତୈଳ ମୂଲ୍ୟ ହ୍ରାସ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଲୋକସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କେବଳ ଥରେ ଲିଟର ପିଛା ୨ ଟଙ୍କା ହ୍ରାସ ପାଇଥିଲା। ସେବେଠାରୁ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ସମୟ ମଧ୍ୟରେ, କଞ୍ଚା ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୨୦ ଡଲାରରୁ ଅଧିକ ହ୍ରାସ ପାଇଛି। ମାତ୍ର ଏହାର ଫାଇଦା ଖାଉଟିଙ୍କ ପାଖରେ ପହଞ୍ଚି ପାରିନାହିଁ। ବିଶେଷଜ୍ଞଙ୍କ ମତରେ ୨୦ ଡ଼ଲାର କଞ୍ଚାତେଲ ମୂଲ୍ୟ ହ୍ରାସ ଭାରତୀୟ ବଜାରରେ ପେଟ୍ରୋଲ ଡ଼ିଜେଲ ମୂଲ୍ୟକୁ ୨୫% ପର୍ଯ୍ୟନ୍ତ କମ୍ କରିପାରିବ। ମାତ୍ର ଏହାର ଏହାର ସବୁ ଲାଭ କମ୍ପାନୀ ଓ ସରକାର ପାଇଛନ୍ତି। ସମ୍ପ୍ରତି ଅଶୋଧିତ ତେଲ ଉତ୍ପାଦକଙ୍କ ସଂଗଠନ ଓପେକ୍ ରାଷ୍ଟ୍ର ସମୂହ ଅଶୋଧିତ କଞ୍ଚା ତେଲ ଉତ୍ପାଦନ ବୃଦ୍ଧି ଘୋଷଣା ଯୋଗୁଁ ପୁଣି ଅଶୋଧିତ ତୈଳ ଦର ହ୍ରାସ ପାଇବାର ସମ୍ଭାବନା ରହିଛି। ଚଳିତ ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସରେ ଉପସାଗରୀୟ ଦେଶଗୁଡ଼ିକର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ପାଖାପାଖି ୧୦ ଡଲାର ପର୍ଯ୍ୟନ୍ତ ହ୍ରାସ କରିବାକୁ ଯୋଜନା କରିଛନ୍ତି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ଯୋଗାଣରେ ବୃଦ୍ଧି ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ଗୋଟିଏ ପଟେ ଆମେରିକା ଯୋଗାଣ ବୃଦ୍ଧି କରିଛି। ଅନ୍ୟପଟେ ଓପେକ୍ ପ୍ଲସ୍ ସଦସ୍ୟ ରାଷ୍ଟ୍ରମାନଙ୍କ ପକ୍ଷରୁ ଯୋଗାଣ ଜାରି ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପରେ, ହର୍ମୁଜ୍ ସଙ୍କଟ ମଧ୍ୟ ଟଳିଯାଇଛି। ଏହାସହିତ ଯୋଗାଣରେ କୌଣସି ବାଧା ସୃଷ୍ଟି ହେବାର ସମ୍ଭାବନା ନାହିଁ। ଯାହା ଫଳରେ ତୈଳ ମୂଲ୍ୟ ପ୍ରାୟ ୧୫% କମିବ ବୋଲି ଆଶା କରାଯାଉଛି। ମାତ୍ର ଭାରତର ଖାଉଟିମାନଙ୍କ ପାଇଁ ଏହି ଲାଭ ମିଳିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

### ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ...

ଡ଼ାକ୍ତରଖାନାରୁ ଡ଼ିସଚାର୍ଜ ହୋଇଥିଲେ ହେଁ ନବୀନ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ମୁମ୍ବାଇରେ ରହିବେ। ସେଠାରେ ତାଙ୍କର ଫିଜିଓ ଥେରାପି ଚାଲିବ। ଏହାପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ।

ସର୍ଭିକାଲ ଆଥ୍ରାଇଟ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ସ୍ପାଇନ ସ୍ପେସିଆଲିଷ୍ଟ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ତାଙ୍କର ସ୍ୱାସ୍ଥ୍ୟ ଉପରେ ନଜର ରଖିଥିଲେ।

ମେଡିକାଲ୍‌ରୁ ଡିସ୍‌ଚାର୍ଜ ପରେ ନବୀନ ପଟ୍ଟନାୟକ ଏକ୍ସ ଯୋଗେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍ ଓ ଗଙ୍ଗା ହସ୍ପିଟାଲର ସମସ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି। ଉତ୍ତମ ଡାକ୍ତରୀ ସେବା ପ୍ରଦାନ ସାଙ୍ଗକୁ ଅସ୍ତ୍ରୋପଚାର ପୂର୍ବ ଏବଂ ପରବର୍ତ୍ତୀ ସମୟରେ ତାଙ୍କର ଯତ୍ନ ନେଇଥିବାରୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ସେ ରାଜ୍ୟ ତଥା ରାଜ୍ୟ ବାହାରୁ ଯେଉଁମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରାର୍ଥନା କରିଛନ୍ତି, ସେମାନଙ୍କୁ ନବୀନ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷରେ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ପକ୍ଷରୁ ମଧ୍ୟ ନବୀନ ପଟ୍ଟନାୟକଙ୍କ ଦ୍ରୁତ ଆରୋଗ୍ୟ କାମନା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ସେମାନଙ୍କ ଉପରେ ଭରସା କରି ନବୀନ ସେବା ପାଇଁ ସୁଯୋଗ ଦେଇଥିବାର ହସପିଟାଲ କର୍ତ୍ତୃପକ୍ଷ କୃତଜ୍ଞତା ଜଣାଇଛନ୍ତି।

### ମୁଖିଆ ହେବେ...

ମଧ୍ୟରେ ମନମୋହନ ଏକାକୀ ନିଜର ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପାଇଁ ସମସ୍ତ ୩୨ ଜଣ ନାମାଙ୍କନ କରିଛନ୍ତି। ନାମାଙ୍କନ ପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ସାଂସଦ ସମ୍ବିତ ପାତ୍ରଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସହ ନିର୍ବାଚନ ଅଧିକାରୀ ସୁକେଶୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ମନମୋହନ ୩ଥର ରାଜ୍ୟ ସଭାପତି ଦାୟିତ୍ୱ ତୁଲାଇ ସାରିଛନ୍ତି। ପ୍ରଥମେ ୧୯୯୯ରୁ ୨୦୦୦ ଓ ପରେ ୨୦୦୧ ରୁ ୨୦୦୪ ପର୍ଯ୍ୟନ୍ତ ସଭାପତି ରହିଥିଲେ। ପରେ ୨୦୨୩ ମସିହାରେ ସେ ତୃତୀୟ ଥର ପାଇଁ ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ ଚତୁର୍ଥ ଥର ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଶ୍ରୀ ସାମଲ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ରହିଥିଲେ। ୨୦୦୪ରେ ସେ ସାଂସଦ ପଦରୁ ଇସ୍ତଫା ଦେଇ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଜେପି – ବିଜେଡି ମେଣ୍ଟ ସରକାରରେ ଗୁରୁତପୂର୍ଣ୍ଣ ରାଜସ୍ୱ ବିଭାଗର ମନ୍ତ୍ରୀ ଥିଲେ।

### ଘରୁ ଘୋଷାଡ଼ି...

ସଂପୃକ୍ତି ଥିବା ପୁଲିସ୍ ସନ୍ଦେହ କରୁଥିବା ବେଳେ ଜଣେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ଘଟଣାକୁ ଗୁରୁତ୍ୱର ସହ ନେଇ ଆଜି ପୂର୍ବାହ୍ନରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ଦିଲ୍ଲୀପଙ୍କ ପଡ଼ୋଶୀ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତ ଗିରଫ ହେବେ ବୋଲି ଏସ୍‌ପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ କେଉଁ କାରଣରୁ ଦିଲ୍ଲୀପଙ୍କୁ ହତ୍ୟା କରାଯାଇଛି, ତାହା ଜଣାପଡ଼ିନାହିଁ। ସୂଚନାନୁଯାୟୀ, ଦିଲ୍ଲୀପ କାଲି ଖାଇପିଇ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସେମାନେ ତାଙ୍କ ସହ ପାଟିତୁଣ୍ଡ କରିବା ପରେ ମାରପିଟ୍ କରିଥିଲେ। ପରେ ତାଙ୍କୁ ଘରୁ ବାହାରକୁ ଟାଣି ନେଇ ଖଣ୍ଡା ଓ ବିଭିନ୍ନ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଦିଲ୍ଲୀପଙ୍କ ମୁଣ୍ଡ, ହାତ, ପିଠି ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ପୁଲିସ୍ ଅଧିକାରୀ ଘଟଣା ପହଞ୍ଚିଥିଲେ। ପରିବାରଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଦିଲ୍ଲୀପଙ୍କ ବଡ଼ଭାଇ ହରିଶ୍ଚନ୍ଦ୍ର ପାତ୍ର ଘଟଣାକୁ ନେଇ ଗୋଳନ୍ଥରା ଥାନରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷେ, ନିକଟ ଅତୀତରେ ଦିଲୀପଙ୍କ ଗାଡ଼ି ସହ ଜଣେ ଯୁବକଙ୍କ ଗାଡ଼ି ଧକ୍କା ହୋଇଥିଲା। ଏଥିରେ ସମ୍ପୃକ୍ତ ଯୁବକ ଆହତ ହୋଇଥିବା ବେଳେ ତାଙ୍କର ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏଥିପାଇଁ କ୍ଷତିପୂରଣ ଦେବାକୁ ଯୁବକଜଣଙ୍କ ଦାବି କରିଆସୁଥିଲେ। କିନ୍ତୁ ଦିଲୀପ ତାହା ଦେବାକୁ ପ୍ରସ୍ତୁତ ହେବା ପରିବର୍ତ୍ତେ ପାଲଟା ସମ୍ପୃକ୍ତ ଯୁବକଙ୍କୁ ଗାଳିଗୁଲଜ ଓ ଧମକାଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଉକ୍ତ ଘଟଣାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି।

ପ୍ରକାଶ ଥାଉକି, ଗତ ଏକମାସ ମଧ୍ୟରେ ଗୋପାଳପୁର ଥାନାରେ ଗୋଟିଏ ଗଣଦୁଷ୍କର୍ମ ମାମଲା ସମେତ ଏକାଧିକ ଚୋରି ମାମଲା ରୁଜୁ ହୋଇଛି। ସେହିପରି ଗୋଳନ୍ଥରା ଥାନାରେ ଗୋଟିଏ ଗଣଦୁଷ୍କର୍ମ ସମେତ ମୋଟ ୩ଟି ଦୁଷ୍କର୍ମ ମାମଲା, ଗୋଟିଏ ଡକାୟତି, ବହୁ ହତ୍ୟା ଉଦ୍ୟମ ଓ ଚୋରି ମାମଲା ରୁଜୁ ହୋଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଭୟ ଗୋପାଳପୁର ଓ ଗୋଳନ୍ଥରା ଥାନା ଇଲାକାରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ନଜରକୁ ଆସୁଛି। ଏପରିକି, ବାରମ୍ବାର ଘଟଣା ଘଟାଇ ପୁଲିସକୁ ଅପରାଧୀମାନେ ଖୋଲା ଚାଲେଞ୍ଜ ଦେଉଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

### ୩ ହାର୍ଡକୋର୍...

କରିଥିବା ମାଓବାଦୀ ହେଲେ, ବିଜିଏନ ସଙ୍ଗଠନ ଡିଭିଜନାଲ କମିଟି ମେମ୍ବର ମାଦେ ବେଟି ଓରଫ ଚମ୍ପା, କେକେବିଏନ ସଙ୍ଗଠନର ଏରିଆ କମିଟି ମେମ୍ବର ରାଜୁ ଦୋଡି ଓରଫ ଅଜୟ ଏବଂ ଆଡମୋ ମାଧବୀ ଓରଫ ମଞ୍ଜୁ। ଚମ୍ପା ୨୦୦୯ ରୁ ମାଓ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ଅଜୟ ୨୦୧୬ ଏବଂ ମଞ୍ଜୁ ୨୦୧୧ରେ ସାମିଲ ହୋଇଥିଲେ। ସେମାନେ ସମସ୍ତେ ଛତିଶଗଡ଼ କ୍ୟାଡରର ଏବଂ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ସକ୍ରିୟ ଥିଲେ। ଲାଲବାହିନୀର ଝାଡ଼ଖଣ୍ଡ-ଛତିଶଗଡ଼ କରିଡରକୁ ପୁନଃସକ୍ରିୟ କରିବା ଦିଗରେ ସେମାନେ କାମ କରୁଥିଲେ। ଅତୀତରେ ଘଟିଥିବା ଏକାଧିକ ମାଓ କାର୍ଯ୍ୟକଳାପରେ ସେମାନଙ୍କ ସମ୍ପୃକ୍ତି ଥିବା ଆଇଜି ସୂଚନା ଦେଇଛନ୍ତି। ସୁରକ୍ଷା ବାହିନୀର ଲଗାତାର ମାଓ ବିରୋଧୀ ଅଭିଯାନ ଦ୍ୱାରା ହତୋତ୍ସାହିତ ହେବା ସାଙ୍ଗକୁ ସଙ୍ଗଠନର ଆଭିମୁଖ୍ୟ ପ୍ରତି ବୀତସ୍ପୃହ ହୋଇ ପୁଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି ତିନି ମାଓବାଦୀ। ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ପ୍ୟାକେଜ୍ ମଧ୍ୟ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିବା ସେମାନେ କହିଛନ୍ତି। ଏମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ବାଲିଗୁଡ଼ା ଥାନା ଅଞ୍ଚଳରେ ପୁଲିସ ସହ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଜିଲ୍ଲାରେ ଲଗାତାର ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ଏବଂ ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୫୦ତଳକୁ ଖସି ଆସିଥିବା ଆଇଜି ପ୍ରକାଶ କରିଛନ୍ତି। ଏହି ଅବସରରେ, ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ସହିତ ସରକାରଙ୍କ ଥଇଥାନ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସପି ହରିଶ ବି ସି ଏବଂ ୧୨୭ ସିଆରପିଏଫ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା ଉପସ୍ଥିତ ଥିଲେ।

### କ୍ୟାଡର୍ କର୍ମୀଙ୍କୁ...

ବରିଷ୍ଠ ଓ କ୍ୟାଡ଼ର ମାଓବାଦୀଙ୍କ ଯୌନ ଶୋଷଣ, ଶାରୀରିକ ଉତ୍ପୀଡ଼ନ ସମ୍ପର୍କରେ ସେମାନେ କାହାକୁ କହି ପାରୁ ନ ଥିଲେ। କାନ୍ଦି ପାରୁଥିଲେ ନା ନିଜ ବ୍ୟଥା କାହାକୁ ବାଣ୍ଟି ପାରୁଥିଲେ। ଶେଷରେ ଅସହ୍ୟ ହେବାରୁ ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ ବୋଲି ପୁଲିସକୁ କହିଛନ୍ତି।

ମହିଳା ମାଓବାଦୀ ମାଡ଼େ ବେଟି ଓରଫ ଚମ୍ପା, ଆଡେମା ମାଧବୀ ଓରଫ ମଞ୍ଜୁ ଓ ରାଜୁ ଦୋଡ଼ି ଓରଫ ଅଜୟ ଆଜି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ବିଜେପୁର ଜିଲ୍ଲା ଛତିଶଗଡ ଅଞ୍ଚଳର। ବରିଷ୍ଠ କ୍ୟାଡର ମାଓବାଦୀମାନେ ଆଦିବାସୀ ଯୁବକ ଯୁବତୀମାନଙ୍କୁ ଚାକିରିର ମିଥ୍ୟ ପ୍ରତିଶ୍ରୁତି ଦେଇ ସଂଗଠନରେ ସାମିଲ କରାଯାଉଥିଲେ। ସେମାନଙ୍କୁ ଗଞ୍ଜେଇ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ ବିକ୍ରି କାର୍ଯ୍ୟରେ ନିୟୋଜିତ କରୁଥିଲେ। ମହିଳା ମାଓବାଦୀଙ୍କ ସହ ଏକାଧିକ ସିନିୟର କ୍ୟାଡର ଯୌନ ସମ୍ପର୍କ ରଖୁଥିଲେ। ସେମାନେ ବିରୋଧ କଲେ ଖାଇବାକୁ ଦେଉ ନ ଥିଲେ, ବନ୍ଧୁକ ପଛରେ ପିଟୁଥିଲେ। ନିର୍ଯାତନା ଅସହ୍ୟ ହେବା ପରେ ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ ଲାଗି କନ୍ଧମାଳ ଏସ୍‌ପି ବି.ସି ହରିସ୍‌ଙ୍କୁ ଚିଠି ଲେଖିଥିଲେ। ପୁଲିସ ସେମାନଙ୍କୁ ସ୍ୱାଗତ କରିବା ସହ ଆତ୍ମସମର୍ପଣ ଯୋଜନାରେ ସାମିଲ କରାଯାଇ ସମସ୍ତ ଅନୁକମ୍ପା ରାଶି ମିଳିବ ବୋଲି ଦକ୍ଷିଣାଞ୍ଚଳ ଆଇଜି କହିଛନ୍ତି।

### ୨ ମୃତ, ୩୦ରୁ...

ପ୍ରମୁଖ ଅଧିକାରୀମାନେ ଉସ୍ତପଲ୍ଲୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପିଇବା ପାଣିର ନମୁନା ସଂଗ୍ରହ କରିଛନ୍ତି। ଏହା ଖାଦ୍ୟ ବିଷାକ୍ତଜନିତ କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଥିବା ବେଳେ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ପରିବାରବର୍ଗଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ବର୍ଷା ପରେ ପରେ ପ୍ରଶାସନ ଆଗୁଆ ସଜାଗ ନ ହୋଇଥିବାରୁ ଗ୍ରାମାଞ୍ଚଳରେ ଏଭଳି ପରିସ୍ଥିତି ଦେଖା ଦେଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୯୬୭୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୩.୦୮.୨୦୨୫ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୩.୦୮.୨୦୨୫ରିଖ ଅପରାହ୍ଣ ୦୨.୦୦ ଘଟିକା ରୁ ଅପରାହ୍ଣ ୦୪.୦୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ତା.୧୧.୦୮.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

| କ୍ର. ନଂ. | ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଆଖଣ୍ଡଳମଣୀ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ୰ ବନମାଳି ପାଣି,** ଠିକଣା-୧: ସା: ହୁସେନ ମାର୍କେଟ କମ୍ପ୍ଲେସ୍, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୦୪୫, ଠିକଣା-୨: ସା: ତେନ୍ତୁଳିଆ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା / **ଆଇନଗତ ଉତ୍ତରାଧିକାରୀ: ୧) ଶ୍ରୀ ପ୍ରସୁନ୍ତ ପାଣି,** ପିତା: ୰ ବନମାଳି ପାଣି, **୨) ଶ୍ରୀମତୀ ସବିତା ପାଣି,** ସ୍ୱାମୀ: ୰ ବନମାଳି ପାଣି, ଉଭୟଙ୍କ ଠିକଣା- ସା/ପୋ: ତେନ୍ତୁଳିଡିହି, ଥାନା: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା | ୰ ବନମାଳି ପାଣିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତେନ୍ତୁଳିଡିହି, ପୋ/ଥାନା/ତହସିଲ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, (କ) ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୯୪, ପ୍ଲଟ୍ ନଂ.: ୧୮୭୧, କ୍ଷେତ୍ର: ଏକର୦.୦୮ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ହରିବଲ୍ଲଭ ପଢ଼ିହାରି, ପୂର୍ବ: ପଞ୍ଚୁ ପଢ଼ିହାରି, ପଶ୍ଚିମ: ରାସ୍ତା, (ଖ) ମୌଜା: ସିମିଳିଆ, ଖାତା ନଂ.: ୮୬/୧୫୨, ପ୍ଲଟ୍ ନଂ.: ୧୨୯/୬୬୫ ଏବଂ ୧୩୦/୬୬୬, କ୍ଷେତ୍ର: ଏକର୦.୦୪ ଡିସିମିଲି ଏବଂ ଏକର୦.୦୪ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗଦାଧର ସାହୁ, ଦକ୍ଷିଣ: ୧୦ ଫୁଟିଆ ରାସ୍ତା, ପୂର୍ବ: ଗୁଣନିଧି କର, ପଶ୍ଚିମ: ଶ୍ରୀ ସୁଶାନ୍ତ, (ଗ) ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୧୩୪, ପ୍ଲଟ୍ ନଂ.: ୨୪୪୫/୨୯୨୦ ଏବଂ ୨୪୪୬, କ୍ଷେତ୍ର: ଏକର୦.୦୨ ଡିସିମିଲି ଏବଂ ଏକର୦.୧୦ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: କୈଶା ବାରିକ, ଦକ୍ଷିଣ: କାଦୁଅ ରାସ୍ତା, ପୂର୍ବ: ଗ୍ରାମ୍ୟ କଂକ୍ରିଟ୍ ରାସ୍ତା, ପଶ୍ଚିମ: ବ୍ୟକ୍ତିଗତ ପ୍ଲଟ୍ (ଏହି ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୯୫,୮୦,୭୭୮/- ସହିତ ତତ୍ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୧୧.୨୦୨୨ | ଟ.୬୩,୨୫,୦୦୦/- / ଟ.୬,୩୨,୫୦୦/- / ଟ.୫୦,୦୦୦/- |
| ୨. | **ଋଣଗ୍ରହୀତା: ମେସର୍ସ ମା ମଙ୍ଗଳା ସାଇକେଲ ଷ୍ଟୋର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୌରାଙ୍ଗ ସ,** ସା/ପୋ: ଆଜିମାବାଦ, ମେନ୍ ରୋଡ୍, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧/ **ଜାମିନ୍‌ଦାର: ଶ୍ରୀ ଅନ୍ତର୍ଯ୍ୟାମୀ ସ,** ପିତା: ଅନାଦୀ ଚରଣ ସ, ବୁଆଁଳ ବୁଆଁଳ ମନ୍ଦିର ନିକଟ, ବାଲେଶ୍ୱର ସଦର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୭ | ଗୌରାଙ୍ଗ ସ ଏବଂ ଅନ୍ତର୍ଯ୍ୟାମୀ ସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କରଞ୍ଜିଆ, ୟୁନିଟ୍-୬, ଖାତା ନଂ.: ୧୯୯/୨୬୦୧, ପ୍ଲଟ୍ ନଂ.: ୬୪୦/୩୭୮୩, କ୍ଷେତ୍ର: ଏକର୦.୦୪ ଡିସିମିଲି, କିସମ: ଘରବାରି (ଏହି ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୮୧,୨୫,୬୬୮/- ସହିତ ତତ୍ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୬.୦୬.୨୦୨୪ | ଟ.୪୩,୧୭,୦୦୦/- / ଟ.୪,୩୧,୭୦୦/- / ଟ.୫୦,୦୦୦/- |

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫ ଏବଂ ସିସିଓ: ଶ୍ରୀ ବି.ଏନ୍. ମୂର୍ତ୍ତୀ, ମୋ.: ୭୩୮୧୦୪୮୭୦୭

ତାରିଖ : ୦୭.୦୭.୨୦୨୫, ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# କଇଁଛ ପିଠିରେ ଚିତ୍ର ଆଙ୍କି ଭିଡିଓ କରି ଦୁଇ ଯୁବକ ଗିରଫ

**ବିଜେପୁର, ୭।୭ (ସମିସ)**

ବରଗଡ଼ ଜିଲ୍ଲା ବିଜେପୁର ଠାରେ କଇଁଛ ପିଠିରେ ଜଗନ୍ନାଥଙ୍କ ଚିତ୍ର ଆଙ୍କି ଦୁଇ ଯୁବକ ବନ୍ଧା ହେବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଜେପୁର ଗାଁର ଜଣେ ଯୁବକ ଆଶିଷ ମେହେର (୨୯) ଏକ ବିଲରୁ କଇଁଛଟିଏ ପାଇଥିଲେ। ଏହାପରେ ସାଥୀ ଅବିନାଶ ବଗର୍ତ୍ତି (୨୫)ଙ୍କ ସହିତ ରଙ୍ଗ ତୂଳୀ ସାହାଯ୍ୟରେ କଇଁଛ ପିଠିରେ ଜଗନ୍ନାଥଙ୍କ ଚିତ୍ର ଅଙ୍କନ କରି ସାମାଜିକ ଗଣ ମାଧ୍ୟମରେ ପୋଷ୍ଟ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ କଇଁଛକୁ ଯୁବକ ଦ୍ୱୟ ପାଣିରେ ଛାଡ଼ି ଦେଇଥିବା ଜଣାଯାଇଛି। ବନ୍ୟପ୍ରାଣୀ ଆଇନ ଉଲଂଘନ କରି ରିଲ୍ସ କରି ଫେସବୁକରେ ପୋଷ୍ଟ କରିଥିବାରୁ ଉଭୟ ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ବରଗଡ଼ ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ ସୂଚନା ଦେଇଛନ୍ତି।







ଘେଁସ ବନ ବିଭାଗ ରେଞ୍ଜର ବିଜୟ ଲକ୍ଷ୍ମୀ ପଟେଲଙ୍କ ତତ୍ତ୍ୱାବଧାନରେ ଏସିଏଫ ଡ.ହରମୋହନ ରଥ, ଫରେଷ୍ଟର ଚିନ୍ମୟ ପ୍ରଧାନ ପ୍ରମୁଖଙ୍କ ସମେତ ବନ ବିଭାଗ କର୍ମଚାରୀ ମାନେ ଚଢ଼ଉରେ ସାମିଲ ହୋଇଥିଲେ। ଏ ନେଇ ଘେଁସ ରେଞ୍ଜ ଅଫିସ କାର୍ଯ୍ୟାଳୟରେ ମାମଲା ରୁଜୁ ହୋଇଥିବାର ସୂଚନା ମିଳିଛି।



ସମ୍ବଲପୁରର ସର୍ବପୁରାତନ ଶ୍ରୀ ଶ୍ରୀ ବ୍ରହ୍ମପୁରା ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ

### ଜିଲ୍ଲାରେ ନିର୍ଦ୍ଧୁମ ବର୍ଷା

# ସମରଧରା-ଡୁଙ୍ଗୁରି ରାସ୍ତାରେ ପୋଲ ଉପରେ ପାଣି

**ବରଗଡ଼, ୭।୭ (ସମିସ):** ରବିବାର ରାତିରୁ ବରଗଡ଼ ଜିଲ୍ଲା ସାରା ନିର୍ଦ୍ଧୁମ ବର୍ଷା ହେଉଛି। ଭଟଲି ବ୍ଲକରେ ସର୍ବାଧିକ ୧୫୯ ମିମି ବର୍ଷା ହୋଇଛି। ସମରଧରା-ଡୁଙ୍ଗୁରିରାସ୍ତା ପୋଲ ଉପରେ ପାଣି ବୋହୁଛି। ଅମ୍ବାଭୋନା ବ୍ଲକରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଏହି ପୋଲ ଉପରେ ଦେଇ ବର୍ଷା ପାଣି ଯାଉଥିବା ଯୋଗୁଁ ବାଇକ୍ ଚାଳକ ମାନଙ୍କ ପାଇଁ ପୋଲ ପାର ହେବା ନେଇ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଚାରି ଚକିଆ ଯାନ ଯାତାୟାତରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ସେପଟେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାର ୧୨ ଟି ଯାକ ବ୍ଲକରେ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଭଟଲି ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜୀରା ନଦୀ, ଦନ୍ତା ନଦୀ, ଅଙ୍ଗ ନଦୀ ସମେତ ବହୁ ନଦୀ ଗୁଡିକରେ ପୂର୍ଣ୍ଣ ମାତ୍ରାରେ ନଦୀ ଜଳ ପ୍ରବାହିତ ହେଉଛି। ବରଗଡ଼ ଜୀରା ନଦୀ ପାଖରେ ରହୁଥିବା ଘର ଗୁଡିକରେ ଏବେ ବନ୍ୟା ଜଳ ମାଡି ଆସି ଥିବା ଜଣାପଡ଼ିଛି। ବର୍ଷା ଯଦି ନ କମିବ ତେବେ ସ୍ଥିତି ଭୟଙ୍କର ହେବା ସମ୍ଭାବନା ରହିଛି।



# ନଦୀରେ ଭାସିଯାଇଥିବା ବୃଦ୍ଧ ଜୀବିତ ଉଦ୍ଧାର



**ଭଟଲି, ୭।୭ (ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ନୂଆଗଡ଼ ପଞ୍ଚାୟତ କୁଇସିରା ପାଖ ତ୍ରିଶୁଳ ନଦୀ ପାର ହେଉଥିବା ବେଳେ ଜଣେ ବୃଦ୍ଧ ନଦୀର ପ୍ରଖର ସ୍ରୋତରେ ଭାସି ଯିବା ପରେ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ହୋଇଥିବା ବୃଦ୍ଧ କୁଇସରା ଗାଁର ରଥ ଭୁଏ (୬୨) ବୋଲି ଜଣାପଡ଼ିଛି। ରବିବାର ରାତିରୁ ଭଟଲି ଅଞ୍ଚଳରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ଲାଗି ରହିଥିବାରୁ ନଦୀ ବ୍ରିଜ ଉପରେ ପାଣି ପ୍ରବାହିତ ହେଉଥିଲା। ବୃଦ୍ଧ ଜଣକ ବ୍ରିଜ ପାରି ହେଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଉଭୟ ପାର୍ଶ୍ୱରେ ଥିବା ଲୋକେ ଏହା ଦେଖିଥିଲେ। କିଛି ଲୋକ ତୁରନ୍ତ ଖୋଜା ଖୋଜି କରିବାରେ ଲାଗି ପଡ଼ିଥିଲେ। ଅନେକ ସମୟ ପରେ ପ୍ରାୟ ଏକ କିମି ଦୂରରେ ଥିବା ବନଛୋର ଡିହି ନାଳା ପାଖରେ ତାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ରିତିକ ବଞ୍ଛୋର, ସୁବଳ ବଞ୍ଛୋର, ପପୁ ବଞ୍ଛୋର, ବୁଲୁ ବଞ୍ଛୋର, ସତ୍ୟମ୍ ବାଞ୍ଛୋର୍ ପ୍ରମୁଖ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ପ୍ରବଳ ବର୍ଷା ଯୋଗୁଁ କେସେଇପାଲି ନଦୀ, ବାଞ୍ଜିପାଲି ଦନ୍ତା ବ୍ରିଜ ଉପରେ ଚାରି ଫୁଟର ପାଣି ବୋହୁଥିବାରୁ ଯାତାୟତ ଠପ ହୋଇଥିବା ଜଣାପଡ଼ିଛି।

# ରଥାରୁଢ଼ ଶ୍ରୀଜୀଉଙ୍କ ଅଧରପଣା ତୁମ୍ବି ଭଙ୍ଗା

**ରେଢ଼ାଖୋଲ, ୭।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅଧରପଣା ତୁମ୍ବି ଭଙ୍ଗା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ଆଳତି ପରେ ଶ୍ରୀଜିଉ ମାନଙ୍କର ଅଧର ପଣା ତୁମ୍ବି ଭଙ୍ଗା କରି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ରଥ ଉପରେ ଦର୍ଶନ ଦେଇଛନ୍ତି। ମହାପ୍ରଭୁ ଙ୍କ ପୋଡ଼ ପିଠା ପ୍ରସାଦ ପାଇବା ପାଇଁ ଭକ୍ତ ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଚତୁର୍ଦ୍ଧା ମୂର୍ତ୍ତି ଆଜି ରଥ ଉପରେ ବିଶ୍ରାମ ନେଇ ମଙ୍ଗଳବାର ପହଣ୍ଡି ଯାତ୍ରା କରି ଶ୍ରୀ ମନ୍ଦିରକୁ ପ୍ରବେଶ କରିବେ।



# ‘ଦାରୁଦେବତା’ ଉନ୍ମୋଚିତ

**ସମ୍ବଲପୁର, ୭।୭ (ସମିସ) :** ରଥଯାତ୍ରା ଅବସରରେ ଶ୍ରୀ ବ୍ରଜ ଗିରିରାଜ ସେବା ସଂସ୍ଥାନ ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ ‘ଦାରୁଦେବତା’ ମହାପ୍ରଭୁଙ୍କ ସୁନାବେଶ ଅବସରରେ ଗୋପାଳଜୀ ମଠ ପ୍ରାଙ୍ଗଣରେ ଆୟୋଜିତ ଭଜନ ସମାରୋହରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଯୋଗଦେଇ ବିଶ୍ୱ କଲ୍ୟାଣ ପାଇଁ ଜଗନ୍ନାଥ ସଂସ୍କୃତିର ବହୁଳ ପ୍ରଚାର ଓ ଆବଶ୍ୟକତା ସମୟରେ ‘ଦାରୁଦେବତା’ ପ୍ରକାଶନ ଏକ ସଫଳ ପ୍ରୟାସ ବୋଲି କହିଥିଲେ। ଟ୍ରଷ୍ଟ ସଭାପତି ସୌରଭ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ବିପିନ ବିହାରୀ ନନ୍ଦ ଯୋଗ ଦେଇଥିଲେ। ପତ୍ରିକାର ସମ୍ପାଦକ ଡା. ରାଜାରାମ ଷଡ଼ଙ୍ଗୀ ସଭାକାର୍ଯ୍ୟକୁ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶେଫାଳିରାଣୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବରେ ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା, ସମ୍ବଲପୁର ବିଚାର ମଞ୍ଚ ଆବାହକ ବେଣୁଧର ଦାଶ, ଏସବିଆଇ ଧନୁପାଲି ଶାଖା ପରିଚାଳକ ସୁବ୍ରତ କୁମାର ବାଗ, ଗୋପାଳଜୀ ମନ୍ଦିର ଟ୍ରଷ୍ଟ ସଭାପତି ବିଦେଶୀ ସାନବଡ଼, ଗୁଣ୍ଡିଚା ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ପାଢ଼ୀ, ସଂଯୋଜକ ଅଜୟ ସାହୁ, ଟ୍ରଷ୍ଟ ଉପଦେଷ୍ଟା ଶରତ ଚନ୍ଦ୍ର ପାଢ଼ୀ, ସୁରଜ ଗୁରୁ, ଚୈତନ୍ୟ ନାୟକ, ଦିଲୀପ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ସଂଯୋଜକ ଦେବାଶିଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।



# ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତନେଇ ପ୍ରସ୍ତୁତି

**ସମ୍ବଲପୁର, ୭।୭ (ସମିସ) :** ବିରୋଧୀ ଦଳ ନେତା ତଥା ସାଂସଦ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳର ସର୍ବଭାରତୀୟ ସଭାପତି ମଲିକାର୍ଜୁନ ଖଡଗେ ଆସନ୍ତା ୧୧ ରେ ଭୁବନେଶ୍ୱର ଆସୁଛନ୍ତି। ବରମୁଣ୍ଡା ପଡ଼ିଆରେ ପିସିସି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ଉଭୟେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଜିଲ୍ଲା କଂଗ୍ରେସର ନବନିଯୁକ୍ତ ସଂଯୋଜକ ଦୁର୍ଗା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୋମବାର ପୂର୍ବାହ୍ଣରେ ଏକ ପ୍ରସ୍ତୁତି ବୈଠକ ସମ୍ବଲପୁର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇସିସି ସମ୍ପାଦକ ଓ ବରିଷ୍ଠ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାଁ, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଓ ପିସିସି ସମ୍ପାଦକ ଦିଲ୍ଲୀପ ଦୂରିଆ, କୁଚିଣ୍ଡା କଂଗ୍ରେସ ବିଧାୟକ ପ୍ରାର୍ଥୀ କେଦାର ବରିହାଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଅଂଶଗ୍ରହଣ କରିଥିଲେ। ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମକୁ କିପରି ସଫଳ କରାଯିବ ଓ କେତେ କର୍ମୀ ଏହି ସମାବେଶରେ ଯୋଗ ଦେବେ ସେନେଇ ବିସ୍ତୃତ ଆଲୋଚନା କରାଯାଇ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ରାହୁଲ ଗାନ୍ଧୀଙ୍କ ଗସ୍ତ ସଫଳ କରିବା ପାଇଁ ସମଗ୍ର ଜିଲ୍ଲାରୁ ୨୦୦୦ ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଓ କର୍ମୀ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲା କଂଗ୍ରେସ ପକ୍ଷରୁ ମା’ ସମଲେଇଙ୍କ ଆଶିଷ ସ୍ୱରୂପ



ଏକ ଫଟୋଚିତ୍ର, ପବିତ୍ର ମହାନଦୀ ପାଣି, ହୀରାକୁଦ ନଦୀବନ୍ଧ ଯେଉଁଠାରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଶୁଭ ଦେଇଥିଲେ ତା’ର ପବିତ୍ର ମାଟି ରାହୁଲଜୀଙ୍କୁ ଉପହାର ସ୍ୱରୂପ ଦେବାପାଇଁ ବୈଠକରେ ସ୍ଥିର କରାଯାଇଥିଲା। ବୈଠକରେ ଆସଫ୍ ଅଲ୍ଲୀ ଖାଁ, ଦିଲୀପ ଦୁରିଆ, କେଦାର ବରିହା, ଦୀନବନ୍ଧୁ ପରିଡ଼ା, ପିସିସି ସଭ୍ୟା ସୁରଞ୍ଜିନୀ ବାରିକ, ସଭ୍ୟା ସସ୍ମିତା ପଟ୍ଟନାୟକ, ସୁତପା ମିତ୍ର, ଶିବବ୍ରତ ପ୍ରଧାନ, ରବି ରାଉତ, ରଶ୍ମୀ ରଞ୍ଜନ ସ୍ୱାଇଁ, ଚତୁର୍ଭୂଜ ଝାଙ୍କର, ଏମ୍ଡି ସାଜିଦ, ବିଶ୍ୱଜିତ ରାୟ, ସୋନପୁର ବିଧାୟକ ପ୍ରାର୍ଥୀ ପ୍ରିୟ ସାହୁ, ତପନ ବେହେରା, ବେଣୁଧର ନାୟକ ପ୍ରମୁଖ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ ସଫଳ କରିବା ଏବଂ ସଂଗଠନକୁ ସୁଦୃଢ଼ କରିବା ପାଇଁ ନିଜସ୍ୱ ମତାମତ ରଖିଥିଲେ। ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଦିଶା’ରେ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୭।୭ (ସମିସ) :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିଶା ନିବାରଣ କେନ୍ଦ୍ର ‘ଦିଶା’ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ସମ୍ବଲପୁରରେ ନମୋ ଫାଉଣ୍ଡେସନ ପରିଚାଳନା କରୁଛି। ଏଥିରେ ଡା. ସଞ୍ଜୀବ ମିଶ୍ର ଯୋଗଦେଇ ଥିଲେ। ଅତିଥି ଭାବେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଯୋଗଦେଇ ନିଶାର କୁପ୍ରଭାବ ଉପରେ ଆଲୋକପାତ କରିଥିଲେ।




ଅନ୍ତେବାସୀମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରତନ ଶର୍ମା ଏବଂ ମହେଶ ପାଣ୍ଡେ ବିଚାରକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଧାଂଶୁ ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଖଗେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁନୀଲ ମାଝୀ, ଖ୍ରୀଷ୍ଟୋଫର କୁଜୁର, ସୀମନ୍ତିନୀ ବେରିହା, ଝସକେତନ କରାଳି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ




**ସମ୍ବଲପୁର, ୭।୭ (ସମିସ) :** ସମ୍ବଲପୁର ଜିଲ୍ଲା ଯୁଯୋମୁରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବନ ମହୋତ୍ସବ ତଥା ମା’ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବଡ଼ସାହିର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକ ଓ ପ୍ରକୃତିପ୍ରେମୀ ପ୍ରଦୀପ୍ତ ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ବନ ମହୋତ୍ସବର ଆବଶ୍ୟକତା ଏବଂ ପ୍ରାସଙ୍ଗିକତା ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ଏହି ଅଭିଯାନରେ ଛାତ୍ରଛାତ୍ରୀ ମାନେ ନିଜ ମା’ଙ୍କ ନାମରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ ସଞ୍ଚାଳନ କରିଥିବାବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୭।୭ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଫେକଲଟି ମାନଙ୍କ ସକାଶେ ଷ୍ଟାଟ୍ ଅପ୍ ଇନ୍‌କ୍ୟୁବେସନ ଓ ଗବେଷଣା କରିବା ନିମିତ୍ତ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟଅତିଥି ଆଇଆଇଟି ଧାନବାଦ ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର ମତ ରଖିଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ୮୧ତମ ପ୍ରତିଷ୍ଠା ଦିବସ ସୋମବାର ପୂର୍ବାହ୍ଣରେ ବିଶ୍ୱବିଦ୍ୟାଳୟର ଅଧ୍ୟାପନା ପ୍ରକୋଷ୍ଠ-୧ରେ ପାଳିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ପଟ୍ଟନାୟକ କହିଲେ ଯେ, ସମ୍ବଲପୁର ଏକ




ଶିକ୍ଷାର ହବ୍। ଅନେକ ଗୁଡ଼ାଏ ଶିକ୍ଷାନୁଷ୍ଠାନ ଗୋଟିଏ ସ୍ଥାନରେ ରହିଛି। ଏହି ପରିପ୍ରେକ୍ଷୀରେ ସମସ୍ତ ଅନୁଷ୍ଠାନ ମିଳିତ ଭାବେ କାର୍ଯ୍ୟ କଲେ ଛାତ୍ରଛାତ୍ରୀ ତଥା ଗବେଷକମାନେ ଉପକୃତ ହୋଇପାରିବେ। ଏହାଦ୍ୱାରା ଶିକ୍ଷା ଓ ଶିକ୍ଷଣର ମାନ ଉନ୍ନତି କରାଯାଇପାରିବ। କୁଳସଚିବ ସନତ କୁମାର ନାଏକ ମଞ୍ଚାସୀନ ଥିଲେ। ଜିଏମ୍‌ୟୁ ଉପକୁଳସଚିବ ପ୍ରଫେସର ଡଃ ଉମାଚରଣ ପତି ସଂଯୋଜନା କରିଥିବାବେଳେ ଭାରପ୍ରାପ୍ତ କୁଳପତି ପ୍ରଫେସର ଦାସ ସ୍ୱାଗତ ଭାଷଣ, ପ୍ରଫେସର ଡ. ମୁରଲୀଧର ଶର୍ମା ଅତିଥି ପରିଚୟ ପ୍ରଦାନ, ପ୍ରଫେସର ପାର୍ଥସାରଥୀ ମଲ୍ଲିକ ପୁରସ୍କାର କାର୍ଯ୍ୟକ୍ରମ ପରିଚାଳନା ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। କଳାରେ ଶ୍ରେଷ୍ଠ ସ୍ନାତକ ବୈଷ୍ଣବୀ ଯାଦବ, ବାଣିଜ୍ୟରେ ଶ୍ରେଷ୍ଠ ସ୍ନାତକ ପ୍ରିୟ ରତ୍ନ ବନସୋଦ ଓ ବିଜ୍ଞାନରେ ଶ୍ରେଷ୍ଠ ସ୍ନାତକ ବର୍ଷା ମହାପାତ୍ରଙ୍କୁ ଗୋଲ୍ଡେନ ଜୁବୁଲି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହିତ ସୁମିତ କୁମାର ପ୍ରଧାନ ଓ ପ୍ରଶାନ୍ତ ରଣାଙ୍କୁ ପ୍ରଫେସର ନାରାୟଣ ମିଶ୍ର ସ୍ମାରକୀ ପୁରସ୍କାର, ସୌମ୍ୟାଶ୍ରୀ ସାହୁଙ୍କୁ ଚିନ୍ମୟ ପତି ସ୍ମାରକୀ ପୁରସ୍କାର, ଅଲିମା ସେଠ ଓ ଗୀତାଞ୍ଜଳି ପ୍ରଧାନଙ୍କୁ ପ୍ରଫେସର ବଳରାମ ଦାସ ପୁରସ୍କାର, ପ୍ରଶାନ୍ତ ରଣାଙ୍କୁ ଧରଣୀଧର ଦାସ ସ୍ମାରକୀ ପୁରସ୍କାର, ପ୍ରିୟରତ୍ନ ବନସୋଦଙ୍କୁ ପ୍ରଫେସର ସୂର୍ଯ୍ୟକାନ୍ତ ଦାସ ସ୍ମାରକୀ ପୁରସ୍କାର, ଅର୍ପିତା ସାହୁଙ୍କୁ ପ୍ରଫେସର ବ୍ରଜବନ୍ଧୁ ମିଶ୍ର ସ୍ମାରକୀ ପୁରସ୍କାର, ଅଙ୍କିତ କୁମାର ଦାଶ, ମାନସ ରଞ୍ଜନ କଳସେର, ପ୍ରିୟଦର୍ଶୀ ମେହେର ଓ ରୋଶନ ସାହୁଙ୍କୁ କମଳା ଶାସ୍ତ୍ରୀ ସ୍ମାରକୀ ପୁରସ୍କାର, ତୃଷ୍ଣା ହାତୀଙ୍କୁ ଯଯାତି କେଶରୀ ଦାସ ସ୍ମାରକୀ ପୁରସ୍କାର, ସ୍ୱୟଂ ପାଣ୍ଡେ, କୌସ୍ତୁଭି ସୌମ୍ୟ ସାହୁ, ପିୟୁଶ ପ୍ରିୟଦର୍ଶୀ ବେସନ ଓ ଆକ୍ରିତି ଅଗ୍ରୱାଲଙ୍କୁ ସାଧନା ଦେବୀ ସ୍ମାରକୀ ପୁରସ୍କାର ଏବଂ ଦଧିବାମନ ଠାକୁରଙ୍କୁ ଶ୍ରୀବତ୍ସ ପଣ୍ଡା ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା।

● କାଠଡେରା ରଥଯାତ୍ରାରେ ସାମ୍ବାଦିକଙ୍କୁ ଅବହେଳା

# ପୂର୍ବତନ ବିଧାୟିକାଙ୍କ ପ୍ରଚେଷ୍ଟାରେ ହୋଇଥିଲା ମନ୍ଦିର



**ବରଗଡ଼,୭।୭(ସମିସ):** ଅତାବିରା ବ୍ଲକ୍ ଅଧୀନ କାଠଡେରାରେ ଆଷାଢ଼ ମାସ ଦ୍ୱିତୀୟା ଦିନରୁ ଦ୍ୱାଦଶୀ ପର୍ଯ୍ୟନ୍ତ ୬ ଖଣ୍ଡ ଗାଁର ରଥ ମେଲଣ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଚଳିତ ବର୍ଷ ରଥ ମେଲଣ ସମୟରେ ସାମ୍ବାଦିକ ମାନଙ୍କୁ ରଥଯାତ୍ରା କମିଟି ପକ୍ଷରୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ଗତବର୍ଷ ରଥଯାତ୍ରା କମିଟି ପ୍ରଚାର ପ୍ରସାର ପାଇଁ ଗୁରୁତ୍ୱ ଦେଇଥିବାରୁ ୧୦ଦିନ ପର୍ଯ୍ୟନ୍ତ ଲଗାତାର ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇଥିଲା ଯଦ୍ୱାରା ଚଳିତ ଥର ବର୍ଷା ସତ୍ତ୍ୱେ ଭକ୍ତଙ୍କ ଭିଡ ଜମିଥିଲା। ଏହାସତ୍ତ୍ୱେ ଚଳିତ ବର୍ଷ ରଥଯାତ୍ରା କମିଟି ଗଣମାଧ୍ୟମକୁ ଅବହେଳା କରିଥିଲେ। ୧୯୪୦ ମସିହାରୁ ଆରମ୍ଭ ହୋଇଥିବା ରଥ ମେଲଣ ଅଞ୍ଚଳରେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଏକାଥରକେ ୬ ଖଣ୍ଡ ଗାଁର ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଲୋକେ ଦୂରଦୂରାନ୍ତରୁ ଆସିଥାନ୍ତି। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ପ୍ରଚେଷ୍ଟା କ୍ରମେ କାଠଡେରାରେ ନବକଳେବର ହୋଇ ଏକ ମନ୍ଦିର ତିଆରି ହୋଇ ପାରିଛି। ୬ଟି ଗାଁର ପ୍ରଭୁ ଏକାଠି ଗୋଟିଏ ଜାଗାରେ ରହିଥାନ୍ତି। ସେ ସମୟରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହାର ନିର୍ମାଣ ହୋଇଥିଲା।

# ବାହୁଟିକ୍ରା ରାସ୍ତାରେ ଜମା ପାଣିରେ ମାଛ ଛାଡ଼ି ପ୍ରତିବାଦ କଲା ଛାତ୍ର କଂଗ୍ରେସ





**ବରଗଡ଼,୭।୭(ସମିସ):** ବରଗଡ଼ରେ ପ୍ରବଳ ବର୍ଷା ଯୋଗୁଁ ବାହୁଟିକ୍ରାରୁ ଘୁଲିପାଲି ଯିବା ରାସ୍ତାରେ ପାଣି ଜମା ହୋଇଥିବା ବେଳେ ବାହୁଟିକ୍ରାର ବିଭିନ୍ନ ଗଳିରେ ଡ୍ରେନ ପାଣି ଜମା ହୋଇଛି। ସୋମବାର ବରଗଡ଼ ଛାତ୍ର କଂଗ୍ରେସ ପକ୍ଷରୁ ଜମା ହୋଇଥିବା ପାଣିରେ ମାଛ ଛଡ଼ାଯାଇ ଏହାର ଅଭିନବ ପ୍ରତିବାଦ କରାଯାଇଛି। ଦୀର୍ଘ ବର୍ଷ ଧରି ଏହି ସ୍ଥାନରେ ବର୍ଷା ପାଣି ଓ ଡ୍ରେନ ପାଣି ଜମା ହେଉଥିବା ବେଳେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଓ ବହୁ ଲୋକେ ଯିବା ଆସିବା କରନ୍ତି। ତେବେ ବର୍ଷା ହେଲେ ଏହି ରାସ୍ତା ମରଣଯନ୍ତା ପାଲଟି ଥାଏ। ତେବେ ଏସମସ୍ୟାକୁ ସବୁବେଳେ ପୌରପ୍ରଶାସନ ଅଣଦେଖା କରୁଛି। ଦୀର୍ଘ ବର୍ଷରୁ ପ୍ରଶାସନକୁ ସମସ୍ୟା ଜଣାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁବିଧା ହୋଇନାହିଁ। ଯାହାକୁ ନେଇ ଜମା ହୋଇଥିବା ପାଣିରେ ମାଛ ଛଡାଯାଇଛି। ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଗୌରବ ପତି (ଆଜାଦ)ଙ୍କ ସହ ଅନେକ କର୍ମୀ ଓ ପଡ଼ାବାସି ସାମିଲ ହୋଇଥିଲେ। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଖରୁଆ ବାବା ମଠରେ ଶିବ ମନ୍ଦିର ପ୍ରତିଷ୍ଠା

**ବରଗଡ଼,୭।୭(ସମିସ):** ଦେବ ଦେବ ମହାଦେବ ଦୀର୍ଘ ଦିନର ସଂକଳ୍ପ ଓ ଆଶା ପୂରଣ କରିଛନ୍ତି। ବରଗଡ଼ ତଳିପଡା ସ୍ଥିତ ଖରୁଆ ବାବା ମଠ ଠାରେ ଶ୍ରଦ୍ଧାଳୁ ମହିଳା ସଂଘର ମହିଳା ମାନେ ପ୍ରତିବର୍ଷ ପରାୟଣ କରିଥାନ୍ତି। ବହୁ ଦିନରୁ ମଠରେ ପ୍ରଭୁ ଶିବଙ୍କ ଏକ ମନ୍ଦିର ପ୍ରତିଷ୍ଠା ପାଇଁ ଆଶା ଅଭିଳାଷା ରହିଥିଲା। ତେଣୁ ମହିଳା ମାନଙ୍କ ଅନେକ ଗୁହାରି ଓ ପ୍ରୟାସ ଜାରି ରହିଥିଲା। ଆଜି ଆଷାଢ଼ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ମନ୍ଦିର ପ୍ରତିଷ୍ଠା ହୋଇଛି। ପ୍ରତିଷ୍ଠା ଉତ୍ସବରେ ପଦ୍ମଜା ପାଣିଗ୍ରାହୀ, ସଂଗୀତା ମିଶ୍ର ଦାଶ, ଅଞ୍ଜନା ପାଣିଗ୍ରାହୀ, ଲିଳିମା ଦାଶ, ମିନତୀଦାସ, ଉମା ଦାଶ, ମମତା ଦାଶ, ତିଳ ମିଶ୍ର, ସୁଷମା ଦାଶ, ବିନି ସରାଫ, ନମିତା ପ୍ରଧାନ, ସ୍ୱର୍ଣ୍ଣ ବେହେରା, ଲୋଚନା ପ୍ରଧାନ, ବବିତା ପ୍ରଧାନ, ସରସ୍ୱତୀ ପ୍ରଧାନ, ପଙ୍କ ପ୍ରଧାନ ଓ ବାସନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# 'ସବୁଜ ବିଦ୍ୟାଳୟ' ଓ ବନ ମହୋତ୍ସବ କାର୍ଯ୍ୟକ୍ରମ







**ବରଗଡ଼,୭।୭(ସମିସ):** ବିଦ୍ୟାଳୟ ପରିବେଶକୁ ସବୁଜ ସୁନ୍ଦର ରଖିବା ପାଇଁ ରାଣା ପ୍ରତାପ ସ୍କୁଲ ୟୁଥ୍ ଏଣ୍ଡ ଇକୋ କ୍ଲବ୍ ଆନୁକୂଲ୍ୟରେ ସବୁଜ ବିଦ୍ୟାଳୟ ଓ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତା ଓ ୟୁଥ୍ ଏଣ୍ଡ ଇକୋ କ୍ଲବ୍ ଭାର ପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ, ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ବବିତା ନାଏକ, ଭାରତୀ ସେଟ୍ ପ୍ରମୁଖ ଯୋଗ ଦେଇ ସ୍କୁଲ ପରିବେଶକୁ ସବୁଜ ଓ ସୁନ୍ଦର ରଖିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯିବା ସହ ପୂର୍ବରୁ ଲଗାଯାଇଥିବା ଗଛ ଗୁଡିକର ରକ୍ଷଣାବେକ୍ଷଣ ସହିତ ଯତ୍ନ ନେବାକୁ ସବୁଜ ବାହିନୀ ଛାତ୍ରଛାତ୍ରୀ ସଂକଳ୍ପ ନେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଘୁଘୁରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୬ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୈଷ୍ଣବ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନପାଳ ଲେକୃ ପାଣ୍ଡେ, ସମ୍ମାନିତ ଅତିଥି ଭାବେ ବନରକ୍ଷୀ ସୁପ୍ରିୟା ଭୁଏ, ସିଆରସିସି ପୁନୀରାମ ଗଣ୍ଡ, ଶିକ୍ଷାବିତ୍ ଅଣ୍ଡାରାମ ନାଏକ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ବିଶ୍ୱପତି ଭୁଏ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅରବିନ୍ଦ ନାଏକ, ଗାଁ କମିଟିର ସଦସ୍ୟ ରାଜେନ୍ଦ୍ର ଭୁଏ, ଧନୀରାମ ସାହୁ, ଆହାରାମ ଭୁଏ ଓ ବୈକୁଣ୍ଠ ଦାଶଙ୍କ ସହାୟତାରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଇକୋ କ୍ଲବ୍‌ର ସଦସ୍ୟଙ୍କ ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅମ୍ବାଭୋନାର ଛାତ୍ରୀ ପ୍ରାଚୀ ନାଏକ ଅଂଶଗ୍ରହଣ କରିଥିଲେ। ଶେଷରେ ସିଆରସିସି କେଦାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ଭଟଲି:** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟୁକୁର୍ଲାରେ 'ବନ ମହୋତ୍ସବ' ତଥା 'ମା ପାଇ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଏସ୍‌ଏମ୍‌ସି ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହା ଆୟୋଜିତ ହେଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ପିଟିଏ ଏସଏମସି ସଭ୍ୟସଭ୍ୟା ଟୁକୁର୍ଲା ଯୁବକ ସଂଘ ଶିକ୍ଷକ ସୁଶାନ୍ତ ଦାଶ, ଅନୁପମା ମହାନନ୍ଦ, ସୁଚିତ୍ରା ମିର୍ଦ୍ଧା, ଜ୍ୟୋତିର୍ମୟୀ ସାହୁ, ଆରତୀ ପଧାନ, ଚିନ୍ମୟୀ ଖମାରୀ ସହଯୋଗ କରିଥିଲେ। ପିପଲମୁଣ୍ଡା ନର୍ସରୀରୁ ଶାଗୁଆନ୍, ଶିଶୁ, ନିମ୍ବ, ଅଳା ଆଦି ଚାରା ଆଣି ଗାଁର ରାସ୍ତା କଡରେ ରୋପଣ କରାଯାଇଥିଲା। 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ସାର୍ବଜନୀନ କରିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ରାଲିର ଆୟୋଜନ କରାଯାଇଥିଲା।

**ବରଗଡ଼:** ଅତାବିରା ବ୍ଲକ୍ ଲାଲ ଡୋଲେଶ୍ୱର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାହାଡଶ୍ରୀଗିଡାରେ ପ୍ରଧାନଶିକ୍ଷକ ସୁଶୀଳ ସେଟଙ୍କ ସଭାପତିତ୍ୱରେ ବନ



ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌଦାମିନୀ ସାହୁ ବୃକ୍ଷରୋପଣର ଉପକାରିତା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଜୟଦେବ ନାଏକ, ପ୍ରଭାତୀ ପ୍ରଧାନ, ଗୀତାଞ୍ଜଳିରାଏ, ପୁଷ୍ପାଞ୍ଜଳି ପ୍ରଧାନ, ଦେବାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ବରଗଡ଼:** ବାବା ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୁଣ୍ଟପାଲିରେ ଯୁବ ରେଡକ୍ରସ ଏବଂ ଆଟିଭର୍ସ ହେଲ୍ଥ ଫାଉନଡେସନ ଆନୁକୂଲ୍ୟରେ




ବନ ମହୋତ୍ସବ ପାଳିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଦିବାକର ମାଝୀ ଯୋଗ ଦେଇ ବୃକ୍ଷରୋପଣର ଉପକାରିତା ବିଷୟରେ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ଦୁର୍ଲଭ ସାହୁ, ଶାନ୍ତନୁ ଦାଶ, ଡୋଳାମଣି ସାହୁ, ଋତୁଶ୍ରୀ ପାତ୍ର ସହଯୋଗ କରିଥିଲେ। ଅଧ୍ୟାପକ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ବୃକ୍ଷରୋପଣ କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ



ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପାଇକମାଳ ବିଇଓ ଅଦନ ସୁନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନନ୍ଦଲାଲ ନାୟକ, ପରିବେଶବିତ୍ ବିଭୂତି ଭୂଷଣ ମୁଣ୍ଡ, ଡ.ସୁରେଶ ଅଗ୍ରୱାଲ, ମା ଶକ୍ତି ଫାଉଣ୍ଡେସନର ବ୍ଲକ୍ ସଂଯୋଜକ ମିତ୍ରଭାନୁ ସାହୁ, ସିଆରସିସି ରଞ୍ଜନ ବାଗ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ମୁଖ୍ୟ କିରାଣୀ ବିନୋଦ ମେହେର ଯୋଗ ଦେଇଥିଲେ। ପରିବେଶବିତ୍ ଶ୍ରୀ ମୁଣ୍ଡ ସର୍ପ ଦଂଶନରୁ ରକ୍ଷା ପାଇବାର ଉପାୟ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏହି ଅବସରରେ ଡ.ସୁରେଶ ଅଗ୍ରୱାଲ ଛାତ୍ରଛାତ୍ରୀଙ୍କ ପାନୀୟ ଜଳ ପାଇଁ ବିଦ୍ୟାଳୟକୁ ଗୋଟିଏ ଜଳ ଶୀତଳିକରଣ ଯନ୍ତ୍ର ଯୋଗେଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିଥିବୃନ୍ଦ, ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ମା ଶକ୍ତି ଫାଉଣ୍ଡେସନର ସମସ୍ତ ସଭ୍ୟସଭ୍ୟା ଓ ବନ ବିଭାଗର କର୍ମଚାରୀ ବୃନ୍ଦ ବିଭିନ୍ନ ବୃକ୍ଷରୋପଣ କରିଥିଲେ। ଶିକ୍ଷକ ନିରଞ୍ଜନ ଦୀପ ଧନ୍ୟବାଦ ଦେଇଥିଲେ।

**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ବଡ ଅନକୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି। ବନ ସୁରକ୍ଷା ଓ ବୃକ୍ଷରୋପଣ ସଂପର୍କିତ ସଚେତନ ସଭା କରୁଣାକର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ଉପସଭାପତି ଭୁବନେଶ୍ୱର ପ୍ରଧାନ, ସଂପାଦକ ମୀନକେତନ ସାହୁ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଫରେଷ୍ଟର ଗିରିରାଜ କୁମ୍ଭାର, ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ, ଧନୀରାମ ସାହୁ, ବିହାରୀ ନାଏକ, ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ପରମାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ ଦାସ, ଭଗବତୀ ସାହୁ, ବବିତା ପ୍ରଧାନ, ସୁଦେଷ୍ଣା ମିର୍ଦ୍ଧା, ଭୁବନେଶ୍ୱର ମେହେର ସହଯୋଗ କରିଥିଲେ। ସେହିପରି ବିଲାସପୁର ଉଚ୍ଚ ବିଦ୍ୟାଳୟ ଠାରେ ମଧ୍ୟ ବନ ମହୋତ୍ସବ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ଉପ



ସଭାପତି ଭୁବନେଶ୍ୱର ପ୍ରଧାନ, ସଂପାଦକ ମୀନକେତନ ସାହୁ, ବନପାଳ ଗିରିରାଜ କୁମ୍ଭାର, ପ୍ରଧାନଶିକ୍ଷକ ଗୋପୀନାଥ ସାହୁ, ଦୋଳମଣୀ ମାଝୀ, ସିଆରସିସି କେଦାରନାଥ ସାହୁ ଯୋଗ ଦେଇଥିଲେ। ଅତିଥି ବୃନ୍ଦ, ଛାତ୍ର ଛାତ୍ରୀ ଓ ଜନସାଧାରଣ ବୃକ୍ଷରୋପଣ କରିଥିଲେ। ସଭାରେ ଜଙ୍ଗଲ ସୁରକ୍ଷା ପାଇଁ କାର୍ଯ୍ୟରତ ବନପାଳ ଗିରିରାଜ କୁମ୍ଭାରଙ୍କୁ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ବିଜେପୁର:** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନମହୋତ୍ସବ ଓ ସହରାଞ୍ଚଳ ବନୀକରଣ କାର୍ଯ୍ୟକ୍ରମ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ବଡବାଉଁଶେନରେ ଅନୁଷ୍ଠିତ ହୋଇଯାଇଅଛି। ବିଜେପୁର ବିଧାୟକ ସନତ ଗଡତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଡତିଆ ବୃକ୍ଷରୋପଣ କରିବା ସହ ଚାରା ବଣ୍ଟନ କରିଥିଲେ। ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲା ପରିଷଦ ସଦସ୍ୟ ସୁଦାମ ସାହୁ, ସହକାରୀ ବନ ସଂରକ୍ଷକ ଡ.ହରମୋହନ ରଥ, ଘେଁସ ରେଞ୍ଜର ବନାଞ୍ଚଳ ଅଧିକାରୀ ବିଜୟଲକ୍ଷ୍ମୀ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ସବୁଜ ରଥକୁ ବିଧାୟକ ଶ୍ରୀ ଗଡତିଆ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଜନସାଧାରଣଙ୍କୁ ଚାରା ବିତରଣ କରାଯାଇଥିଲା। ସବୁଜ ମହାନଦୀ ମିଶନ ଯୋଜନାରେ ପାଖପାଖି ୧୦ ହଜାର ବିଭିନ୍ନ ପ୍ରଜାତିର ଚାରାରୋପଣ ସହ ବଣ୍ଟନ ମଧ୍ୟ କରାଯାଇଥିଲା। ବିଜେପୁର ଫରେଷ୍ଟର ଚିନ୍ମୟ ପ୍ରଧାନ, ଉଦ୍ଧବ ପ୍ରଧାନ, ବନରକ୍ଷୀ ନରେଶ ମେହେର ଓ ଲୋକେଶ୍ୱର ବୁଡେକ ପ୍ରମୁଖ ଘେଁସ ରେଞ୍ଜର କର୍ମଚାରୀ ଗଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ପ୍ରେମୀ ସମେତ କୁର୍କୁଟା ହାଇସ୍କୁଲର ଶିକ୍ଷକ ଦଶରଥ ଗଡତିଆଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ।




# ଚିତ୍ରକରମାନେ ଜିଲ୍ଲାପାଳ ଅଭିଯୋଗ ଶୁଣାଣିର ଦ୍ୱାରସ୍ଥ



**ବରପାଲି,୭।୭(ସମିସ):** ବରପାଲି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୋମବାର ଆୟୋଜିତ ଜିଲ୍ଲାପାଳ ଜନଶୁଣାଣିରେ କାନ୍ଥ ଚିତ୍ର କଳାକାର ମାନେ ବକେୟା ପ୍ରାପ୍ୟ ପ୍ରଦାନରେ ଟାଳଟୁଳ ନୀତିକୁ ନେଇ ଅଭିଯୋଗ ଆଣିବା ସହ ନ୍ୟାୟ ମାଗିଛନ୍ତି। ଗତବର୍ଷ ବରପାଲି ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମାରେ ସହରର ବିଭିନ୍ନ ସ୍ଥାନର ସୌନ୍ଦର୍ଯ୍ୟକରଣ ନିମନ୍ତେ ସରକାରୀ କାନ୍ଥରେ ଭିନ୍ନଭିନ୍ନ ଶୈଳୀର ଚିତ୍ରମାନ ସ୍ଥାନ ପାଇଥିଲା। ହେଲେ ଦୀର୍ଘ ଦୁଇମାସ ହେବ ଅକ୍ଳାନ୍ତ ପରିଶ୍ରମରେ ଆଙ୍କିଥିବା କଳାକାର ମାନେ ଏକ ବର୍ଷ ହେଲା ନିଜ ପ୍ରାପ୍ୟରୁ ବଞ୍ଚିତ ରହିଛନ୍ତି। ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ଏନେଇ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନାହିଁ। ନିଜ ଅଭାବ ଓ ପରିବାର ସ୍ଥିତି ଦୃଷ୍ଟିକୁ ଆଣି କଳାକାର ମାନେ ଗତ ଜାନୁୟାରୀ ମାସରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଆଜିର ଜନଶୁଣାଣି ସମ୍ପର୍କରେ ଖବର ପାଇ ପୁଣି କଳାକାର ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ସହ ନିଜ ଅସହାୟତା ପ୍ରକାଶ କରିଥିଲେ। ଜିଲ୍ଲାପାଳ ଏନଏସି କର୍ତ୍ତୃପକ୍ଷଙ୍କୁ କୌଣସି ପାଣ୍ଠିରୁ ତୁରନ୍ତ କଳାକାର ମାନଙ୍କ ବକେୟା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ବକେୟା ରାଶି ପ୍ରଦାନ ନ ମିଳିଲେ ଏନ୍‌ଏସି ପରିସରରେ କଳାକାର ମାନେ ଧାରଣାରେ ବସି ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ବୀରବର ଚିତ୍ରକର ସଂଘ ସଭାପତି ଧର୍ମରାଜ ସିଂ ବରିହା ଗଣମାଧ୍ୟମକୁ ଜଣାଇଛନ୍ତି। ଅଭିଯୋଗ ଶୁଣାଣିରେ ବୀରବର କଳାକାର ସଂଘର ଶିଳ୍ପୀ ବିନୋଦ ବେହେରା, ଆତ୍ମାରାମ ବେହେରା, ରବି ବେହେରା, ବିଦ୍ୟାପତି ବେହେରା, ଧର୍ମରାଜ ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

# ନୃସିଂହନାଥରେ ମାର୍ବଲରେ ଖସି ବୃଦ୍ଧା ଆହତ

**ପାଇକମାଳ,୭।୭(ସମିସ):** କିଛିଦିନରୁ ହେଉଥିବା ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପାଇକମାଳ ବ୍ଲକ୍ ନୃସିଂହନାଥ ପୀଠରେ ସୋମବାର ମାର୍ବଲ ପଥରରେ ଖସି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡାର କିଛି ଶ୍ରଦ୍ଧାଳୁ ମାଣ୍ଡୋସିଲ ଅଞ୍ଚଳର କିଛି ସମ୍ପର୍କୀୟଙ୍କ ସହ ବାଳ ପକାଇବା ପାଇଁ ନୃସିଂହନାଥ ପୀଠକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧା ନିରାଶ ପ୍ରଧାନ (୫୯) ନୃସିଂହନାଥ ମନ୍ଦିରର ପରିସରରେ ଲାଗିଥିବା ମାର୍ବଲ ଉପରେ ଯାଉଥିବା ସମୟରେ ବର୍ଷା ପାଣିରେ ଗୋଡ଼ ଖସିବାରୁ ପଡି ଯାଇଥିଲେ। ଫଳରେ ସେ ଆହତ ହୋଇଥିଲେ। ପାଖରେ ଥିବା ଲୋକେ ବୃଦ୍ଧାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ପାଇକମାଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଆଶୁ ଚିକିତ୍ସା ପରେ ତାଙ୍କୁ ପଦ୍ମପୁର ଡାକ୍ତରଖାନାକୁ ନେଇଥିବା ଜଣାପଡିଛି। ବର୍ଷା ହେତୁ ସେହି ବାଟରେ ଯାଉଥିବା ଶ୍ରଦ୍ଧାଳୁମାନଙ୍କ ବାରମ୍ବାର ଗୋଡ଼ ଖସୁଛି। ଏଥିରେ ଯେ କେହି ଆହତ ହେବାର ଭୟ ରହିଛି। ଏଣୁ ମନ୍ଦିର କର୍ତ୍ତୃପକ୍ଷ ମାର୍ବଲ ଉପରେ ପ୍ଲାଷ୍ଟିକ ମ୍ୟାଟ୍ ପକାଇବାକୁ ଶ୍ରଦ୍ଧାଳୁ ଦାବି କରିଛନ୍ତି।

# କ୍ଷତିପୂରଣ ପାଇବାରୁ ବରପାଲି ବ୍ଲକ୍ ବଞ୍ଚିତ

**ବରଗଡ଼,୭।୭(ସମିସ)**



ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ କେନ୍ଦ୍ରରେ ବ୍ଲକ୍‌ର କୃଷକଙ୍କ ସମସ୍ୟାର ସମାଧାନ ପାଇଁ ୭ ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଗତରବି ଋତୁର ଶେଷ ଆଡକୁ ଲଘୁଚାପ ଏବଂ ମୌସୁମୀ ଲଗାଣ ବର୍ଷା ଫଳରେ ଅନେକ ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ସେହି ସମୟରେ ମଧ୍ୟ କ୍ଷତିପୂରଣ ପାଇଁ ଅବଗତ କରାଯାଇଥିଲା। ବରପାଲି ବ୍ଲକ୍ ହୀରାକୁଦ ଜଳସେଚିତ ଅଞ୍ଚଳ ହେଇଥିବା କାରଣରୁ ବ୍ଲକ୍‌ରେ ରବି ଋତୁରେ ବ୍ୟାପକ ପରିମାଣରେ ଧାନ ଚାଷ ହୋଇଥାଏ। ଅମଳ ସମୟରେ ଲଗାଣ ବର୍ଷା ଫଳରେ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବା ବିଭାଗୀୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେଇଥିଲେ। ହେଲେ ରାଜ୍ୟ ସରକାରଙ୍କ କ୍ଷତିପୂରଣ ଘୋଷଣାରେ ବରପାଲି ବ୍ଲକ୍‌ର ନାଁ ନାହିଁ। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କ ସମସ୍ୟାକୁ ପୁନର୍ବିଚାର କରି ଇନପୁଟ ସବସିଡି ଏବଂ ଫସଲ ବୀମା କ୍ଷତିପୂରଣ ତୁରନ୍ତ ଦିଆଯାଉ, ଧାନ ବିକ୍ରି କରିବାର ୭ ଦିନ ବିତି ଯାଇଥିଲେ ମଧ୍ୟ ଧାନ ବିକ୍ରେତା ଚାଷୀ ଆକାଉଣ୍ଟକୁ ଟଙ୍କା ଆସି ନଥିବାରୁ ତୁରନ୍ତ ଧାନ ବିକ୍ରି ଟଙ୍କା ଦିଆଯାଉ, ବରପାଲି ବ୍ଲକ୍‌ରେ ଏକମାତ୍ର ବନ୍ଦ ପଡିଥିବା ଶୀତଳଭଣ୍ଡାର ଓ ଅନେକ ଉଠା ଜଳସେଚନ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ, ଉତ୍ତମ ଓ ପ୍ରାମାଣିକ ଧାନ ବିହନ ସୁଲଭ ମୂଲ୍ୟରେ ସରକାରୀ ସଂସ୍ଥା ମାନଙ୍କ ଜରିଆରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉ, ଖରିଫ ଋତୁ ଆରମ୍ଭ ହେବା ପୂର୍ବରୁ ସାର କଳାବଜାରୀ ଆରମ୍ଭ ହୋଇଗଲାଣି ଏଣୁ କେଉଁ ଡିଲର କେତେ ପରିମାଣରେ ସାର ଗଚ୍ଛିତ ରଖିଛି ଏବଂ ତାହାର ମୂଲ୍ୟ କେତେ ପ୍ରତ୍ୟେକ ଦୋକାନ ସମ୍ମୁଖରେ ତାଲିକା ଲଗାଇବା ସହିତ କଳାବଜାରୀ ପ୍ରତି ଧ୍ୟାନ ଦେବା ପାଇଁ ଦାବିପତ୍ରରେ ଜଣାଇଛନ୍ତି। ସଂଗଠନ ସଭାପତି କାରଣ ସାହୁ, ସମ୍ପାଦକ ତପନ ମିଶ୍ର, ଟିକେଶ୍ୱର ଦେହେରୀ, ଟେକରାଜ ପଧାନ, ଗୁଣନିଧି ପଧାନ, ଆଲ୍‌ହାଦିନୀ ମାଝୀ, ରବିନାରାୟଣ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାହୋଇଥିଲା।

# ରାଜ୍ୟ ରାଜସ୍ୱ ଫିଲ୍ଡ ଅଫିସର୍ସ ଆସୋସିଏସନ୍‌ର ସଭା

**ବରଗଡ଼,୭।୭(ସମିସ):** ବରଗଡ଼ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଙ୍ଘର ନିର୍ଦ୍ଦେଶନାମା ଅନୁଯାୟୀ ବରଗଡ଼ ଜିଲ୍ଲା ଶାଖା ପକ୍ଷରୁ ସୋମବାର ବରଗଡ଼ ସଦର୍ ସ୍ଥିତ ସାଇ କ୍ରିଷ୍ଣା ପ୍ୟାଲେସ ସମ୍ମିଳନୀ କକ୍ଷରେ ସାଧାରଣ ସଭା ଆୟୋଜିତ ହୋଇଯାଇଛି। ରାଜସ୍ୱ ପରିଦର୍ଶକ ପବିତ୍ର ଭୁଏଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମ୍ପାଦକ ତଥା ରାଜ୍ୟ ସଂଗଠନ ସମ୍ପାଦକ ନରୋତ୍ତମ ପଣ୍ଡାଙ୍କ ଆହ୍ୱାନ କ୍ରମେ ଜିଲ୍ଲାର ୧୨ଟି ତହସିଲରୁ ସଦସ୍ୟ ସଭାରେ ଯୋଗ ଦେଇଥିଲେ।



ସଭାରେ ରାଜସ୍ୱ ଅଧିକାରୀ ମାନଙ୍କ ସମସ୍ୟା ଏଆରଆଇ ମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଗ୍ରେଡ ପେ, ସିଟସି ସଂଶୋଧନ, ରାଜସ୍ୱ ପରିଦର୍ଶକଙ୍କ ନାମ ପରିବର୍ତ୍ତନ, ଭିତ୍ତିଭୂମିର ଅଭାବ, ବିଦ୍ୟୁତ୍ ସଂଯୋଗ, ମୋବାଇଲ ଭତ୍ତା ଅନାଦାୟ, କାଗଜ, କାର୍ଟ୍ରିଜ ଭଳି କଣ୍ଟିଜେନ୍ସି ସାମଗ୍ରୀ ଏବଂ ନିର୍ଦ୍ଦିଷ୍ଟ ଯାତାୟାତ ଭତ୍ତା (ଏଫ୍‌ଟିଏ) ସମ୍ବନ୍ଧୀୟ ସମସ୍ୟା ଗୁଡିକ ସହ ରାଜ୍ୟ ସ୍ତରୀୟ ଦାବି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସଭାରେ ରବି ବୁଡେକ, ସସ୍ମିତା ଭୋଇ, ସଂଘମିତ୍ରା ଭୋଇ, ଇନ୍ଦ୍ର ବାଡି, ମନ ଲୁହା, ଅନିଲ ବାଗ, ଗିରୀଶ ପଣ୍ଡା, ବାଲୁଙ୍କେଶ୍ୱର ସେଠ୍ ପମୁଖ ସଦସ୍ୟ ଉପସ୍ଥିତ ଥିଲେ। ସଂଘ ଉପସଭାପତି ବଳରାମ ସେଠ ତଥା ସହ ସମ୍ପାଦକ ସଂଜୀବ ମିଶ୍ର ସଦସ୍ୟଙ୍କ ବିଭିନ୍ନ ସମସ୍ୟାର ଶୁଣିଥିଲେ। ତହସିଲ୍ ସଭାପତି ମାନସ ବିଶି, ବାଲୁଙ୍କେଶ୍ୱର ସେଠ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଜିଲ୍ଲାରେ ସମସ୍ତ ରାଜସ୍ୱ ମଣ୍ଡଳ କାର୍ଯ୍ୟାଳୟରେ ଗ୍ରୁପ ଡି (ପିଅନ) ପୋଷ୍ଟ ଶୀଘ୍ର ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବି ସହ କୌଣସି ତହସିଲରେ ଆରଆଇ/ଏଆରଆଇ ମାନେ ନୋଟିସ ପରୱାନା ଜାରି କରିବେ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ବଦଳି ଶୃଙ୍ଖଳାର ପ୍ରଭାବ ପରେ ଶୀଘ୍ର ତହସିଲ ସ୍ତରୀୟ ଶାଖା ଗଠନ କରାଯିବ। ଆରଆଇ କାର୍ଯ୍ୟାଳୟ ସ୍ତରରେ କର୍ମଚାରୀ ବିନା କଲମ୍ ୨ ସଂଶୋଧନ ଭଳି ଅତ୍ୟଧିକ କାର୍ଯ୍ୟଭାର ଅନ୍ୟାନ୍ୟ ନିୟମିତ ରାଜସ୍ୱ କାର୍ଯ୍ୟକୁ ବାଧାପ୍ରାପ୍ତ କରୁଛି। ଏହା ସହିତ କାର୍ଯ୍ୟର ପରିମାଣ ବହୁଗୁଣିତ ବୃଦ୍ଧି ପାଇଛି। ଏହି ବିଷୟ ଉପରେ ଉପସ୍ଥିତ ସଦସ୍ୟ ମାନେ ଚିନ୍ତା ବ୍ୟକ୍ତ କରିବା ସହ ଖାଲି ପଡିଥିବା ସମସ୍ତ ପଦବୀ ଗୁଡିକୁ ଶୀଘ୍ର ପୂରଣ ପାଇଁ ଦାବି ଜଣାଇଥିଲେ। ଶେଷରେ ରାଜସ୍ୱ ନିରୀକ୍ଷକ ଟିକେଶ୍ୱର ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଦେଢ଼ ବର୍ଷ ପରେ ପୁଣି ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା

ନବରଙ୍ଗପୁର, ୭।୭ (ସମିସ): ପାଖାପାଖି ଦେଢ଼ବର୍ଷ ପରେ ପୁଣି ଥରେ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା। ଉପାନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଆଦି ଜିଲ୍ଲାଗୁଡ଼ିକର ଗୁରୁତର ରୋଗୀମାନଙ୍କ ଚିକିତ୍ସା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ। ରାଜଧାନୀରୁ ବରିଷ୍ଠ ଓ ବିଶେଷଜ୍ଞ ଡ଼ାକ୍ତରମାନେ ଉପାନ୍ତ ଅଞ୍ଚଳକୁ

**ଉପାନ୍ତରେ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଥିଲେ ନବୀନ ପଟ୍ଟନାୟକ**



ଯାଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ଏପରିକି ଆବଶ୍ୟକସ୍ଥଳେ ରୋଗୀମାନଙ୍କୁ କଟକ, ବ୍ରହ୍ମପୁର, ଭୁବନେଶ୍ୱର ଆଦି ସହରର ବଡ଼ ଡ଼ାକ୍ତରଖାନାକୁ ଆଣି ଚିକିତ୍ସା କରାଯାଉଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପ୍ରାୟ ଦେଢ଼ବର୍ଷ ଧରି ବନ୍ଦ ହୋଇ ଯାଇଥିବା ସେବାକୁ ପୁନର୍ବାର ଆରମ୍ଭ କରାଯାଇଛି। ୪ ଦିନ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ଅଭିଜ୍ଞ ଓ ବରିଷ୍ଠ ଡାକ୍ତର ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ୨୬୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଆଜି ସ୍ନାୟୁ ବିଭାଗର ଡା. ରାକେଶ ମହାନ୍ତି, ମୂତ୍ରାଶୟ ବିଭାଗ ଡା. ବିଶ୍ୱଜିତ ସାହୁ, କିଡ୍‌ନୀ ଜନିତ ରୋଗ ବିଭାଗର ଡା. ଲିପିକା ପାଣିଗ୍ରାହୀ, ହୃଦ୍‌ରୋଗ ବିଭାଗର ଡା. ସୁମିତ୍ କୁମାର ସାହୁ, ପେଟ ଓ ଗ୍ୟାସ୍ ଜନିତ ବିଭାଗ ଡା. ରାକେଶ ମହାନ୍ତି ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆସନ୍ତା ୮, ୯ ଓ ୧୦ ତାରିଖରେ ରୋଗୀମାନଙ୍କୁ ସୁପରସ୍ପେସିଆଲିଟି ବରିଷ୍ଠ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଛି। ୧୦ ତାରିଖ ଦିନ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଜନିତ ପରାମର୍ଶ ଓ ଔଷଧ ପ୍ରଦାନ କରାଯିବ। ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଏହି ଶିବିରକୁ ପରିଦର୍ଶନ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ନିରୀକ୍ଷଣ କରିବା ସହ ରୋଗୀମାନଙ୍କ ଯେଭଳି କୌଣସି ଅସୁବିଧା ନ ହୁଏ, ତା' ଉପରେ ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କହିଥିଲେ। ଏହି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଓ ଏହାର ସଫଳ ରୂପାୟନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ଡିପିଏଚଓ ଡା. ନବକିଶୋର ବେହେରା, ଡା. ସୁକାନ୍ତ ଶତପଥୀ, ଡିପିଏମ୍, ଏନ୍‌ଏଚ୍‌ଏମ ଶଙ୍କର ଆଚାର୍ଯ୍ୟଙ୍କ ସମେତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ହସ୍ପିଟାଲ ମ୍ୟାନେଜର୍, ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

■ ବଣ୍ଡାଘାଟିରେ ଜନନୀ ଯନ୍ତ୍ରଣା

## ୭ କିମି ଭାରରେ ବୁହାହେଲେ ଗର୍ଭବତୀ



ମାଲକାନଗିରି/ଖଇରପୁଟ, ୭।୭ (ସମିସ): ରାସ୍ତା ନଥିବାରୁ ଭାରରେ ୭ କିମି ବୁହା ହେଲେ ଗର୍ଭବତୀ। ମାଲକାନଗିରି ଜିଲ୍ଲାରୁ ପୁଣି ଏଭଳି ଏକ ଜନନୀ ଯନ୍ତ୍ରଣାର ଚିତ୍ର ପଦାକୁ ଆସିଛି। ଜିଲ୍ଲାର ଖଇରପୁଟ ବ୍ଲକ୍ ବଣ୍ଡାଘାଟିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଘାଟିର ଭଜଗୁଡ଼ା ଗ୍ରାମର ରଞ୍ଜନ ଭଜଙ୍କ ସ୍ତ୍ରୀ ସୁନାଇ ଭଜ ଗର୍ଭବତୀ ଥିଲେ। ଆଜି ତାଙ୍କ ପ୍ରସବ ବେଦନା ହେବାରୁ ପରିବାରଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସଟି ଗାଁକୁ ଆସିପାରିନଥିଲା। ତୁସେଇପଡା ଗାଁମୁଣ୍ଡରେ ଅଟକି ରହିଥିଲା। ତେଣୁ, ପରିବାରଲୋକେ ଆଶାଦିଦିଙ୍କ ସହ ଦୀର୍ଘ ୧୦କିଲୋମିଟ ଭାରରେ ସୁନାଇଙ୍କୁ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଖଇରପୁଟ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ୮ ଲକ୍ଷ ଇନାମୀ ମାଓବାଦୀ ନିହତ

ମାଲକାନଗିରି, ୭।୭(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ଦୁର୍ଦ୍ଧର୍ଷ ମାଓବାଦୀ ନିହତ ହୋଇଛି। ମୃତ ମାଓବାଦୀ ହେଲା, ପିଏଲଜିଏ ବାଟାଲିୟନ ନମ୍ବର ୧ର ଡେପୁଟି କମାଣ୍ଡର୍ ସୋଢ଼ି କନ୍ନା ଓରଫ୍ ପଦନାମ। ପଦନାମ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ନ୍ୟାସନାଲ ପାର୍କ ଜଙ୍ଗଲରେ ମାଓବାଦୀ ମାନେ ଏକ ଶିବିର କରି ରହିଥିବା ନେଇ ପୁଲିସର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଆରଜି, ସିଆରପିଏଫ ଓ ଏସ୍‌ଟିଏଫର ଯବାନ ମାନେ ସେଠାରେ ଅପରେସନ ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି ବୋଲି ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

■ ଲାଲବାହିନୀର ବର୍ବରତା

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

ମାଲକାନଗିରି, ୭।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ଜଣେ ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ବିଜାପୁର ଜିଲ୍ଲା ଚିନାପୋଡିକାଲ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ମୃତ ପୂର୍ବତନ ସରପଞ୍ଚ ହେଉଛନ୍ତି, ବିଜୟ ଜବା। ପ୍ରାୟ ୧୦ ସଶସ୍ତ୍ର ମାଓବାଦୀ ଗାଁ ମଧ୍ୟକୁ ପଶି ବିଜୟଙ୍କୁ ଘରୁ ଉଠାଇ ଆଣି ନିଷ୍ଠୁର ମାଡ଼ ମାରିବା ସହ ହତ୍ୟା କରିଥିଲେ। ପରେ ତାଙ୍କ ମରଶରୀରକୁ ଗ୍ରାମ ନିକଟରେ ଫିଙ୍ଗି ସେଠାରୁ ଚାଲି ଯାଇଥିଲେ। ପୁଲିସ୍ ସୂଚନାଦାତା ସନ୍ଦେହରେ ଏହି ହତ୍ୟା କରାଯାଇଥିବା ସୂଚନା ମିଳିଛି। ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଆଜି ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଯୁକ୍ତ ୨ ନାମଲେଖା ମେଧା ତାଲିକା
# ରେଭେନ୍ସା ପ୍ରଥମ ପସନ୍ଦ

ଭୁବନେଶ୍ୱର, ୭।୭ (ସମିସ): ଯୁକ୍ତ ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ହୋଇଛି। କଳାରେ ୮୧.୩୩% କଟ୍-ଅଫ୍ ଯାଇଥିବା ବେଳେ ବିଜ୍ଞାନରେ ୯୧.୮୩% ଓ ବାଣିଜ୍ୟରେ ୮୦.୨୦% ମାର୍କ କଟ୍-ଅଫ୍ ଯାଇଛି। ସମୁଦାୟ ୪ଲକ୍ଷ ୪୬ହଜାର ୨୦୫ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ଏହାର ପ୍ରାୟ ୯୩% ଅର୍ଥାତ୍ ୪ଲକ୍ଷ

■ ପ୍ରଥମ ରାଉଣ୍ଡରେ ୯୩% ଛାତ୍ରଛାତ୍ରୀ ମନୋନୀତ
■ ୮ରୁ ୧୪ ମଧ୍ୟରେ ନାମଲେଖା; ୨୪ରୁ ପାଠପଢ଼ା

୧୩ହଜାର ୮୦୪ଜଣ ପ୍ରଥମ ରାଉଣ୍ଡରେ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ୧୪ ତାରିଖ ମଧ୍ୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

ଚୟନ ପିଲାଙ୍କ ମଧ୍ୟରେ ୧ଲକ୍ଷ ୯୬ହଜାର ୨୬୮ଜଣ ଛାତ୍ର ଥିବା ବେଳେ ୨ଲକ୍ଷ୧୭ହଜାର୫୨୯ ଜଣଛାତ୍ରୀ ରହିଛନ୍ତି। ସେହିପରି କଳା ପାଠ୍ୟକ୍ରମ ପାଇଁ ସର୍ବାଧିକ ୨ଲକ୍ଷ ୬୪ହଜାର ୭୬୬ ଜଣ, ବିଜ୍ଞାନରେ ୧ଲକ୍ଷ ୧୭ହଜାର ୮୯ଜଣ, ବାଣିଜ୍ୟରେ ୨୦,୫୫୨ଜଣ, ଉପଶାସ୍ତ୍ରୀ(ସଂସ୍କୃତ)ରେ ୬,୮୧୧ଜଣ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମ ପାଇଁ ୪,୫୮୬ ଜଣ ଚୟନ ହୋଇଛନ୍ତି। ପ୍ରଥମ ଚଏସ୍ ଦେଇଥିବା ୨ଲକ୍ଷ ୮୭ହଜାର ୨୧୯ ଜଣ ଛାତ୍ରଛାତ୍ରୀ ମନେନୀତ ହୋଇଛନ୍ତି। ସେମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବାଧ୍ୟ। ଅର୍ଥାତ୍ ପ୍ରଥମ ରାଉଣ୍ଡ ପରେ ପ୍ରାୟ ୭୦% ସିଟ୍ ପୂରଣ ହେବ।

କଳା ପାଠ୍ୟକ୍ରମ ପାଇଁ କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ କଟ୍-ଅଫ୍ ୮୧.୩୩% ଯାଇଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୭.୩୩% ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୬.୮୬% କଟ୍-ଅଫ୍ ଯାଇଛି। ସେହିପରି ବିଜ୍ଞାନ ପାଠ୍ୟକ୍ରମ ପାଇଁ ରେଭେନ୍ସା କଟ୍-ଅଫ୍ ସର୍ବାଧିକ ୯୧.୮୩% ଥିବା ବେଳେ ବିଜେବି କଲେଜର ୮୯.୪୦% ଓ ବାଲେଶ୍ୱରସ୍ଥିତ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୭.୫% କଟ୍-ଅଫ୍ ରହିଛି। ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସାର ୮୦.୨୦% କଟ୍-ଅଫ୍ ଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୮.୬୭% ଏବଂ ବିଜେବି କଲେଜର ୭୩.୫୦% କଟ୍-ଅଫ୍ ଯାଇଛି। ସୂଚନାଯୋଗ୍ୟ, ଜୁଲାଇ ୨୪ରୁ ପାଠପଢ଼ା ଆରମ୍ଭ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରହିଛି।

# ଓପିଜିସି ଜନଶୁଣାଣିରେ ପ୍ରବଳ ହଟ୍ଟଗୋଳ

ଇବ୍‌ଥର୍ମାଲ, ୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍(ଓପିଜିସି)ର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୨x୬୬୦) ମେଗାୱାଟ୍ ୟୁନିଟ୍ ୫ ଓ ୬ ପାଇଁ ତେଲେନପାଲି ହାଟ ପଡ଼ିଆରେ ସୋମବାର ଜନଶୁଣାଣି କରାଯାଇଛି। ପ୍ରବଳ ବିରୋଧ, ପାଟିତୁଣ୍ଡ ଓ ହଟ୍ଟଗୋଳ ମଧ୍ୟରେ ଜନଶୁଣାଣି ଶେଷ



ହୋଇଥିବା ବେଳେ ମାତ୍ର ୫ଜଣ ମତ ରଖିଛନ୍ତି। ଏପରିକି, କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ପୁଲିସ୍ ଛାଉଣୀ କରାଯାଇଥିଲା।

ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ପ୍ରଦୂଷଣ ବୋର୍ଡ ଅଧିକାରୀ ହିରଣ୍ୟ ନାଏକଙ୍କ ଉପସ୍ଥିତିରେ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଶୁଣାଣିକୁ ସ୍ଥାନୀୟ ପଞ୍ଚାୟତର ଜନସାଧାରଣ ବିରୋଧ କରିଥିଲେ। ଏହାସତ୍ତ୍ୱେ ଓପିଜିସି ଇଏଚ୍‌ଏସ୍ ମୁଖ୍ୟ ସୀତାରାମ ସାହୁ ଉଦ୍ଦେଶ୍ୟ ଜ୍ଞାପନ ସହ କାର୍ଯ୍ୟନିର୍ବାହୀ ସାରଣୀର ବିବରଣୀ ପାଠ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମୟରେ ଶହଶହ ଅଞ୍ଚଳବାସୀ ତଥା ଆଖପାଖ ୧୦ଟି ପଞ୍ଚାୟତର ପିଆରଆଇ ମେମ୍ବର, ଜନପ୍ରତିନିଧି, ରାଜନୈତିକ ଦଳ ପ୍ରତିନିଧି ସମସ୍ତେ ଏକ ସ୍ୱରରେ ଜନଶୁଣାଣିର ତୀବ୍ର ବିରୋଧ କରିଥିଲେ। ମହିଳାମାନେ ମଧ୍ୟ ବିରୋଧରେ ସାମିଲ ହୋଇଥିଲେ। ବିରୋଧର ସ୍ୱର ଏତେ ତୀବ୍ର ଥିଲା ଯେ କେବଳ "ଜନଶୁଣାଣି ବନ୍ଦକର, ପିଜିସି ଗୋ ବ୍ୟାକ୍" ନାରା ଶୁଭୁଥିଲା।

ଜଣଶୁଣାଣିରେ ୫ ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ୨ଜଣ ସ୍ତ୍ରୀ ଲୋକ ଯାଇ ତାଙ୍କ ଅଭିଯୋଗ ପତ୍ର ଦେଇଥିଲେ, ଅନ୍ୟ ଦୁଇଜଣ ଓପିଜିସି ବିରୋଧରେ କହିଥିଲେ ଏବଂ ମାତ୍ର ଜଣଙ୍କ ପାଇଁ ଜନଶୁଣାଣି ହେଲା। ଫଳରେ ଏହା ବହୁ ଆଡ଼ମ୍ବରରେ ଲଘୁକ୍ରିୟା ବୋଲି ଚର୍ଚ୍ଚା ହୋଇଛି। କେବଳ ବିଜେପି ସଭାପତି ରଘୁନନ୍ଦନ ପଣ୍ଡା କହିଥିଲେ। ହେଲେ ସେ କହିଲା ବେଳେ ତାଙ୍କ ବିରୋଧରେ ହଜାର ହଜାର ଲୋକ ନାରାବାଜି କରିଥିଲେ। ନିଜେ ଅପରେସନ ଡାଇରେକ୍ଟର ଏଆର୍ ଦାସ ଲୋକଙ୍କ ପାଖକୁ ଯାଇ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଜନଶୁଣାଣିକୁ ବର୍ଜନ କରିବା ସହ ଆଗକୁ ଓପିଜିସିକୁ କୌଣସି ପ୍ରକାରେ ଜମି ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ କୁହାଯାଇଥିଲା। ଶେଷରେ ଓପିଜିସି ଅପରେସନ୍ ଡାଇରେକ୍ଟର୍ ଅଞ୍ଜନ ରଞ୍ଜନ ଦାସ ମଧ୍ୟ ମତ ରଖିଲା ବେଳକୁ ମଧ୍ୟ ପ୍ରବଳ ବିରୋଧ ହୋଇଥିଲା। ଏ ସଂକ୍ରାନ୍ତରେ

■ ମାତ୍ର ୫ ଜଣ ରଖିଲେ ମତ
■ ପୁଲିସ ଛାଉଣୀରେ ହେଲା ଜନଶୁଣାଣି

ଉପଜିଲ୍ଲାପାଳ ଗଣମାଧ୍ୟମକୁ କହିଛନ୍ତି ଯେ ଜନଶୁଣାଣି ସଫଳ ହେଲା କି ବିଫଳ ହେଲା, କୁହାଯାଇ ପାରିବନାହିଁ।

ଆଜିର ଜନଶୁଣାଣିରେ ଓପିଜିସି ସିନିୟର ଭିପି ସୁକାନ୍ତ ମହାପାତ୍ର, ସିନିୟର ଜିଏମ୍ ଏଚ୍‌ଆର୍ ସୁବାଶିଷ ମୁଖାର୍ଜୀ, ବିଡିଓ ବିନୟ ପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ଆଡିସିନାଲ ଏସ୍‌ପି ଜେମସ୍ ସାମତ, ଡିଏସପି ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଏଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ ସମେତ ୯ଜଣ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ। ଏହାସହ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଭିଜିଲାନ୍ସ ଜାଲରେ ରେଢ଼ାଖୋଲ ବ୍ଲକ୍ ପ୍ରାଣୀଧନ ଡାକ୍ତର





ରେଢ଼ାଖୋଲ/ସମ୍ବଲପୁର, ୭।୭ (ସମିସ) : ଜଣେ ହିତାଧିକାରୀଙ୍କଠାରୁ ସବ୍‌ସିଡି ଟଙ୍କା ରିଲିଜ୍ କରିବା ପାଇଁ ଲାଞ୍ଚ ନେଉଥିବା ସମୟରେ ରେଢ଼ାଖୋଲ ବ୍ଲକ୍ ପ୍ରାଣୀଧନ ଅଧିକାରୀ (ବିଭିଓ) ଡା. ଶୁଭ ପ୍ରକାଶ ସୋରେନ ଏବଂ ପ୍ରୋଗ୍ରାମ ଆସିଷ୍ଟାଣ୍ଟ (ପିଏ) ମହେଶ୍ୱର ସାହୁଙ୍କୁ ସମ୍ବଲପୁର ଭିଜିଲାନ୍ସ ଗିରଫ କରିଛି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡା. ସୋରେନଙ୍କ ଭଡ଼ାଘର ଓ କାର୍ଯ୍ୟାଳୟରେ ମଧ୍ୟ ଯାଞ୍ଚ କରାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ବ୍ରଏଲର୍ ପୋଲଟରି ଫାର୍ମି ସ୍କିମ୍‌ର ଜଣେ ହିତାଧିକାରୀ ଗତ ଏପ୍ରିଲ ମାସରେ ବ୍ରଏଲର୍ ଫାର୍ମ ନିର୍ମାଣ କରି ସବ୍‌ସିଡି ଅର୍ଥ ୯୦୦୦୦ ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେ ଡା. ସୋରେନଙ୍କୁ ତାଙ୍କ ସବସିଡିର ଦ୍ୱିତୀୟ କିସ୍ତି ୫୪୦୦୦ ଟଙ୍କା ରିଲିଜ୍ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିଭିଓ ଡା. ସୋରେନ୍ ତାହା ରିଲିଜ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହିତାଧିକାରୀଜଣଙ୍କ ଏ ସଂପର୍କରେ ସମ୍ବଲପୁର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଟୋଲ ଫ୍ରି ନଂ. ୧୦୬୪ରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସର ଏକ ଟିମ୍ ଜାଲ୍ ବିଛାଇ ଆଜି ବିଭିଓ ଡା. ଶୁଭ ପ୍ରକାଶ ସୋରେନ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମହେଶ୍ୱର ସାହୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ପରେ ଏକା ସମୟରେ ଡା. ସୋରେନଙ୍କ ରେଢ଼ାଖୋଲସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟ ଯାଞ୍ଚ କରାଯାଇଥିଲା। ଉଭୟ ଡା. ଶୁଭ ପ୍ରକାଶ ସୋରେନ ଓ ମହେଶ୍ୱର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଥାନା କେସ ନଂ ୧୪/୨୦୨୫ ଦଫା ୭/୧୨ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୧୮ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଆଇଟିଆରର ଗୁପ୍ତ ତଥ୍ୟ ଲିକ୍ ଘଟଣା
# ଅଭିଯୁକ୍ତକୁ ହାଇକୋର୍ଟରୁ ଜାମିନ

କଟକ,୭।୭(ସମିସ): ଦେଶର ସୁରକ୍ଷା ସଂପର୍କିତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଦେବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଚାନ୍ଦିପୁର ଆଇଟିଆର୍‌ର ପୂର୍ବତନ ଚୁକ୍ତିଭିତ୍ତିକ ଏସି ଅପରେଟର୍ ବସନ୍ତ କୁମାର ବେହେରାଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ବସନ୍ତଙ୍କୁ ଜାମିନରେ ଛାଡ଼ିଛନ୍ତି।

ଜାମିନରେ ଛାଡ଼ ପାଇବା ପରେ କୌଣସି ଅପରାଧରେ ଜଡ଼ିତ ହେବେ ନାହିଁ, ମାମଲାର ପ୍ରତି ତାରିଖରେ ଅଦାଲତରେ ହାଜର ହେବେ, ଜାମିନ ପାଇବା ପରେ ସେ ରହିବା ସ୍ଥାନର ସାନି ଠିକଣା, ମୋବାଇଲ ନମ୍ବର, ଇ-ମେଲ ତଥ୍ୟ ଅଦାଲତ, ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିନା ଅନୁମତିରେ ଅଦାଲତଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରୁ ବାହାରକୁ ଯିବେ ନାହିଁ। ପ୍ରତି ୧୫ ଦିନରେ ଥରେ ସ୍ଥାନୀୟ ଥାନାରେ ହାଜର ହେବେ। ଯଦି ସର୍ତ୍ତ ଉଲ୍ଲଂଘନ ହୁଏ, ତେବେ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବସନ୍ତ କୁମାର ବେହେରାଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୨୦୨୧, ସେପ୍ଟେମ୍ବର ୧୫ରୁ ସେ ଗିରଫ ହୋଇ ଜେଲରେ ଥିବା ବେଳେ ଏପର୍ଯ୍ୟନ୍ତ ନିମ୍ନ ଅଦାଲତରେ ମାମଲାର ଶୁଣାଣି ସରିନାହିଁ। ଚାର୍ଜସିଟ୍‌ରେ ୨୮ଜଣଙ୍କ ନାଁ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ, ବାଲେଶ୍ୱର ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ବିଚାରାଧୀନ ଏ ସଂପର୍କିତ ମାମଲାରେ ଚାରି ବର୍ଷରେ ୧୯ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଏହା ସମ୍ବିଧାନ ପ୍ରଦତ୍ତ ତ୍ୱରିତ ଶୁଣାଣି ଅଧିକାରର ଉଲ୍ଲଂଘନ ହୋଇଛି। ହାଇକୋର୍ଟ ଏପରି ଯୁକ୍ତିକୁ ଗ୍ରହଣ କରି ବସନ୍ତକୁ ଜାମିନ ମଞ୍ଜୁର କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ପାକିସ୍ତାନୀ ମହିଳାଙ୍କୁ ଆଇଟିଆର ମିସାଇଲ ପରୀକ୍ଷା ସଂପର୍କିତ ଗୁପ୍ତ ତଥ୍ୟ ଆବେଦନକାରୀ ଓ ଅନ୍ୟ କେତେକ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୨୦୨୧ରେ ଗିରଫ କରିଥିଲା। ତଥ୍ୟ ଦେଇ ଅଭିଯୁକ୍ତମାନେ ଟଙ୍କା ପାଇଥିଲେ ବୋଲି ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଚାର୍ଜସିଟ କରିବା ପରେ ଅଦାଲତରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

■ କାଶଲପୁର ବିଜ୍ଞାନ ବାରିକ ହତ୍ୟା ମାମଲା

## ବାପ-ଦୁଇପୁଅଙ୍କୁ ଆଜୀବନ

ବୌଦ୍ଧ, ୭।୭(ସମିସ): ବୌଦ୍ଧ ଜିଲ୍ଲା ବୌଦ୍ଧ ଥାନା ତେଲିବନ୍ଧ ପଞ୍ଚାୟତ କାଶଲପୁର ଗ୍ରାମର ବିଜ୍ଞାନ ବାରିକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ୍ ପ୍ରତାପ କୁମାର ପାତ୍ର ଦୋଷୀ ବାପ ଓ ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ସେମାନେ ହେଲେ, କାଶଲପୁର ଗ୍ରାମର ସୁଦାମ ବାରିକ ଏବଂ ତାଙ୍କ ଦୁଇ ପୁଅ ଗଣେଶ ଓ ମଣ୍ଟୁ। ସୂଚନାନୁଯାୟୀ, ଗତ ୨୬ସେପ୍ଟେମ୍ବର ୨୦୨୩ ସନ୍ଧ୍ୟାରେ ଗ୍ରାମର ଧୋବେଇ ବାରିକ ଓ ପୁଅ ବିଜ୍ଞାନ ବାରିକଙ୍କୁ ଗ୍ରାମର ସୁଦାମ ବାରିକ ଓ ତାଙ୍କ ଦୁଇ ପୁଅ ଗଣେଶ ଓ ମଣ୍ଟୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଧୋବେଇ ଓ ବିଜ୍ଞାନ ଗୁରୁତର ଆହତ ହୋଇଥିଲେ। ଉଭୟ ବାପ-ପୁଅଙ୍କୁ ବୌଦ୍ଧ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଡାକିଥିବା ବେଳେ ଅଭିଯୁକ୍ତମାନେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ମଧ୍ୟ ଧମକ ଦେଇଥିଲେ। ଉଭୟଙ୍କୁ ପ୍ରଥମେ ବୌଦ୍ଧ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବିଜ୍ଞାନ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ପ୍ରାଣ ହରାଇଥିଲେ। ଧୋବେଇ ବାରିକଙ୍କ ବୌଦ୍ଧ ଥାନାରେ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିଲା ଓ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ଚାଲିଥିଲା।

## ପ୍ରହସନ ପାଲଟିଛି ମାଧ୍ୟମିକ ଶିକ୍ଷକଙ୍କ ବଦଳି
# ଅବଧି ସରିଲା; ବଦଳି ନୋହିଲା

ଭୁବନେଶ୍ୱର,୭।୭(ସମିସ): ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେଲାଣି। ହେଲେ ସରୁନାହିଁ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା। ସମସ୍ତ ଆବେଦନର ଭେରିଫିକେସନ୍ ସରିଛି। ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ମାନେ ସେମାନଙ୍କ ରିପୋର୍ଟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିକଟରେ ଦାଖଲ କରିସାରିଛନ୍ତି। ହେଲେ ବଦଳି ତାଲିକା ପ୍ରକାଶ ପାଉନି। ବଦଳି କ୍ୟାଲେଣ୍ଡର ଅନୁଯାୟୀ ନୂତନ ଶିକ୍ଷାନୁଷ୍ଠାନରେ ଯୋଗଦେବାର ଆଜି ଶେଷ ତାରିଖ ହୋଇଥିବାବେଳେ ଚୂଡ଼ାନ୍ତ ତାଲିକା କେଉଁଠି ଅଟକିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ବିଭାଗ, ନିର୍ଦ୍ଦେଶାଳୟ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବଦଳି ବିଳମ୍ବ ହେଉଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି ପାଇଁ ଗତ ମେ ୨୨ ତାରିଖରେ ବଦଳି କ୍ୟାଲେଣ୍ଡର ପ୍ରକାଶ ପାଇଥିଲା। ଜୁନ୍ ୫ ତାରିଖ ମଧ୍ୟରେ ଆଶାୟୀ ଶିକ୍ଷକମାନେ ଆବେଦନ କରିଥିଲେ। ଜୁନ୍ ୨୪ ଓ ୨୫ ତାରିଖରେ ରାଜ୍ୟ ସ୍ତରୀୟ ବଦଳି କମିଟି ବସି ତାଲିକା ଚୂଡ଼ାନ୍ତ କରିବା ପରେ ୨୬ରୁ ୩୦ ତାରିଖ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ମିଳିଥିବା ସୂଚନା ଅନୁଯାୟୀ, ଏବେଯାଏଁ ରାଜ୍ୟ ସ୍ତରୀୟ ବଦଳି କମିଟି ବସିନାହିଁ। ସମୟ ଅବଧି ସରି ସାରିଥିବାବେଳେ କେବେ କମିଟି ବଦଳି ତାଲିକା ଚୂଡ଼ାନ୍ତ କରିବ, ସେନେଇ କେହି ମୁହଁ ଖୋଲୁ ନାହାନ୍ତି। ନିଜ ନିର୍ଦ୍ଦେଶନାମାକୁ ନିଜେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପାଳନ କରୁ ନ ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରୀ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ପରୋକ୍ଷରେ ଚେତାବନୀ ଦେବା ସହ ବଦଳି ପ୍ରକ୍ରିୟା ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ କରିଛନ୍ତି। ସେହିପରି ବଦଳି ପ୍ରକ୍ରିୟା ବିଳମ୍ବ ହେଲେ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ବଦଳି ଆଦେଶ ପ୍ରକାଶ ନ କଲେ ଆବେଦନକାରୀ ଶିକ୍ଷକମାନେ ରାସ୍ତାକୁ ଓହ୍ଲାଇବ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ୭୬ତମ ବନ ମହୋତ୍ସବ
# ଏ ବର୍ଷ ଲାଗିବ ୭.୫ କୋଟି ଚାରା

ଭୁବନେଶ୍ୱର,୭।୭(ସମିସ): ୨୦୩୬ ସୁଦ୍ଧା ଭିଜନ୍ ଓଡ଼ିଶା କାର୍ଯ୍ୟକ୍ରମରେ 'ସବୁଜ ଓଡ଼ିଶା' ଗଠନ ଏକ ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ ଏବଂ ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନ ମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଗତବର୍ଷ ଏକ୍ ପେଡ୍ ମା' କେ ନାମ ଅଭିଯାନରେ ୬.୬୯ କୋଟି ଚାରା ରୋପଣ କରାଯାଇଥିଲା ଏବଂ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତବର୍ଷ 'ଏକ୍ ପେଡ୍ ମା' କେ ନାମ-୨.୦' ଅଭିଯାନରେ ୭.୫କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତବର୍ଷ ସରକାର ୧୯ ଲକ୍ଷ ତାଳଗଛ ରୋପଣ କରିଥିବା ବେଳେ ଚଳିତ ବର୍ଷ ୧୮ ଲକ୍ଷ ତାଳ ଗଛ ରୋପଣ




କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ ସବୁଜ ଓଡ଼ିଶା ଯୋଜନାରେ ଆଦିବାସୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଁଉଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାଜ୍ୟବାସୀଙ୍କୁ ଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିଥିବା ବେଳେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ ବିଶ୍ୱ ବନ ଦିବସ, ଜୁନ୍ ୫ ବିଶ୍ୱ ପରିବେଶ ଦିବସ, ଜୁଲାଇ ମାସରେ ବନ

■ ୨୦୩୬ ସୁଦ୍ଧା ୧୦ ଲକ୍ଷ 'ସବୁଜ ଜୀବିକା' ସୃଷ୍ଟି ହେବ
■ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ମହୋତ୍ସବ ସପ୍ତାହ ପାଳନ ଏବଂ ଅକ୍ଟୋବର ମାସରେ ବନ୍ୟ ପ୍ରାଣୀ ସପ୍ତାହ ପାଳନ କରାଯାଇଥାଏ। ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ କର୍ମଚାରୀ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷମାନଙ୍କୁ ପୁରସ୍କାର ଦିଆଯାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ସବୁ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ କରିଛନ୍ତି। ଅନେକ ପୁରସ୍କାରର ସଂଖ୍ୟା ଓ ପୁରସ୍କାର ରାଶି ପରିମାଣ ମଧ୍ୟ ବୃଦ୍ଧି ହୋଇଛି। ଏହି ସମସ୍ତ ପୁରସ୍କାର ଆଜିଠାରୁ କାର୍ଯ୍ୟକାରୀ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ ବିଳାସିତାରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ପର୍କରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଦ୍ଧି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୯- ଆମେରିକୀୟ ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶିତ।
- ୧୯୧୮- ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଭାକ୍ରା ନଙ୍ଗଲ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ।
- ୨୦୦୩- ସୁଦାନରେ ହୋଇଥିବା ବିମାନ ଦୁର୍ଘଟଣାରେ ୧୧୬ ଲୋକଙ୍କ ପ୍ରାଣହାନି।
- ୨୦୦୭- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପରଲୋକ।



# ରସଗୋଲା ଦିବସ

ଆଜି ରସଗୋଲା ଦିବସ। ଓଡ଼ିଶାର ପାରମ୍ପରିକ ମିଠା ରସଗୋଲା ପାଇଁ ଆଜିର ଦିନଟି ସମର୍ପିତ। ।ଓଡ଼ିଆ ଘରେ ଅତିଥି ଚର୍ଚ୍ଚା ହେଉ କି ଆନନ୍ଦ ଉଲ୍ଲାସର ମୁହୂର୍ତ୍ତ ସବୁଠି ଲୋଡ଼ା ରସଗୋଲା। ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର ଶ୍ରୀମନ୍ଦିରରେ କେଉଁ ଅନାଦି କାଳରୁ ରସଗୋଲା ପ୍ରସାଦ ରୂପେ ଅର୍ପଣ କରାଯାଉଅଛି। ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶହ ଶହ ବର୍ଷ ହେଲା ରସଗୋଲା ଲାଗି ହୋଇଆସୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଅନ୍ତିମ ପର୍ବ ହେଉଛି 'ନୀଳାଦ୍ରିବିଜେ'। ଶ୍ରୀଗୁଣ୍ଡିଚା ମନ୍ଦିରରେ ରହଣି ପରେ ବାହୁଡ଼ା ଦଶମୀ ଦିନ ଶ୍ରୀଜୀଉମାନେ ସିଂହଦ୍ୱାରକୁ ଫେରନ୍ତି। ତ୍ରୟୋଦଶୀ ଦିନ ଶ୍ରୀବିଗ୍ରହମାନେ ରତ୍ନ ସିଂହାସନକୁ ବିଜେ କରି ଥାଆନ୍ତି। ଏହାକୁ 'ନୀଳାଦ୍ରି ବିଜୟ' ବା 'ନୀଳାଦ୍ରିବିଜେ' କୁହାଯାଏ। ବିଶ୍ୱାସ ରହିଛି, ରଥଯାତ୍ରାରେ ସଙ୍ଗରେ ନେଇ ନ ଥିବାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଅଭିମାନ କରିଥାନ୍ତି ମା'ଲକ୍ଷ୍ମୀ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଜୟବିଜୟ ଦ୍ୱାରକୁ ବନ୍ଦ କରି ଦିଅନ୍ତି ମା' ଲକ୍ଷ୍ମୀ। ଅଭିମାନୀନି ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥାନ୍ତି ମହାପ୍ରଭୁ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରଚାରପ୍ରସାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରିବିଜେ ଦିନ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲ। ଏହାପରେ ୨୦୧୬ ଜୁଲାଇ ୧୭ ଠାରୁ ଏହି ଦିବସ ପାଳନ ହେଉଛି। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାର ବ୍ୟବସାୟୀ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶାର ରସଗୋଲାକୁ ଜିଆଇ ମାନ୍ୟତା ଦେବା ପାଇଁ ଓଡ଼ିଆ ଲୋକେ ଏକଜୁଟ ହୋଇଥିଲେ। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା।



# ଆସିବ 'ଗଲିବୟ'ର ସିକ୍ୱେଲ

ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗଲିବୟ'ର ସିକ୍ୱେଲ ଆସିବ। ଏହାର ମୂଳ ଫିଲ୍ମରେ ଆଲିଆ ଭଟ୍ଟ, ରଣବୀର ସିଂହ, ସିଦ୍ଧାନ୍ତ ଚତୁର୍ବେଦୀ, କଲ୍‌କି କୋଚଲିନ୍ ନଜର ଆସିଥିଲେ। ଫିଲ୍ମଟି ଦର୍ଶକଙ୍କ ସହ ଫିଲ୍ମ ସମୀକ୍ଷକଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସିଥିଲା। ଏହା ୧୩ଟି ଫିଲ୍ମ ଫେୟାର୍ ପୁରସ୍କାର ଜିତିଥିଲା, ଯାହା ଏକ ରେକର୍ଡ ମଧ୍ୟ। ୬ ବର୍ଷ ପରେ ଜୋୟା ଏବେ ଏହାର ସିକ୍ୱେଲ ଆଣିବା ପାଇଁ ଯୋଜନା କରୁଛନ୍ତି। ଜୋୟା କିନ୍ତୁ ଏହାର ନିର୍ଦ୍ଦେଶନା ଦେବେ ନାହିଁ। 'ଖୋ ଗଏ ହମ୍ କହାଁ' ଫେମ୍ ଅର୍ଜୁନ୍ ବରେନ୍ ସିଂହ ଏହାର ନିର୍ଦ୍ଦେଶନା ଦେବେ। ସିକ୍ୱେଲରେ କିନ୍ତୁ ରଣବୀର ଓ ଆଲିଆ ଦେଖାଯିବେ ନାହିଁ। ଏଥିରେ ଭିକି କୌଶଳ ଓ ଅନନ୍ୟା ପାଣ୍ଡେଙ୍କୁ ବ୍ରେକ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ 'ଗଲିବୟ'ର ସଫଳତାକୁ ଏହାର ସିକ୍ୱେଲ ଦୋହରାଇ ପାରିବ କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ପକ୍ଷୀ ସୁରକ୍ଷା ପାଇଁ ମଶା ଛାଡୁଛି ଡ୍ରୋନ୍

ବୈଜ୍ଞାନିକମାନେ ଏକ ବିଶାଳ ଡ୍ରୋନ୍‌କୁ ଉପଯୋଗ କରି ଆମେରିକାର ହାୱାଇ ଜଙ୍ଗଲରେ ମଶା ପଲଙ୍କୁ ଛାଡ଼ୁଛନ୍ତି। ତେବେ ଏଠାରେ ଦେଖାଯାଉଥିବା ହନିକ୍ରିପର୍ ପକ୍ଷୀଙ୍କ ଜୀବନ ରକ୍ଷା ପାଇଁ ଏଭଳି କିଛି କରାଯାଉଛି। ଏହି ପକ୍ଷୀ ପରିବେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କ୍ରମାଗତ ଭାବେ ଏମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମଶା ଦ୍ୱାରା ବ୍ୟାପୁଥିବା ଏଭିୟନ ମ୍ୟାଲେରିଆ ଏହି ପକ୍ଷୀଙ୍କ ଜୀବନ ନେଉଛି। ତେଣୁ ହନିକ୍ରିପର୍ ପକ୍ଷୀ ଏଭିୟନ ମ୍ୟାଲେରିଆଠାରୁ ଜୀବିତ ରହିବା ଲାଗି ଏବେ ସଂଘର୍ଷ କରୁଛନ୍ତି। ତେବେ ଡ୍ରୋନ୍‌ରେ ଛଡ଼ା ଯାଉଥିବା ମଶାକୁ ବୈଜ୍ଞାନିକମାନେ ଗବେଷଣାଗାରରେ ତିଆରି କରିଛନ୍ତି। ଏହି ମଶା କାମୁଡ଼ୁ ନ ଥିବା ବେଳେ ଏଥିରେ ଏକ ଜୀବାଣୁ ଅଛି। ଏହି ଜୀବାଣୁ ଆକ୍ରମଣକାରୀ ମଶାଙ୍କ ବଂଶବିସ୍ତାରକୁ ରୋକିବା ଦିଗରେ କାର୍ଯ୍ୟ କରିବ। ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ଏହି ବିଶେଷ ଅଣ୍ଡିରା ମଶାମାନଙ୍କୁ ନିରନ୍ତର ଛାଡ଼ିବା ଦ୍ୱାରା ଏଭିୟନ୍ ମ୍ୟାଲେରିଆ ବାହକ ମଶାଙ୍କ ସଂଖ୍ୟା ହ୍ରାସ ପାଇବ। ଏହି ପ୍ରକାରେ ରୋଗର ପ୍ରସାରକୁ ରୋକା ଯାଇପାରିବ। ସେହିପରି ଏବେ ସୁଦ୍ଧା ଏକଥା ସ୍ପଷ୍ଟ ହୋଇପାରି ନାହିଁ, ଏତେ ସଂଖ୍ୟକ ମଶା ଛଡ଼ାଯିବା ପରେ କିଛି ଲାଭ ମିଳିଛି କି ନାହିଁ। ହେଲେ ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି, ଏହି ପ୍ରକାରେ ହନିକ୍ରିପର୍ ପକ୍ଷୀଙ୍କୁ ରକ୍ଷା କରାଯାଇପାରିବ। ସେହିପରି ଏହି ମଶା ଏଠାରେ ନ ଥିଲେ। ୧୮୨୬ ମସିହାରେ ଏକ ଜାହାଜରୁ ଏହି ମଶା ଏଠାକୁ ଆସିଥିଲା। ସେବେଠାରୁ ସେମାନେ ଏହାର ଗରମ ଏବଂ ଆର୍ଦ୍ର ଜଳବାୟୁରେ ବଂଶବିସ୍ତାର କରିଚାଲିଲେ।








# ମକା ମଞ୍ଜି ଛଡା ଯନ୍ତ୍ର

ମକା ଚାଷ ଶୀତ, ବର୍ଷା ଓ ଖରାଦିନେ କରାଯାଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ବାଲିଆ, ଦୋରସା ଓ ପଟୁମାଟି ଆବଶ୍ୟକ ହୋଇଥାଏ। ତେବେ ମକାର ବହୁବିଧ ବ୍ୟବହାର ଏହାକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରୁଛି। ଯେମିତିକି ମକାରୁ ଖଇ, କର୍ଣ୍ଣଫ୍ଲେକ୍ସ ତଥା ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତି ହୁଏ। ଏହା ସହ ଗୋଖାଦ୍ୟ, କୁକୁଡ଼ାଖାଦ୍ୟ ଆଦି ପ୍ରସ୍ତୁତି ବେଳେ ମକା ବିଶେଷ ଭାବେ ଦରକାର ହୋଇଥାଏ। ତେବେ ମକାରୁ ଦାନା କାଢ଼ିବାକୁ ଚାଷୀଙ୍କୁ ଅଧିକ ସମୟ ଲାଗୁଥିବାବେଳେ ଏଥିପାଇଁ ଅଧିକ ପରିଶ୍ରମ ଓ ଖର୍ଚ୍ଚ ବଢ଼ିଥାଏ। ଖାସ୍‌କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏହି ପ୍ରକ୍ରିୟା ବହୁତ ମହଙ୍ଗା ପଡ଼ିଯାଏ। ତେଣୁ ଚାଷୀଙ୍କ ସମସ୍ୟାକୁ ଦୂର କରିବାକୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଦ୍ୱାରା ପେଡାଲ ପରିଚାଳିତ ମକା ମଞ୍ଜିଛଡ଼ା ଯନ୍ତ୍ର ବିକଶିତ କରାଯାଇଛି। ଏହା କେବଳ ମକା ଚୋପାରୁ ଦାନା ବାହାର କରିବ ତାହା ନୁହେଁ; ଚାଷୀଙ୍କ ସମୟ ଏବଂ ଶ୍ରମ ହ୍ରାସ ପାଇବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମେସିନ୍ କୌଣସି ଇନ୍ଧନ କିମ୍ବା ବିଦ୍ୟୁତ୍ ବିନା ଚାଲୁଥିବାରୁ ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ରରେ କ୍ଷମତା ୧୩୦ କିଗ୍ରା ପ୍ରତି ଘଣ୍ଟାରେ ମକା ଦାନା କାଢ଼ିପାରେ। ଏଥିରେ ଦୁଇଜଣ ଲୋକ ବସି ଆରାମରେ ଯନ୍ତ୍ରକୁ ଚଳାଇ ପାରିବେ ସେ ନେଇ ଡିଜାଇନ୍ ହୋଇଛି। ଅର୍ଥାତ୍ ଜଣେ ଗୋଡରେ ପ୍ୟାଡେଲ ମାରି ଯନ୍ତ୍ରକୁ ସଞ୍ଚାଳିତ କରିବା ସମୟରେ ଅନ୍ୟ ଜଣ ଯନ୍ତ୍ରରେ ମକା ପକାଇବା କାର୍ଯ୍ୟ କରିଥାନ୍ତି। ଏହାର ମକା ଚୋପା କାଢ଼ିବାର କ୍ଷମତା ୯୭ ପ୍ରତିଶତ ଏବଂ ଦାନା କାଢ଼ିବାର ଦକ୍ଷତା ୯୫ ପ୍ରତିଶତ ଯାଏଁ ଥିବାରୁ ଚାଷୀଭାଇ ଏଥିରୁ ଅଧିକ ଲାଭବାନ ହୋଇପାରିବେ। ତେଣୁ ମକା ଚାଷ କରୁଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଏହି ଯନ୍ତ୍ରଟି କୌଣସି ବରଦାନଠାରୁ କମ୍ ନୁହେଁ।



# ଜହ୍ନି ଗଛ ପାଇଁ ଦେଶୀ ଟନିକ୍

**ବର୍ଷାଦିନିଆ ପନିପରିବା ଚାଷରୁ ଅଧିକ ଲାଭ ମିଳେ। ଚାଷୀମାନେ ଏହି ଦିନେ ବିଭିନ୍ନ ଫସଲ ସହିତ ଜହ୍ନି ଚାଷ ମଧ୍ୟ କରିଥାନ୍ତି। ତେଣୁ ଜହ୍ନି ଗଛ ବଢୁ ନ ଥିଲେ ଏହି ଉପାୟ ଆପଣାଇ ପାରିବେ।**

ଚାଷୀମାନେ କମ୍ ସମୟରେ ଅଧିକ ଅମଳ ପାଇବା ପାଇଁ ରାସାୟନିକ ସାର, କୀଟନାଶକ ଆଦି ପ୍ରୟୋଗ କରିଥାନ୍ତି। ଏହା ବ୍ୟୟ ବହୁଳ। ଏହା ମାଟି ଓ ଫସଲ ପାଇଁ କ୍ଷତି ସୃଷ୍ଟି କରିପାରେ। ତେଣୁ ପ୍ରାକୃତିକ ଉପାୟ ଆପଣାଇ ଚାଷୀମାନେ ଜହ୍ନି ଗଛର ବୃଦ୍ଧି ପାଇଁ ନିମ ଖତ, ଦହି ଏବଂ କଦଳୀ ଚୋପାରୁ ତିଆରି ଦେଶୀ ସାର ପ୍ରୟୋଗ କରିପାରିବେ। କଦଳୀ ଚୋପାରେ ପଟାସିୟମ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱ ରହିଥାଏ। ଯାହାକି ଗଛ ଓ ଫଳ ବୃଦ୍ଧି ପାଇଁ ଏହା ବହୁତ ଉପଯୋଗୀ ହୋଇଥାଏ।, ଦେଶୀ ସାର ବା କୀଟନାଶକ ପ୍ରୟୋଗ ଦ୍ୱାରା ଫୁଲ ଝଡ଼ିବା ନିୟନ୍ତ୍ରଣ ହୋଇଥାଏ। ଏହା ରୋଗ ପୋକ ନିୟନ୍ତ୍ରଣ ପାଇଁ ସହାୟକ ହୋଇଥାଏ। ନିମ ଖତ ମାଟିରେ କବକ ଏବଂ ହାନିକାରିକ ଜୀବାଣୁ ରୋକିଥାଏ। ଏହାଦ୍ୱାରା ଜହ୍ନି ଉତ୍ପାଦନ ହୁଏ। ଏକ ଗ୍ଲାସ ପାଣିରେ କଦଳୀ ଚୋପାକୁ ଅଳ୍ପ ଆଞ୍ଚରେ ରଖି ଫୁଟାନ୍ତୁ। ଏହି ପାଣି ଥଣ୍ଡା କରିବା ପରେ ଏହାକୁ ଛାଣି ନିଅନ୍ତୁ। ଛଣା ପାଣିରେ ଏକ ଚାମଚ ନିମ ଖତ ଏବଂ ଏକ ଚାମଚ ଦହିକୁ ଭଲଭାବେ ମିଶାନ୍ତୁ। ଏହି ଘୋଳକୁ କିଛି ଘଣ୍ଟା ପାଇଁ ରଖି ଜହ୍ନି ଗଛ ମୂଳେ ମାଟି କୋଡ଼ାଖୋସା କରି ପ୍ରୟୋଗ କରିପାରିବେ। ଏପରି କରିବା ଦ୍ୱାରା ଜହ୍ନି ଗଛ ଝଙ୍କାଳିଆ ହୋଇଯାଏ। ଫଳ ମଧ୍ୟ ଅଧିକ ମିଳେ।

ଜୀବାମୃତ, ଘନଜୀବାମୃତ, ହାଣ୍ଡିଖତ ଅନୁମୋଦିତ ପରିମାଣରେ ବ୍ୟବହାର କଲେ ଗଛର ବୃଦ୍ଧି ତ୍ୱରାନିତ ହୁଏ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ।
- ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ପାଗ ଶୁଖିଲା ନ ଥିଲେ ଘାସ ଚରିବା ପାଇଁ ବାହାରକୁ ଛାଡନ୍ତୁ ନାହିଁ।
- ବର୍ତ୍ତମାନ ଅମୃତଭଣ୍ଡା ଲଗେଇବାର ଉତ୍କୃଷ୍ଟ ସମୟ। ହନି ଡିୟୁ, କୁର୍ଗ ହନି ଡିୟୁ, ସିଓ-୧, ସିଓ-୨, ପୁଷା, ଡେଲିଶିୟସ, ପୁଷା, ମଜେଷ୍ଟିକ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ।
- ବର୍ଷାଋତୁରେ କୁକୁଡା ଫାର୍ମରେ ପବନର ଚଳପ୍ରଚଳ କିମ୍ବା ଉଚିତ ଭେଣ୍ଟିଲେସନ୍ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। କୁକୁଡା ସେଡର ଉପର ପାର୍ଶ୍ୱରେ ୧ରୁ ୨ ଫୁଟ୍ ଖୋଲା ରଖି ସେଡର ପାର୍ଶ୍ୱକାନ୍ଥଗୁଡିକ ପଲିଥିନ୍ ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ରଖନ୍ତୁ। କୀଟମାନଙ୍କ ଆକ୍ରମଣରୁ କୁକୁଡାଙ୍କୁ ରକ୍ଷା କରିବା ପାଇଁ ସେଡର ଚାରିପାଖରେ ଥିବା ନାଳିଗୁଡିକୁ ସ୍ୱଚ୍ଛ ଓ ସୁଖିଲା ରଖନ୍ତୁ। ବର୍ଷାଜଳ ସେଡ୍ ଭିତରକୁ ସିଧାସଳଖ ପ୍ରବେଶ ନ କରିବାକୁ ଉଚିତ ବ୍ୟବସ୍ଥା କରନ୍ତୁ। ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ାମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ।

# ଯବକ୍ଷାରଜାନ ଅଭାବରୁ ଫସଲ ହାନି

**ଗଛ ବଢ଼ିବା ପାଇଁ ମୃତ୍ତିକାରୁ ବିଭିନ୍ନ ଖାଦ୍ୟସାର ଆବଶ୍ୟକ କରୁଥିବାବେଳେ ସେଥିମଧ୍ୟରୁ ଯବକ୍ଷାରଜାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ହେଲେ ମାଟିରେ ଯବକ୍ଷାରଜାନର ଅଭାବରେ ପ୍ରଥମେ ପତ୍ର ହଳଦିଆ ପଡ଼ିଯାଏ। ଗଛ ବୃଦ୍ଧିରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ସମୟ ପୂର୍ବରୁ ଏହାର ସମାଧାନ ନ କରିଲେ ଫସଲ ଉତ୍ପାଦନରେ ହ୍ରାସ ହୋଇଥାଏ। ଏହାର ପ୍ରତିକାର କରିବା ନିହାତି ଆବଶ୍ୟକ।**



କୃଷି ବିଶେଷଜ୍ଞଙ୍କ ମୁତାବକ ଯବକ୍ଷାରଜାନ ଫସଲ ବୃଦ୍ଧି ପାଇଁ ସବୁଠୁ ଜରୁରି ପୋଷାକତତ୍ତ୍ୱ। ତେବେ ମାଟିରେ ଯବକ୍ଷାରଜାନ ଅଭାବ ହେଲେ ପ୍ରଥମେ ଗଛ ପତ୍ରରୁ ଏହାର ଲକ୍ଷଣ ଜଣାପଡ଼ିଯାଏ। ଯେପରିକି ତଳ ପତ୍ରଗୁଡିକ ପ୍ରଥମେ ଫିକା ସବୁଜ ହୋଇ ହଳଦିଆ ପଡ଼ିଯାଏ। ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ି ନ ପାରିବା, ଫସଲ ହାନି ହେବା ଆଦି ଲକ୍ଷଣ ପରିଲକ୍ଷିତ ହୋଇଥାଏ। ତେଣୁ ମାଟିରେ ଯବକ୍ଷାରଜାନ ଅଭାବ ପୂରଣ କରିବାକୁ ଜମିରେ ସବୁଜ ସାର ପ୍ରୟୋଗ କରାଯାଏ। ଜମିରେ ମୁଗ ତଥା ଡାଲିଜାତୀୟ ଫସଲ, ସୋୟାବିନ୍, ଚିନାବାଦାମ ବୁଣିବା ଦ୍ୱାରା ଏହି ଫସଲ ଅମଳ ପରେ ମାଟିରେ ପ୍ରାକୃତିକ ରୂପେ ଯବକ୍ଷାରଜାନ ମାତ୍ରା ବୃଦ୍ଧି ପାଏ। ମାଟିରେ ଯବକ୍ଷାରଜାନ ବୃଦ୍ଧି ପାଇଁ ଏହା ଏକ ପାରମ୍ପରିକ ଓ ଶସ୍ତା କୌଶଳ। ସେହିପରି ଗୋବର ଖତ, କିଆଖତ, ପତ୍ରରୁ ପ୍ରସ୍ତୁତ ଖତ ମୃତ୍ତିକାର ଉର୍ବରଶକ୍ତିକୁ ବୃଦ୍ଧି କରି ଧୀରେ ଧୀରେ ନାଇଟ୍ରୋଜେନ୍ ଉପଲବ୍ଧ କରାଇଥାଏ। ବିଶେଷ କଥା ହେଉଛି, ୟୁରିଆ, ଆମୋନିୟମ ସଲ୍‌ଫେଟ୍ ପରି ଉର୍ବରକ ନିର୍ଦ୍ଦିଷ୍ଟ ମାତ୍ରାରେ ଉପଯୋଗ କରିପାରିବେ। ସେହିପରି ମୃତ୍ତିକାରେ ଜୀବାଣୁ ସାର ତଥା ରାଇଜୋବିୟମ, ଆଜୋସ୍ପିରିଲମ୍ ଏବଂ ଆଜୋଟୋବ୍ୟାକ୍ଟେର ପରି ଜୈବ ଉର୍ବରକ ଯବକ୍ଷାରଜାନ ବୃଦ୍ଧି କରିବାକୁ ସାହାଯ୍ୟ କରିଥାଏ। ବିଶେଷ କଥା ହେଉଛି, ଜମିରେ ଗୋଟିଏ ପ୍ରକାର ଫସଲ ବାରମ୍ବାର ଚାଷ କରିବା ଦ୍ୱାରା ମାଟିରେ ଯବକ୍ଷାରଜାନ ହ୍ରାସ ପାଇଥାଏ। ତେଣୁ ଯବକ୍ଷାରଜାନ ସନ୍ତୁଳନ ରଖିବାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଡାଲିଜାତୀୟ ଫସଲ ଚାଷ କରିପାରିବେ।

### ଏଜ୍‌ବାଷ୍ଟନ ଦଖଲ କଲୁ ସତ; ଖେଳରେ ମଜା ଆସିଲାନି: ଗିଲ୍

# ପିଚ୍ ଉପରେ ନିର୍ଭର କରୁଛି ଟେଷ୍ଟ ମ୍ୟାଚ୍‌ର ଗୁରୁତ୍ୱ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି)



ଫ୍ଲାଟ ପିଚ୍ ଓ ଡ୍ୟୁକ୍ ବଲ୍‌ରେ ବୋଲରଙ୍କୁ ସହାୟତା ବିନା ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଇଛି। ଏଜ୍‌ବାଷ୍ଟନରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ ରନ୍‌ର ବୃହତ୍ ବିଜୟ ପରେ ଏହା କହିଛନ୍ତି ଅଧିନାୟକ ଶୁବମନ ଗିଲ୍। ଦୀର୍ଘ ୫୮ ବର୍ଷ ପରେ ଏଜ୍‌ବାଷ୍ଟନରେ ଭାରତ ଟେଷ୍ଟ ମ୍ୟାଚ୍ ଜିତିଛି ସତ, କିନ୍ତୁ ଏହି ବିଜୟରେ ମଜା ନାହିଁ। ଏଠାରେ ଖେଳାଯାଇଥିବା ଟେଷ୍ଟରେ ଭାରତୀୟ ବୋଲରମାନେ ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଏହା ମଧ୍ୟରୁ ୧୫ଟି ୱିକେଟ କେବଳ ନୂଆ ବଲ୍‌ରେ ମିଳିଛି। ଏଭଳି ପରିବେଶରେ ଟେଷ୍ଟ ମ୍ୟାଚ୍ ଖେଳିବା ବାଜ୍‌ବଲ ଯୁଗର ମନ୍ତ୍ରକୁ ବିରୋଧ କରୁଛି। ଏଠାରେ ପ୍ରଥମ ତଥା ବିଦେଶ ମାଟିରେ ସର୍ବବୃହତ୍ ବ୍ୟବଧାନ ବିଜୟ ଭାରତକୁ ୧-୧ରେ ସିରିଜ୍ ବରାବର କରିବାରେ ସହାୟ ହୋଇଛି।

ଏହି ଟେଷ୍ଟରେ ଉଭୟ ଦଳ ମିଳିତଭାବେ ୧୬୯୨ ରନ୍ କରିଛନ୍ତି। ଏହା ଫଳରେ ବ୍ୟାଟ୍ସମ୍ୟାନ ଏଠାରେ ମନଇଚ୍ଛା ଖେଳିଛନ୍ତି। ଚଳିତ ସିରିଜ୍‌ରେ ଖେଳାଯାଇଥିବା ପ୍ରଥମ ଦୁଇଟି ଟେଷ୍ଟରେ ଏଯାଏ ୩,୩୬୫ ରନ୍ ସଂଗୃହୀତ ହୋଇଛି। ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଏହା ସର୍ବାଧିକ ରନ୍। କିନ୍ତୁ ଖେଳର ମାନ କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବଢ଼ାଇବାରେ ଏହି ପିଚ୍ ସହାୟତା କରିପାରି ନାହିଁ। ଏଭଳି ପିଚ୍‌ରେ ବୋଲରଙ୍କ ଲାଗି ସଫଳତା ପାଇବା କଷ୍ଟକର। ଏହା ସହ ଅଳ୍ପ ସମୟ ପରେ ଡ୍ୟୁକ୍ ବଲ ଢିଲା (ସଫ୍‌ଟ) ହୋଇଯିବା ମଧ୍ୟ ବୋଲରଙ୍କୁ ଅସୁବିଧାରେ ପକାଉଛି। ଏଭଳି ପିଚ୍ ଓ ବଲ୍‌ରେ ୱିକେଟ ମିଳିବା କଷ୍ଟକର ବୋଲି ଜଣାପଡ଼ିବା ପରେ ରନ୍ ସହଜରେ ସଂଗୃହୀତ ହୋଇଥିଲା। ଗୋଟିଏ ନୂଆ ବଲ ୨୦ ଓଭର ବୋଲିଂ ହେବା ପରେ ସଫ୍‌ଟ ହୋଇଯାଉଛି ଓ ବ୍ୟାଟରଙ୍କୁ ରନ୍ ସଂଗ୍ରହରେ ସହାୟତା କରୁଛି। ଏ ସମ୍ପର୍କରେ ଗିଲ୍ କହନ୍ତି, ଏହି ୨୦ ଓଭର ବୋଲିଂ କରିବା ପରେ ଅବଶିଷ୍ଟ ସମୟ ରକ୍ଷଣାତ୍ମକ ଭାବେ ଖେଳିବାକୁ ପଡୁଛି। ଏହି ସମୟରେ ରନ ଅଟକାଇବା କଷ୍ଟକର ହୋଇ ପଡୁଛି। ବୋଲରଙ୍କୁ କିଛି ସହାୟତା ନ ମିଳିଲେ ଇଂଲଣ୍ଡରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଉଛି ବୋଲି ଗିଲ୍ କହନ୍ତି।

### ■ ଅଧିନାୟକ ଭାବେ ଗୁରୁ ଦାୟିତ୍ୱ

ବିଦେଶ ମାଟିରେ ସୁଇଂ ପିଚ୍‌ରେ ଖେଳିବା ଆମଲାଗି କଷ୍ଟକର ହୋଇଥାଏ। ଏଭଳି ସ୍ଥାନରେ ଆମେ ଭଲ ପ୍ରଦର୍ଶନ ଦେଇ ପାରୁ ନ ଥିବାରୁ ଏକାଧିକଥର ସମାଲୋଚିତ ହୋଇଛୁ। କିନ୍ତୁ ଏବେ ଟେଷ୍ଟ ଖେଳାଯାଉଥିବା ବଲର ସ୍ଥିତି ଓ ଫ୍ଲାଟ ପରିବେଶ ସମ୍ପର୍କରେ ଜାଣିବା ପରେ ମୁଁ ଜଣେ ଅଧିନାୟକ ଭାବେ ସଫଳ ହେବାକୁ ଚେଷ୍ଟା କରିଥିଲି। ଫଳରେ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୧୪୭, ଦ୍ୱିତୀୟ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୨୬୯ ଓ ୧୬୧ ରନ୍ କରି ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଶେଷ ଭାଗ ବ୍ୟାଟରଙ୍କ ହାଲ୍‌କା ମନୋଭାବ ଯୋଗୁଁ ଆମେ ବିପର୍ଯ୍ୟୟର ଶିକାର ହୋଇଥିଲୁ। ଏହାକୁ ସୁଧାରିବାରେ ଜାଡେଜା ଭାଇ ୱାଶିଂଟନ ସୁନ୍ଦର ସହାୟତା କରିବା ଫଳରେ ଆମେ ଟେଷ୍ଟ ଜିତିବାରେ ସମର୍ଥ ହୋଇଛୁ।

### ■ ଇଂଲଣ୍ଡ ପିଚ୍ ଆଉ ଫ୍ଲାଟ୍ ହେବ ନାହିଁ

ଏଜ୍‌ବାଷ୍ଟନ ଟେଷ୍ଟ ପରାଜୟ ପରେ ଇଂଲଣ୍ଡରେ ଆଉ ଫ୍ଲାଟ ପିଚ୍‌ରେ ଖେଳିବାକୁ ପଡ଼ିବ ନାହିଁ ବୋଲି ଭାରତୀୟ ଅଧିନାୟକ ଶୁବମନ ଗିଲ କହିଛନ୍ତି। ଆମର ଏତେ ସମୟ ଧରି ଟେଷ୍ଟ ଖେଳିବାର ଅଭ୍ୟାସ ନାହିଁ। ଭାରତରେ ପିଚ୍ ସ୍ପିନ୍‌କୁ ସୁହାଇଥାଏ ଓ ଟେଷ୍ଟ ୩ରୁ ୪ ଦିନ ମଧ୍ୟରେ ଶେଷ ହୋଇଯାଇଥାଏ। ଆମେ ଯେତେବେଳେ ବିଦେଶରେ ଖେଳୁ ସେଠିକାର ସୁଇଂ, ଫାଷ୍ଟ ଓ ବାଉନ୍ସି ପିଚ୍‌ରେ ମ୍ୟାଚ୍ ଅଢ଼େଇରୁ ୪ ଦିନରେ ଶେଷ ହୋଇଥାଏ। ପ୍ରଥମଥର ଏଠାରେ କ୍ରମାଗତ ଟେଷ୍ଟ ୫ ଦିନରେ ଶେଷ ହୋଇଛି। ଅବଶ୍ୟ ଆମ ପ୍ରତିଦ୍ୱନ୍ଦ୍ୱୀ ୯୦ ଓଭର ଭିତରେ ଆଉଟ ହୋଇଯାଇଥିବାରୁ ଆମକୁ ପଡ଼ିଆରେ ଗୋଟିଏ ଦିନ ବିତାଇବାକୁ ପଡ଼ିଛି। କିନ୍ତୁ ଖୁସିର କଥା ଏହି ଦୁଇଟି ଯାକ ଟେଷ୍ଟରେ ଭାରତ ବ୍ୟାଟିଂରେ ଅଧିକ ସମୟ ଦେଇଛି ଓ କ୍ଲାନ୍ତ ହେବାରୁ ବର୍ତ୍ତିଯାଇଛି।

### ■ ବୋଲରଙ୍କୁ ପ୍ରଶଂସା

ଯଶପ୍ରୀତ୍ (ବୁମ୍‌ରା) ଭାଇଙ୍କ ଅନୁପସ୍ଥିତିରେ ଆମେ ପ୍ରତିଦ୍ୱନ୍ଦ୍ୱୀ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବା ନେଇ ଅନେକ ସନ୍ଦେହ ପ୍ରକାଶ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଦଳର ଦୁଇ ଫ୍ରଣ୍ଟଲାଇନ୍ ବୋଲର ମହମ୍ମଦ୍ ସିରାଜ ଓ ଆକାଶଦୀପଖ ମିଳିତ ଭାବେ ୧୭ଟି ୱିକେଟ ନେଇଛନ୍ତି। ଏହା ଆମଲାଗି ସବୁଠାରୁ ବଡ଼ ଉପଲବ୍ଧି ବୋଲି ଗିଲ କହନ୍ତି। ଏପରି ସଫଳତାକୁ ପ୍ରଶଂସା କରିବା ଲାଗି ମୋ ନିକଟରେ ଭାଷା ନାହିଁ ବୋଲି ଗିଲ୍ କହନ୍ତି। ଏହି ବୋଲର ଓ ଖେଳାଳିମାନେ ଆମ ଦେଶରେ ସର୍ବଶ୍ରେଷ୍ଠ। ଏମାନେ ଯେଉଁଠି ଖେଳନ୍ତୁ ନା କାହିଁକି ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବେ। ଫ୍ଲାଟ୍ ପିଚ୍ ଓ ସଫ୍ଟ ବଲରେ କୁଲଦୀପ ଯାଦବଙ୍କ ପରି ବୋଲର ଦଳ ଲାଗି ଅଧିକ ଲାଭବାନ ସାବ୍ୟସ୍ତ ହୋଇଥାନ୍ତେ। ତାଙ୍କୁ ନ ଖେଳାଇବା ସମ୍ପର୍କରେ ଗିଲଙ୍କ ମତ ହେଲା, କୁଲଦୀପ୍ ଭାଇଙ୍କ ବୋଲିଂର ତୁଳନା ନାହିଁ। କିନ୍ତୁ ଶେଷ ଭାଗ ବ୍ୟାଟିଂକୁ ଶକ୍ତିଶାଳୀ କରିବା ଲାଗି ୱାସି (ୱାଶିଂଟନ ସୁନ୍ଦର)ଙ୍କୁ ଖେଳାଇଥିଲୁ। ଏହା ଆମ ଲାଗି ଲାଭବାନ ସାବ୍ୟସ୍ତ ହୋଇଛି। ଏଣୁ ଆମ ନିଷ୍ପତ୍ତି ଠିକ୍ ଥିଲା ବୋଲି ସେ କହିଛନ୍ତି।

## ଆର୍ଚର, ଆଟକିନସନଙ୍କ ମୁକାବିଲା ଲାଗି ଭାରତ ପ୍ରସ୍ତୁତ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି): ଭାରତଠାରୁ ଦ୍ୱିତୀୟ ଟେଷ୍ଟ ହାରିବାର ଅଳ୍ପ ସମୟ ମଧ୍ୟରେ ତୃତୀୟ ଟେଷ୍ଟ ଲାଗି ଦଳ ଘୋଷଣା କରିଛି ଇଂଲଣ୍ଡ। ଏହି ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ। ଦଳରେ କୌଣସି ଖେଳାଳିଙ୍କୁ ବାଦ୍ ଦିଆଯାଇ ନ ଥିଲାବେଳେ ଫାଷ୍ଟ ବୋଲର ଗସ୍ ଆଟକିସନଙ୍କୁ ସାମିଲ କରିଛି। ଫଳରେ ଇଂଲଣ୍ଡ ଦଳର ବୋଲିଂ ଶକ୍ତି ବୃଦ୍ଧି ପାଇଛି। ପୂର୍ବରୁ ଜୋଫ୍ରା ଆର୍ଚରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଥିଲା। ଏହା ଫଳରେ ଲର୍ଡ୍ସର ସୁଇଂ ଓ ବାଉନ୍ସି ୱିକେଟରେ ଉଭୟ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ଇଂଲଣ୍ଡରେ ସ୍ପିନରଙ୍କର ଆବଶ୍ୟକତା ନାହିଁ। ଏଣୁ ଲର୍ଡସରେ ଇଂଲଣ୍ଡ କେବଳ ଫାଷ୍ଟ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଓ ପଞ୍ଚମ ଟେଷ୍ଟ ଓଭାଲରେ ଜୁଲାଇ ୩୧ରୁ ଖେଳାଯିବ।

**ଇଂଲଣ୍ଡ ଦଳ**

ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର, ଗସ ଆଟକିନସନ, ସୋଏବ ବସିର, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ, ଜେମି ସ୍ମିଥ୍, ଜୋଶ ଟଙ୍ଗ୍ ଓ କ୍ରିସ୍ ଓକ୍ସ।

## ରାଞ୍ଚିରେ ଜନ୍ମଦିନ ପାଳିଲେ ଧୋନି



ରାଞ୍ଚି, ୭।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ସୋମବାର (ଜୁଲାଇ ୭) ତାଙ୍କର ୪୪ତମ ଜନ୍ମଦିନ ପାଳିଛନ୍ତି। ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ଷ୍ଟାଡିୟମରେ ୭ଜଣ ଲୋକଙ୍କ ଗହଣରେ ଧୋନି କେକ୍ କାଟି ସାଧାରଣ ଭାବେ ଜନ୍ମଦିନକୁ ପାଳିଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ଥିଲା ଧୋନିଙ୍କ ଚିରାଚରିତ ଭାଗ୍ୟଶାଳୀ ନମ୍ବର '୭'କୁ ଏହି ସମୟରେ ଦେଖିବାକୁ ମିଳିଥିଲା। ଧୋନି ୭ଜଣ ଲୋକଙ୍କୁ କେକ୍ କାଟିବା ସମୟରେ ପାଖରେ ରଖିଥିଲେ। ସେହି ୭ଜଣ ମଧ୍ୟ କୌଣସି ମାନ୍ୟଗଣ ବ୍ୟକ୍ତି ନ ଥିଲେ। ବରଂ ରାଞ୍ଚି ଷ୍ଟାଡିୟମର ୭ଜଣ ସାଧାରଣ କର୍ମଚାରୀ ଥିଲେ।

## ୱେଷ୍ଟଇଣ୍ଡିଜର କ୍ରମାଗତ ୨ୟ ପରାଜୟ

ସେଣ୍ଟ ଜର୍ଜ୍ସ, ୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟକୁ ଅଷ୍ଟ୍ରେଲିଆ ୧୩୩ ରନରେ ଜିତିନେଇଛି। ୨୭୭ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସରେ ୧୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ରୋଷ୍ଟନ ଚେଜ୍ ୩୪, ବ୍ରାଣ୍ଡନ କିଙ୍ଗ୍ ୧୪, ସାଇ ହୋପ୍ ୧୭, ସାମରା ଜୋସେଫ୍ ୨୪ ରନ କରି ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଫଳ ବୋଲର ଭାବେ ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

## ୱିମ୍ବଲଡନ କ୍ୱାର୍ଟରରେ ଜୋକୋଭିଚ୍

ଲଣ୍ଡନ, ୭।୭ (ଏଜେନ୍ସି): ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ପୁରୁଷ ବିଭାଗରେ ସର୍ବିୟା ତାରକା ନୋଭାକ ଜୋକୋଭିଚ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬ର ଏକ ମୁକାବିଲାରେ ଜୋକୋଭିଚ୍ ୧-୬, ୬-୪, ୬-୪, ୬-୪ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ଜୋକୋଭିଚ୍ ୧୬ଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର କ୍ୱାର୍ଟରରେ ପହଞ୍ଚିଛନ୍ତି। ଯଦି ଜୋକୋଭିଚ୍ ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବେ। ଅପରପକ୍ଷରେ ମହିଳା ବିଭାଗରେ ସୁଇଜରଲାଣ୍ଡର ବେଲିଣ୍ଡା ବେନିକ ଓ ଆମେରିକାର ଆମଣ୍ଡା ଆନିସିମୋଭା କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସୋମବାର ଅନୁଷ୍ଠିତ ରାଉଣ୍ଡ-୧୬ର ଏକ ମ୍ୟାଚରେ ବେଲିଣ୍ଡା ୭-୬ (୭/୪), ୬-୪ ସେଟ୍‌ରେ ରୁଷିଆ ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ସେହିଭଳି ୧୩ତମ ସିଡ୍ ଆମେରିକାର ଆନିସିମୋଭା ୬-୨, ୭-୫, ୬-୪ ସେଟ୍‌ରେ ଚେକ୍ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

## ସଂଯୋଗ ଗୁପ୍ତା ଆଇସିସିର ନୂଆ ସିଇଓ



ଦୁବାଇ,୭।୭ (ଏଜେନ୍ସି): ଜିଓଷ୍ଟାର ସିଇଓ ସଂଯୋଗ ଗୁପ୍ତା ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)ର ନୂଆ ସିଇଓ (କାର୍ଯ୍ୟନିର୍ବାହୀ ଅଧିକାରୀ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖେଳ ପରିଚାଳନାରେ ଗୁପ୍ତାଙ୍କର ଢ଼େର ଅଭିଜ୍ଞତା ରହିଛି ଓ ତାଙ୍କ ଉପସ୍ଥିତି ଆଇସିସି ଓ କ୍ରିକେଟକୁ ଲାଭବାନ କରାଇବ ବୋଲି ଏହାର ଅଧ୍ୟକ୍ଷ ଜୟ ଶାହ କହିଛନ୍ତି। ଜେଫ୍ ଆଲାରଡାଇସ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଆଲାରଡାଇସ ଗତବର୍ଷ ତାଙ୍କ ପଦବୀରୁ ଓହରିଯାଇଥିଲେ।

## ସ୍ୱିଟିଙ୍କ ହ୍ୟାଟ୍ରିକ୍: ଓଡ଼ିଶା ବିଜୟୀ

ଭୁବନେଶ୍ୱର, ୭।୭ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ମହିଳା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଓଡ଼ିଶା ସ୍ୱିଟି କୁଜୁରଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ୩-୧ରେ ଅନ୍ୟତମ ଶକ୍ତିଶାଳୀ ପଞ୍ଜାବ ଦଳକୁ ପରାସ୍ତ କରିଥିଲା। ସ୍ୱିଟି ମ୍ୟାଚର ୧୫ତମ, ୩୦ତମ ଓ ୫୯ତମ ମିନିଟ୍‌ରେ ଏହି ୩ଟି ଗୋଲ୍ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଏଥିସହ ୩ ପଏଣ୍ଟ ପାଇ ଓଡ଼ିଶା ଖାତା ଖୋଲିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ମହାରାଷ୍ଟ୍ର ଦଳକୁ ଭେଟିବ।

## ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ସୁସ୍ମିତାଙ୍କୁ ୫ମ ପଦକ

ଭୁବନେଶ୍ୱର, ୭।୭ (ସମିସ): ଓଡ଼ିଶା ପୁଲିସରେ କାର୍ଯ୍ୟରତ ସୁସ୍ମିତା ଟିଗା ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ତାଙ୍କ ଦମ୍‌ଦାର



ପ୍ରଦର୍ଶନ ଜାରି ରଖି ୫ମ ପଦକ ବିଜୟୀ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ହାଫ୍ ମାରାଥନ (୨୧.୧ କିମି)ରେ ସୁସ୍ମିତା ପୋଡିୟମର ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଚଳିତ ବିଶ୍ୱ ପୁଲିସ କ୍ରୀଡ଼ାରେ ସୁସ୍ମିତା ଏଥିପୂର୍ବରୁ ୧୫୦୦ ମିଟର ରେସ୍ ଓ ୩୦୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ, ୮୦୦ ମିଟରରେ ରୌପ୍ୟ ଏବଂ ୪ ଗୁଣା ୪୦୦ ମିଟର ରିଲେରେ କାଂସ୍ୟ ପଦକ ଜିତିଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶାରେ ପ୍ରଥମଥର ହେବ ବରିଷ୍ଠ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୭।୭ (ସମିସ): ଓଡ଼ିଶାରେ ପ୍ରଥମଥର ହେବାକୁ ଯାଉଛି ବରିଷ୍ଠ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ। ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟର ହାଇ ପରଫର୍ମାନ୍ସ ସେଣ୍ଟର ଓ ପୋଖରୀପୁଟ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ଜୁଲାଇ ୮ରୁ ଆରମ୍ଭ ହୋଇ ୧୫ରେ ଶେଷ ହେବ। ଦେଶର ୧୫୦୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ୪ ଦିନ କ୍ୱାଲିଫାଇଂ ଇଭେଣ୍ଟ ହେବ ଓ ଏହା ପରେ ମୁଖ୍ୟ ଇଭେଣ୍ଟରେ ଖେଳାଯିବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲିନ କୁମାର ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଲାଗି ଆହ୍ୱାନ ଦେଇଛନ୍ତି। ସଂଯୋଜକ ସୁଦୀପ ବିଶୋଇ, କମଲ ଦାସ, ଶୈଳେନ୍ଦ୍ର ଚୌଧୁରୀ, କମଲ ପଟ୍ଟନାୟକ, ପ୍ରଦୀପ ମହାନ୍ତି ରହିଛନ୍ତି। ଚିଫ୍ ରେଫରୀ ସିଆର୍ ରାଜୀବ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ ବୋଲି ମିଡିଆ ମ୍ୟାନେଜର ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

## ମୁଲ୍‌ଡର୍‌ଙ୍କ ରେକର୍ଡ ତ୍ରିଶତକ



ବୁଲାୱାୟୋ, ୭।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍ କୀର୍ତ୍ତିମାନଭରା ତ୍ରିଶତକୀୟ ପାଳି ଖେଳିଛନ୍ତି। ମୁଲ୍‌ଡର୍‌ଙ୍କ ଅପରାଜିତ ୩୬୭ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୧୪ ଓଭରରେ ୫ ୱିକେଟରେ ୬୨୬ ରନ କରି ପାଳି ଘୋଷଣା କରିଛି। ମୁଲ୍‌ଡର ବିଶ୍ୱର ପ୍ରଥମ ଖେଳାଳି ଭାବେ ଟେଷ୍ଟ ନେତୃତ୍ୱ ନେବାର ପ୍ରଥମ ପାଳିରେ ତ୍ରିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗଙ୍କ ନାମରେ ରହିଥିଲା। ଗ୍ରାହମ ୧୯୬୯ରେ ଟେଷ୍ଟ ନେତୃତ୍ୱ ପଦାର୍ପଣର ପ୍ରଥମ ପାଳିରେ ଭାରତ ବିପକ୍ଷରେ ୨୩୯ ରନ କରିଥିଲେ।

ସେହିଭଳି ୨୯୭ ବଲ୍‌ରେ ତ୍ରିଶତକ ହାସଲ କରିଥିବା ମୁଲ୍‌ଡର୍ ମୋଟ୍ ୩୩୪ ବଲ୍ ଖେଳି ୩୬୭ ରନ କରି ଅପରାଜିତ ରହିଥିଲେ। ଏହି ପାଳିରେ ସେ ୪୯ ଚୌକା ଓ ୪ ଛକା ମାରିଥିଲେ। ଏଥିସହ ଟେଷ୍ଟରେ ସେ ଦ୍ୱିତୀୟ ଦ୍ରୁତତମ ତ୍ରିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ଭାରତର ବୀରେନ୍ଦ୍ର ସେହ୍ୱାଗ ୨୦୦୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୭୮ ବଲ୍‌ରେ ତ୍ରିଶତକ ହାସଲ କରି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତ୍ରିଶତକ ହାସଲ କରିବାରେ ମୁଲ୍‌ଡର ଦକ୍ଷିଣ ଆଫ୍ରିକାର ୨ୟ ଓ ବିଶ୍ୱର ୨୯ତମ କ୍ରିକେଟର୍ ହୋଇଛନ୍ତି। ହାସିମ ଅମଲା ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଦି ଓଭାଲ୍ ଗ୍ରାଉଣ୍ଡରେ ୩୧୧ ରନର ପାଳି ଖେଳିଥିଲେ। ମୁଲ୍‌ଡର ଆଉ ୩୪ ରନ କରିଥିଲେ ବ୍ରାଏନ ଲାରା (ଅପରାଜିତ ୪୦୦ ରନ)ଙ୍କ ନାମରେ ରହିଥିବା ଟେଷ୍ଟର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରକୁ ଟପିଯାଇଥାନ୍ତେ। ଦକ୍ଷିଣ ଆଫ୍ରିକାର ୬୨୬/୫ ସ୍କୋର ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ୧୭୦ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଛି।

### ● ଜାତୀୟ ଶିଶୁ ଓ ମିନି ଅସିଚାଳନା

## ବିଭୂତି ପଟେଲଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୭।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ରେ ଅନୁଷ୍ଠିତ ଜାତୀୟ ଶିଶୁ (୧୦ ବର୍ଷରୁ କମ୍) ଓ ମିନି (୧୨ ବର୍ଷରୁ କମ୍) ଜାତୀୟ ଅସିଚାଳନାରେ ଓଡ଼ିଶାର ବିଭୁତି ଶଙ୍କର ପଟେଲଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ବିଭୂତି ୧୨ ବର୍ଷରୁକମ୍ ବିଭାଗର ଇପି କାଟାଗୋରୀରେ ଏହି ସଫଳତା ପାଇଛନ୍ତି। ବିଭୁତି ବଲାଙ୍ଗୀର କ୍ରୀଡ଼ାଛାତ୍ରାବାସରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ରାଜ୍ୟ କ୍ରିକେଟ ଶୀର୍ଷକୁ ନେବା ପାଇଁ ଓସିଏର ଉଦ୍ୟମ

କଟକ,୭।୭ (ସମିସ)

ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢ଼ାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ। ରାଜ୍ୟ କ୍ରିକେଟକୁ ଶୀର୍ଷକୁ ନେବା ପାଇଁ ଓସିଏର ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି ଆଲୋଚନା ଜୋର ଧରିଛି।

ରାଜ୍ୟରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆୟୋଜନ କରାଯାଉଥିଲେ ସୁଦ୍ଧା ଏହାର ବ୍ୟାପକ ପ୍ରଚାର, ପ୍ରସାର ଅଭାବ ଯୋଗୁଁ ପ୍ରତିଭାବାନ ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ଅଣଦେଖା ହୋଇ ରହିଯାଉଥିଲା। ଏଥିରେ ପରିବର୍ତ୍ତନ ଅଣାଯିବା ସହ ମ୍ୟାଚ୍ ଗୁଡିକର ସିଧାପ୍ରସାରଣ ଏଣିକି ଅନ୍ତର୍ଜାତୀୟ ସ୍ତରର ପ୍ଲାଟଫର୍ମରେ ପ୍ରଦର୍ଶନ କରାଯିବ। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଓପିଟିଏଲ ଆୟୋଜନର ମଙ୍ଗ ଧରିବ। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ହୋଇ ସାରିଛି। ଖୁବଶୀଘ୍ର ଓସିଏ ଚୂଡାନ୍ତ ଫ୍ରାଞ୍ଚାଇଜ ତାଲିକା ପ୍ରକାଶ କରିବ। ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବା ପାଇଁ କାର୍ଯ୍ୟଧାରା ଅଗ୍ରଗତି କରିଛି।

### ଓପିଟିଏଲ୍‌କୁ ନେଇ ନୂଆ ଆଶା

ନିକଟ ଅତୀତରେ ରାଜ୍ୟ ବରିଷ୍ଠ ଦଳର ଖେଳାଳି ଏକମାସିଆ ଶ୍ରୀଲଙ୍କା ଗସ୍ତରେ ଯାଇ ୪ଟି ତ୍ରିଦିବସୀୟ ଏବଂ ୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଫେରିଛି। ଉକ୍ତ ଏକ୍ସପୋଜର ଟୁର୍‌ରେ କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନଜରରେ ରଖି ଡ୍ରାଫ୍ଟ ପ୍ରସ୍ତୁତ କରାଯିବ। ତେବେ ଓପିଟିଏଲରେ ପ୍ରତ୍ୟେକ ଦଳରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ସାମିଲ କରାଯିବା ପାଇଁ ସ୍ଥିର କରିଛି ଓସିଏ। ଯେଉଁଥିରେ ବରିଷ୍ଠ ବର୍ଗରୁ ୧୨ଜଣ ଏବଂ ୪ଜଣ କନିଷ୍ଠ ବର୍ଗର ଖେଳାଳି ରହିବେ। ଡ୍ରାଫ୍ଟ ତାଲିକା ଘୋଷଣା ପୂର୍ବରୁ ପ୍ରାଥମିକ ପର୍ଯ୍ୟାୟରେ କନିଷ୍ଠ ବର୍ଗର ୫୦ଜଣିଆ ଖେଳାଳି ତାଲିକା ପ୍ରସ୍ତୁତ କରାଯାଉଛି। ସେହିପରି ଅଧିନାୟକତ୍ୱ ନିମନ୍ତେ କିଛି ବରିଷ୍ଠ ଖେଳାଳିଙ୍କ ନାମ ଏବେ ଆଲୋଚନାରେ ଥିବା ବେଳେ ଖୁବଶୀଘ୍ର ଏହା ଘୋଷଣା ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ରାଜ୍ୟ କ୍ରିକେଟର ଧାରା ବଦଳିବା ଭଳି ଟୁର୍ଣ୍ଣାମେଣ୍ଟ ହେବ ଓପିଟିଏଲ। ଓଡ଼ିଆ ଖେଳାଳିମାନଙ୍କ ନିମନ୍ତେ ଏହା ଏକ ବଡ ମଞ୍ଚ ସାବ୍ୟସ୍ତ ହେବ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କ ଉପରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ପଡିବ। ଖେଳାଳିମାନେ ସମ୍ପୂର୍ଣ୍ଣ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳିବାର ଅଭିଜ୍ଞତା ପାଇବେ ବୋଲି ସଞ୍ଜୟ ମତ ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS